

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୧୧ ଭୁବନେଶ୍ୱର ମଙ୍ଗଳବାର, ଡ଼ିସେମ୍ବର ୩୧,୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.111 Bhubaneswar, Tuesday, December 31, 2024


## ଜାନୁୟାରି ୩ରୁ ଭୁବନେଶ୍ୱରରୁ ୫ ସହରକୁ ବିମାନ ସେବା




ଭୁବନେଶ୍ୱର,୩୦/୧୨: ନୂଆବର୍ଷରୁ ଓଡ଼ିଶାର ଦୁଇ ପ୍ରମୁଖ ବିମାନ ବନ୍ଦର ଭୁବନେଶ୍ୱର ଓ ଝାରସୁଗୁଡ଼ାରୁ ଅଧିକ ସହରକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ । ଜାନୁୟାରି ୧ରୁ ଝାରସୁଗୁଡ଼ା ବିମାନ ବନ୍ଦରରୁ ଅଧିକ ୪ଟି ସହରକୁ ଏବଂ ଜାନୁୟାରି ୩ରୁ ଭୁବନେଶ୍ୱର ବିମାନ ବନ୍ଦରରୁ ୫ଟି ସହରକୁ ସିଧାସଳଖ ବିମାନ ସେବା ଉପଲବ୍ଧ ହେବ। ଏହି ସବୁ ନୂଆ ସହରକୁ ସିଧାସଳଖ ବିମାନ ସେବା ପାଇଁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଏସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ଦେଢ଼ମାସ ପୂର୍ବରୁ ସିଧାସଳଖ ବିମାନ ସେବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମଧ ସୋସିଆଲ ମିଡ଼ିଆ ଏକ୍ସରେ ସୂଚନା ଦେଇଥିଲେ । ଓଡ଼ିଶାର ଯୋଗାଯୋଗ ବ୍ୟବସ୍ଥାରେ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ୦୧ ଜାନୁଆରୀ ୨୦୨୫ରୁ ଝାରସୁଗୁଡାରୁ ହାଇଦ୍ରାବାଦ୍, ରାୟପୁର, ଲକ୍ଷ୍ନୌ, ମୁମ୍ବାଇକୁ ଏବଂ ୦୩ ଜାନୁଆରୀ ୨୦୨୫ରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଇନ୍ଦୋର, ଡେରାଡୁନ୍, କୋଚି, ଜୟପୁର, ଲକ୍ଷ୍ନୌକୁ ସିଧାସଳଖ ବିମାନ ସେବା ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ସୋମବାର ଏକ୍ସରେ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଓଡ଼ିଶା ବିକାଶର ନୂଆ ଉଡ଼ାଣ କରୁଛି । ଏବେ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ଏହା ରାଜ୍ୟର ଅର୍ଥନୀତିକ ବିକାଶ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଓଡ଼ିଶାର ଯୋଗାଯୋଗ ବ୍ୟବସ୍ଥାରେ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜାନୁୟାରି ୧ରୁ ଝାରସୁଗୁଡ଼ାର ବୀରସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ହାଇଦ୍ରାବାଦ,ରାୟପୁର, ଲକ୍ଷ୍ନୌ ଓ ମୁମ୍ବାଇକୁ ସିଧାସଳଖ ବିମାନ ସେବା ମିଳିବ । ସେହିପରି ଜାନୁୟାରି ୩ରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରରୁ ଇନ୍ଦୋର, ଡେରାଡୁନ, କୋଚି, ଜୟପୁର ଓ ଲକ୍ଷ୍ନୌକୁ ସିଧାସଳଖ ବିମାନ ସେବା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଇସ୍ରୋ ଲଞ୍ଚ୍ କଲା ସ୍ପେଡେକ୍ସ ମିସନ

### ମହାକାଶରେ ଯୋଡ଼ିହେବ ଦୁଇଟି ସାଟେଲାଇଟ୍



ଶ୍ରୀହରିକୋଟା,୩୦/୧୨: ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସ୍ପେସ୍ ଡକିଂ ଏକ୍ସପେରିମେଣ୍ଟ (ସ୍ପେଡେକ୍ସ)କୁ ସୋମବାର ପିଏସ୍ଏଲଭି ରକେଟ୍ ଜରିଆରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତକ୍ଷେପଣ କରାଯାଇଛି। ଇସ୍ରୋ ଏହି ଅଭିଯାନ ପାଇଁ ଦୁଇଟି ଉପଗ୍ରହ ବ୍ୟବହାର କରିଛି, ଯାହାର ନାମ ଚେଜର (ଏସଡିଏକ୍ସ୦୧) ଏବଂ ଟାର୍ଗେଟ (ଏସଡିଏକ୍ସ୦୨) ରହିଛି। ସେମାନଙ୍କ ଓଜନ ୨୨୦ କିଲୋଗ୍ରାମ ହେବ। ସଫଳ ପୋଲାର ସାଟେଲାଇଟ୍ ଲଞ୍ଚ ଭେଇକିଲ୍ (ପିଏସଏଲଭି) ଜରିଆରେ ଏହି ଉତକ୍ଷେପଣ କରାଯିବ। ଭାରତ ପାଇଁ ଏହା କୌଣସି ଐତିହାସିକ ଅବସରଠାରୁ କମ୍ ନୁହେଁ। ଯଦି ଏହି ମିଶନ ସଫଳ ହୁଏ ତେବେ ରୁଷିଆ, ଆମେରିକା ଓ ଚୀନ ପରେ ମହାକାଶ ଡକିଂ ହାସଲ କରିବାରେ ଭାରତ ବିଶ୍ୱର ଚତୁର୍ଥ ଦେଶ ହୋଇଯିବ। ସ୍ପେଡେକ୍ସ ଟେକ୍ନୋଲୋଜି ବର୍ତ୍ତମାନ ମାତ୍ର ତିନୋଟି ଦେଶ ପାଖରେ ଅଛି– ଆମେରିକା, ରୁଷ ଓ ଚୀନ । ଇସ୍ରୋର ଏହି ମିସନ ସଫଳ ହେଲେ ଏହି ଟେକନଲୋଜୀ ହାସଲ କରିବାରେ ଭାରତ ୪ର୍ଥ ଦେଶ ହେବ । ସ୍ପେଡେକ୍ସ ଟେକ୍ନୋଲୋଜି ବର୍ତ୍ତମାନ ମାତ୍ର ତିନୋଟି ଦେଶ ପାଖରେ ଅଛି– ଆମେରିକା, ରୁଷ ଓ ଚୀନ । ଇସ୍ରୋର ଏହି ମିସନ ସଫଳ ହେଲେ ଏହି ଟେକନଲୋଜୀ ହାସଲ କରିବାରେ ଭାରତ ୪ର୍ଥ ଦେଶ ହେବ । ସ୍ପେଡେକ୍ସର ଅର୍ଥ ହେଉଛି ସ୍ପେସ୍ ଡକିଂ ପରୀକ୍ଷଣ । ଡକିଂ ଅର୍ଥ ମହାକାଶରେ ଦୁଇଟି ମହାକାଶଯାନ ବା ଉପଗ୍ରହକୁ ସଂଯୋଗ କରିବା ଏବଂ ଅନଡକିଂର ଅର୍ଥ ମହାକାଶରେ ଥିବା ସମୟରେ ଏହି ଦୁଇଟିକୁ ଅଲଗା କରିବା । ଏହି ମିଶନର ସଫଳତା ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

## ଫେବ୍ରୁଆରି ସୁଦ୍ଧା ଆୟୁଷ୍ମାନ ଭାରତ



ଭୁବନେଶ୍ୱର,୩୦/୧୨: ୨୦୨୫ ଫେବ୍ରୁଆରି ସୁଦ୍ଧା ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ– ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ଟିମ୍ ଏକ ସର୍ଭେ କରିଛନ୍ତି ବୋଲି ସେ କହିଛନ୍ତି, ଆମେ ପ୍ରତିଶ୍ରୁତି ଦେଇଥିଲୁ ଯେ ଚଳିତ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ଫେବ୍ରୁଆରି ଶେଷ ସୁଦ୍ଧା ଏହି ଯୋଜନା କାର୍ଯ୍ୟକାରୀ ହେବ। ସ୍ୱାସ୍ଥ୍ୟ ବୀମା ଯୋଜନାରୁ କେହି ବଞ୍ଚିତ ହେବେ ନାହିଁ । ରାଜ୍ୟରେ ପ୍ରାୟ ସାଢେ ୩ କୋଟି ଲୋକଙ୍କୁ ଏହି ଯୋଜନାରେ ସ୍ୱାସ୍ଥ୍ୟ କାର୍ଡ ମିଳିବ ବୋଲି ସେ କହିଛନ୍ତି ଏହାବ୍ୟତୀତ ନୂଆ ବର୍ଷରେ ମେଡିକାଲ କଲେଜ ଓ ନର୍ସିଂ କଲେଜ ସଂଖ୍ୟା ବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆୟୁଷ୍ମାନ ଭାରତ ଯୋଜନା ଏବଂ ରାଜ୍ୟ ପ୍ରାୟୋଜିତ ସ୍ୱାସ୍ଥ୍ୟ ସେବା ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର । କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବା ପରେ ହିତାଧିକାରୀମାନେ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ୨୭ ହଜାର ହସ୍ପିଟାଲରେ ମାଗଣା ଚିକିତ୍ସା ପାଇପାରିବେ। ବିଜେପି ସରକାର ନିଜର ନିର୍ବାଚନୀ ଇସ୍ତାହାରରେ ରାଜ୍ୟରେ କ୍ଷମତାକୁ ଆସିବାର ୧୦୦ ଦିନ ମଧ୍ୟରେ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଭୋଟରଙ୍କ ଉପରେ ଏହାର ପ୍ରଭାବ ପଡ଼ିପାରେ ବୋଲି ପୂର୍ବ ବିଜେଡି ସରକାର ଏହି ଯୋଜନାକୁ ଅନୁମତି ଦେଇନଥିଲେ। ପୂର୍ବ ସରକାର ନିଜସ୍ୱ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଆରମ୍ଭ କରିଥିଲେ, ଯାହାକୁ ବର୍ତ୍ତମାନ ବିଜେପି ସରକାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ନାମରେ ନାମିତ କରିଛନ୍ତି ।

## ୨୦୨୫ ହେବ 'ସୁଭଦ୍ରା' ବର୍ଷ

### ମହିଳାଙ୍କୁ ତିନି ଥର ମିଳିବ ସୁଭଦ୍ରା ଟଙ୍କା



ଭୁବନେଶ୍ୱର,୩୦/୧୨:'ସୁଭଦ୍ରା' ଯୋଜନାକୁ ନେଇ ବଡ଼ ସୂଚନା ଦେଲେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। 'ସୁଭଦ୍ରା' ଚତୁର୍ଥ ପର୍ଯ୍ୟାୟ କିସ୍ତି ନେଇ ଉପମୁଖ୍ୟମନ୍ତ୍ରୀ ମନ୍ତବ୍ୟ ଦେଇ କହିଛନ୍ତି, ୨୦୨୫ରେ ମହିଳାଙ୍କୁ ମିଳିବ ପ୍ରଥମ ଦଫାର ଚତୁର୍ଥ ପର୍ଯ୍ୟାୟ ଟଙ୍କା। ଜାନୁଆରୀ ପ୍ରଥମ ସପ୍ତାହରେ ପୁରା ସର୍ଭେ ସରିବ। ଯାଞ୍ଚ ପ୍ରକ୍ରିୟା ଚାଲିଥିବାରୁ ଚତୁର୍ଥ ପର୍ଯ୍ୟାୟ ସ୍ଥଗିତ ରଖାଯାଇଥିଲା । ତେବେ ଆଜି ଫିଲ୍ଡ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ। ଏହାପରେ ମାର୍ଚ୍ଚ ୮ ଓ ରକ୍ଷା ବନ୍ଧନରେ ମିଳିବ ସୁଭଦ୍ରା ଟଙ୍କା।୨୦୨୫ ହେବ 'ସୁଭଦ୍ରା' ବର୍ଷ। ଚଳିତ ମାସ ଡିସେମ୍ବର ୨୫ ତାରିଖରେ ମିଳିବାର ଥିଲା 'ସୁଭଦ୍ରା' ଟଙ୍କା। ଏନେଇ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ମଧ ସୂଚନା ଦିଆଯାଇଥିଲା । ମାତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଥିବାରୁ ଚତୁର୍ଥ ପର୍ଯ୍ୟାୟ ସ୍ଥଗିତ ରହିଥିଲା। ତେବେ ତୃତୀୟ ପର୍ଯ୍ୟାୟ ସୁଦ୍ଧା ରାଜ୍ୟର ମୋଟ ୮୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇ ସାରିଛି । ଡିସେମ୍ବର ୧ ତାରିଖ ସୁଦ୍ଧା ସୁଭଦ୍ରା ପାଇଁ ମୋଟ ୧ କୋଟି ୫ ଲକ୍ଷ ୩୬ ହଜାର ୬୧୨ ଜଣ ମହିଳା ଆବେଦନ କରିସାରିଛନ୍ତି । ସୂଚନା ଅନୁସାରେ ନଭେମ୍ବର ୨୪ରେ ସୁନ୍ଦରଗଡ଼ରେ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଇଥିଲେ ମୁଖ୍ୟମନ୍ତ୍ରୀ । ସିଧାସଳଖ୨୦ ଲକ୍ଷରୁ ଅଧିକ ମହିଳାଙ୍କ ଖାତାକୁ ଯାଇଥିଲା ସୁଭଦ୍ରା ଟଙ୍କା। ଏହି ଅବସରରେ ପୂର୍ବ ସରକାରକୁ ଟାର୍ଗେଟ୍ କରି କହିଥିଲେ, ଖାଲି ମିଶନ ଶକ୍ତି ଗଠନ କରି ପ୍ରଚାର କରୁଥିଲେ, ମହିଳାଙ୍କୁ ଆମେ ସ୍ୱାବଲମ୍ବୀ କରିବୁ। ଏବେ ବି ଅନେକ ମହିଳା ଆବେଦନ କରି ସହାୟତା ଅପେକ୍ଷାରେ ଅଛନ୍ତି। ଆସନ୍ତା ବର୍ଷ ମାର୍ଚ୍ଚ ୭ 'ସୁଭଦ୍ରା' ଆବେଦନର ଡେଡଲାଇନ୍ । ୨୦୨୫ ମାର୍ଚ୍ଚ ୭ 'ସୁଭଦ୍ରା' ପ୍ରଥମ କିସ୍ତି ଆବେଦନର ଶେଷ ତାରିଖ । ଏନେଇ ସୂଚନା ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ମାର୍ଚ୍ଚ ୮ ମହିଳା ଦିବସରେ ଦ୍ୱିତୀୟ କିସ୍ତି ସୁଭଦ୍ରା ଟଙ୍କା ମିଳିବ । ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ସୁଭଦ୍ରା ଟଙ୍କା ପଠାଯାଇଛି । ୩ଟି ପର୍ଯ୍ୟାୟରେ ମୋଟ୍ ? ୮୦ ଲକ୍ଷ ୩୫ ହଜାର ମହିଳାଙ୍କୁ ସୁଭଦ୍ରା ସହାୟତା ରାଶି ମିଳିସାରିଲାଣି । ଜାନୁଆରୀରେ ଚତୁର୍ଥ ପର୍ଯ୍ୟାୟରେ ଆଉ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦେଇ କୋଟିଏ ହିତାଧିକାରୀଙ୍କୁ ସାମିଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

## ଅଦିନିଆ ବର୍ଷାରେ ବ୍ୟାପକ ଫସଲ କ୍ଷତି

### ତୁରନ୍ତ କ୍ଷତିପୂରଣ ଦେବା ପାଇଁ ନବୀନଙ୍କ ଦାବି



ଭୁବନେଶ୍ୱର,୩୦/୧୨:ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଦିନିକିଆ ଗଞ୍ଜାମ ଗସ୍ତରେ ଯାଇ ଅଦିନିଆ ବର୍ଷା। କ୍ଷତିଗ୍ରସ୍ତ ଶେରଗଡ଼ର ଟକରଡ଼ା, ହିଞ୍ଜିଳିର ପୋଡିଙ୍ଗ,ଆସ୍କାର ବରଗାଁ, କବିସୂର୍ଯ୍ୟନଗରର ଆମ୍ବିଶିଖରପୁର ଓ ଖଲିକୋଟର ଭରସାଗାଁ ଆଜି ଅଞ୍ଚଳରେ କ୍ଷତ୍ରିଗ୍ରସ୍ତ ଚାଷ ଜମି ବୁଲି ଦେଖିଥିଲେ। ଏହି ସମୟରେ ହଜାର ହଜାର ଛାଡି,ମହିଳା ନବୀନ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇଥିଲେ।ସେମାନେ ଅଭିଯୋଗ କରିଥିଲେ ଯେ ବର୍ଷା ଛାଡି ଯିବାର ଏତେ ଦିନ ପରେ ମଧ କୌଣସି ସରକାରୀ କର୍ମଚାରୀ ଏ ପର୍ଯ୍ୟନ୍ତ କ୍ଷେତ୍ର ପରିଦର୍ଶନରେ ଆସିନାହାନ୍ତି। ବର୍ଷା ସମ୍ପର୍କରେ ସରକାରଙ୍କ ପକ୍ଷରୁ ଆଗୁଆ ସୂଚନା ଜାରି କରା ଯାଇଥିଲେ ଫସଲ ବଞ୍ଚି ଯାଇଥାନ୍ତା ବୋଲି ଚାଷୀ ମାନେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଫସଲ ବୀମା ସମ୍ପର୍କରେ ମଧ ସରକାରଙ୍କ ତରଫରୁ ଠିକ ଭାବରେ ଅବଗତ କରାଯାଇନାହିଁ ବୋଲି ଚାଷୀ ମାନେ ବିରୋଧୀ ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନବୀନ ପଟ୍ଟନାୟକ ଚାଷୀ ମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ସେ ସବୁବେଳେ ଚାଷୀ ଭାଇ ଭଉଣୀଙ୍କ ସହ ଅଛନ୍ତି ଓ ସେମାନଙ୍କ ହକ ପାଇଁ ଲଢେଇ କରିବେ। ବର୍ଷା ସମ୍ପର୍କରେ ଆଗୁଆ ସୂଚନା ମିଳିଥିଲେ ଫସଲ ବଞ୍ଚି ଯାଇଥାନ୍ତା ବୋଲି ନବୀନ ପଟ୍ଟନାୟକ ମତ ଦେଇ କହିଥିଲେ ଯେ ଗଞ୍ଜାମର ଚାଷୀକୁଳ ଦୁଃଖରେ ଅଛନ୍ତି। ଅଦିନିଆ ବର୍ଷା ସେମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ତେଣୁ କାଳ ବିଳମ୍ବ ନ କରି ତୁରନ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ପାଇଁ ନବୀନ ପଟ୍ଟନାୟକ ସରକାରଙ୍କ ନିକଟରେ ଦୃଢ଼ ଦାବୀ ଜଣାଇଛନ୍ତି। ସେ ସବୁବେଳେ ଚାଷୀ ମାନଙ୍କ ସହ ଅଛନ୍ତି ବୋଲି ବୋଲି ଆଶ୍ୱାସନା ଦେଇଥିଲେ। ଅଦିନିଆ ବର୍ଷା ଯୋଗୁଁ ଗଞ୍ଜାମରେ ବ୍ୟାପକ ଫସଲ କ୍ଷତି ଘଟିଛି ଓ ଚାଷୀ ଦୁଃଖ ରେ ଅଛନ୍ତି ବୋଲି ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଚାଷୀଙ୍କ ଦୁଃଖ ସମୟରେ ରାଜ୍ୟ ସରକାରଙ୍କ ଉଦାସୀନତା ପାଇଁ ଉଦବେଗ ପ୍ରକାଶ କରି ଶ୍ରୀ ପଟ୍ଟନାୟକ ଚାଷୀଙ୍କ ପାଇଁ ତୁରନ୍ତ ପର୍ଯ୍ୟାପ୍ତ ସହାୟତା ଘୋଷଣା କରିବାକୁ ଦୃଢ଼ ଦାବୀ ଜଣାଇଛନ୍ତି।

## କଟକ-ଭୁବନେଶ୍ୱର-ପୁରୀରେ ଚାଲିବ ଇଲେକ୍ଟ୍ରିକ ଡବଲ ଡେକର ବସ୍



ଭୁବନେଶ୍ୱର,୩୦/୧୨: ଓଡ଼ିଶା ଆସୁଛି ଇ-ଡବଲ ଡେକର ବସ। ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ଓଡ଼ିଶାରେ ଗଡ଼ିବ ଡବଲ ଡେକର ବସ। ଆଜି ମୁମ୍ବାଇରୁ ଓଡ଼ିଶାକୁ ଇଲେକ୍ଟ୍ରିକ ଡବଲ ଡେକର ବସ(E-Double Decker Bus) ଆସୁଥିବା ସୂଚନା ମିଳିଛି। ଡବଲ ଡେକର ବସରେ ରହିଛି ଓଡ଼ିଶା କଳା ଓ ସଂସ୍କୃତର ଛାପ। ଡବଲ ଡେକର ବସରେ କୋଣାର୍କ ଚକ ଓ ଶାନ୍ତସ୍ତୁପ ଧଉଳି ଆଦି ସ୍ଥାନ ପାଇଛି। ପରବର୍ତ୍ତି ସମୟରେ ମୁମ୍ବାଇରୁ ଆଉ ୩ଟି ଡବଲ ଡେକର ବସ ଆସିବ ବୋଲି ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, ପୁରୀ ଓ କଟକ ସହରରେ ଇ-ଡବଲ ଡେକର ବସ ଚଳାଚଳ କରିବ ବୋଲି ଜଣାପଡିଛି। ଆଜି ମୁମ୍ବାଇରୁ ଓଡ଼ିଶାକୁ ଡବଲ ଡେକର ବସ ଆସିବା ନେଇ କ୍ରୁଟ ପକ୍ଷରୁ ସୂଚନା ଦିଆଯାଇଛି। ଇ-ଡବଲ ଡେକର ବସ (E-Double Decker Bus) ହେଉଛି ଏକ ବିଦ୍ୟୁତଚାଳିତ ଡବଲ ଡେକର ବସ, ଯାହା ଦୁଇ ତଳ ବିଶିଷ୍ଟ ଏକ ବଡ଼ ବସ ଅଟେ। ଏହା ବିଶେଷତଃ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ପରିବହନ ପାଇଁ ବିକାଶ କରାଯାଇଛି। ଏହି ଇ-ଡବଲ ଡେକର ବସ ଏକାଧିକ ଯାତ୍ରୀଙ୍କୁ ପରିବହନ କରିବା ସହିତ ଏହା ଧୁଆଁ ତିଆରି ନ କରି କାର୍ବନ ତ୍ୟାଗକୁ କମାଇବାରେ ସହାୟକ ହୋଇଥାଏ। ଇ-ଡବଲ ଡେକର ବସର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ରହିଛି ବିଦ୍ୟୁତ ଚାଳନା ଯାହା ବସଗୁଡ଼ିକ ଶୂନ୍ୟ କାର୍ବନ ତ୍ୟାଗକୁ ନିଶ୍ଚିତ କରିଥାଏ, କାରଣ ଏହା ବିଦ୍ୟୁତ ଶକ୍ତିରେ ଚାଲେ। ଏହା ଦୁଇ ତଳ ବିଶିଷ୍ଟ ବସ ହୋଇ ଥିବାରୁ ଅଧିକ ଯାତ୍ରୀଙ୍କୁ ଏକ ସମୟରେ ବହନ କରିପାରେ। ବିଦ୍ୟୁତ ଚାଳିତ ହୋଇଥିବାରୁ ଏଥିରୁ ଅତ୍ୟଧିକ ଶବ୍ଦ ଉତ୍ପନ୍ନ କରେ ନାହିଁ ଏବଂ ଶବ୍ଦ ପ୍ରଦୂଷଣ କମାଇଥାଏ, ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିସର ସ୍ୱଚ୍ଛତା ରଖିବା, ଟ୍ରାଫିକ ସମସ୍ୟା ହ୍ରାସ କରିବା ଓ ଯାତ୍ରୀଙ୍କ ସୁବିଧା ପ୍ରଦାନ କରିବା ଇତ୍ୟାଦି ଇ-ଡବଲ ଡେକର ବସର ବୈଶିଷ୍ଟ୍ୟ। ଇ-ଡବଲ ଡେକର ବସ ପରିବହନ ଗତିକୁ ସୁଦୃଢ଼ କରିବାରେ ଏକ ବଡ଼ ପଦକ୍ଷେପ ହୋଇଥିବାବେଳେ ଏହା ଆଧୁନିକ ସହର ଯାନଚଳନର ଏକ ନୂଆ ଧାରା ଭାବେ ଉଭା ହୋଇଛି। ଇ-ଡବଲ ଡେକର ବସ ଏବେ ଭାରତର ଅନେକ ସହରରେ ଆରମ୍ଭ ହୋଇଥିବା ସୂଚନା ମିଳିଛି।

## ଲୁଚକାଳି ଖେଳୁଛି ଶୀତ; ଉପରମୁହାଁ ହେଉଛି ପାରଦ



ଭୁବନେଶ୍ୱର,୩୦/୧୨: ଡିସେମ୍ବରରେ ରାଜ୍ୟରୁ ଶୀତ ଉଭାନ। ମାତ୍ର ଦିନ କେଇଟା ଥଣ୍ଡା ପଡ଼ିଥିଲା। ଲଘୁଚାପ ବର୍ଷା ପରେ ବଦଳିଛି ପାଣିପାଗ ମିଜାଜ୍। ଏବେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ରହିବା କଥା, କିନ୍ତୁ ଉପରମୁହାଁ ହେଉଛି ପାରଦ। ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହୁଛି ତାପମାତ୍ରା। ପାଣିପାଗ ବିଭାଗ ତଥ୍ୟ କହୁଛି, ଗତ ୧୦ ବର୍ଷ ହେବ ରାଜ୍ୟରେ ଏଭଳି ଟ୍ରେଣ୍ଡ ଚାଲିଛି। ତେବେ ନୂଆ ବର୍ଷରେ ଆଗାମୀ ୪ ତାରିଖ ଯାଏ ରାତି ତାପମାତ୍ରା ୩ରୁ ୫ ଡିଗ୍ରୀ ଯାଏ ଖସି ଥଣ୍ଡା ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ଉଷ୍ମ ହେଉଛି ଡିସେମ୍ବର। ଉପରମୁହାଁ ହେଉଛି ପାରଦ। ଯେତେବେଳେ ଜାଡ଼, ହାଡ଼ ଭାଙ୍ଗିବା କଥା ସେତେବେଳେ ଖରା କାଟୁଛି। ପୌଷ ସରିବାକୁ ବସିଲାଣି, କିନ୍ତୁ କମ୍ବଳର ବିଶେଷ ଆବଶ୍ୟକତା ପଡୁନି। ଲୁଚକାଳି ଖେଳୁଛି ଶୀତ। ଦିନ କେଇଟା ରାଜ୍ୟରେ ଅଳ୍ପ ବହୁତ ଥଣ୍ଡା ପଡ଼ିଥିଲା। କିନ୍ତୁ ଲଘୁଚାପ ବର୍ଷା ପରେ ବିଲକୁଲ୍ ବଦଳିଛି ପାଣିପାଗ ମିଜାଜ୍। ଡିସେମ୍ବରରେ ରାଜ୍ୟର ଦିନ ତାପମାତ୍ରା ୨୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବା କଥା। କିନ୍ତୁ ବର୍ତ୍ତମାନ ଅଧିକାଂଶ ସହରରେ ପାରଦ ରହୁଛି ୩୧ରୁ ୩୩ ଡିଗ୍ରୀ ସେଲସିୟସ୍। ଅର୍ଥାତ ସ୍ୱାଭାବିକଠାରୁ ୩-୪ ଡିଗ୍ରୀ ଅଧିକ। ପାଣିପାଗ ବିଜ୍ଞାନୀଙ୍କ ମତରେ ରାଜ୍ୟକୁ ବାୟୁ ପ୍ରବାହର ଗତି ପରିବର୍ତ୍ତନ ହୋଇଛି। ଏଥିସହ ପଶ୍ଚିମା ଝଡ଼ ପ୍ରଭାବ, ବାୟୁମଣ୍ଡଳରେ ଜଳୀୟବାଷ୍ପର ମାତ୍ରା କମ୍ ଯୋଗୁଁ ଡିସେମ୍ବରରେ ତାପମାତ୍ରା ଅଧିକ ରହୁଛି। ଡିସେମ୍ବର ଓ ଜାନୁଆରୀରେ ପଡ଼େ ପ୍ରବଳ ଶୀତ। ହାତୋଗୋଡ଼ କାଲୁଆ ପଡ଼ିଯାଏ। କିନ୍ତୁ ଏବର୍ଷ ବିରାଟ ବ୍ୟତିକ୍ରମ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ତଥ୍ୟ କହୁଛି, ଗତ ୧୦ ବର୍ଷରେ ରାଜ୍ୟରେ ଏମିତି ଟ୍ରେଣ୍ଡ ଦେଖିବାକୁ ମିଳିଛି। ଅଧିକାଂଶ ସହରରେ ଡିସେମ୍ବରରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହୁଛି। ୨୦୨୨ ଡିସେମ୍ବରରେ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୩.୨ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିଲା। ସେହିପରି ୨୦୨୦ ଡିସେମ୍ବରରେ ବାଲେଶ୍ୱରରେ ୩୩.୪, ପାରାଦୀପରେ ୩୧.୨, ଝାରସୁଗୁଡ଼ାରେ ୩୩, ୨୦୧୫ରେ କେନ୍ଦୁଝରରେ ୩୨.୯ ଓ ୨୦୧୨ରେ ପୁରୀରେ ଡିସେମ୍ବରରେ ପାରଦ ରହିଥିଲା ୩୧.୬ ଡିଗ୍ରୀ ସେଲସିୟସ୍। ତେବେ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି, ଆଜିଠାରୁ ୪ ତାରିଖ ଯାଏ ରାଜ୍ୟରେ ଥଣ୍ଡା ବଢ଼ିବ। ୩ରୁ ୫ ଡିଗ୍ରୀ ଯାଏ ଖସିବ ରାତି ତାପମାତ୍ରା। ଚଳିତ ବର୍ଷ ଡିସେମ୍ବରରେ ୨ଟି ଦଫାରେ ପାଖାପାଖି ୧୦ ଦିନ ଶୀତ ଅନୁଭୂତ ହୋଇଛି। ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଋତୁଚକ୍ର ଉପରେ ପଡୁଛି। ଫଳରେ ଶୀତ ଦିନେ କେବେ ବର୍ଷା ଦାଉ ସାଧୁଛି ତ କେବେ ଗ୍ରୀଷ୍ମଋତୁ ଭଳି ଟାଇଁ ଟାଇଁ ଖରା।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଯାପିତ



ଯାଜପୁର,୩୦/୧୨(ନି.ପ୍ର): ଗତ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହୋଇଥିବା ଯାଜପୁର ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪ ଉଦଯାପିତ ହୋଇଯାଇଅଛି। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନଳିନୀ ପ୍ରଭା ଜେନା, ଉପ ସଭାପତି ଶ୍ରୀ ଗଣେଶ୍ୱର ବରାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଡେପୁଟି କଲେକଟର ଶ୍ରୀ ରଶ୍ମି ରଞ୍ଜନ ମଲ୍ଲିକ ଯୋଗଦାନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଅରୁଣ କୁମାର ବେହେରା ସଭାରେ ଅଧକ୍ଷତା କରିଥିଲେ। ଦୀର୍ଘ ୫ ଦିନ ଧରି ଜିଲ୍ଲାରେ ଆୟୋଜିତ ହୋଇଥିବା ଏହି କୃଷି ଯନ୍ତ୍ରପାତି ମେଳା ଜିଲ୍ଲାର ଚାଷୀ ଭାଇ ଭଉଣୀ ଓ ଅନ୍ୟ ସମସ୍ତ ଭାଗୀଦାରଙ୍କ ପାଇଁ ବିଶେଷ ଉପଯୋଗୀ ହୋବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ବର୍ଷ ମାନଙ୍କରେ ଆହୁରି ଅଧିକ ସଂଖ୍ୟକ କୃଷକଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ବିଭାଗୀୟ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ଏହି ମେଳା ଖୁବ୍ ସୁନ୍ଦର ଭାବେ ଆୟୋଜିତ ହୋଇଛି ବୋଲି ପ୍ରକାଶ କରିଥିଲେ। ଏହି ମେଳା ସମୟରେ ମୋଟ ୬୦ ଜଣ କୃଷକଙ୍କୁ ବୃହତ୍ ଉଠା ଜଳ ସେଚନ ପ୍ରକଳ୍ପ ସେଚାଞ୍ଚଳରେ ଅଣ ଧାନ ଚାଷ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ କୃଷି ଯନ୍ତ୍ରପାତି ଉଦ୍ଭାବନ ନିମନ୍ତେ ଜିଲ୍ଲାର ୪ ଜଣ କୃଷକଙ୍କୁ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ମଣ୍ଡପ ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଏହି ମେଳାରେ ମୋଟ ୧୨ ଗୋଟି ବିଷୟରେ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଜିଲ୍ଲାର ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ କୃଷକ ଏହି ମେଳା ପରିଦର୍ଶନ କରିଥିଲେ। ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଅରୁଣ କୁମାର ପାତ୍ର ଏହି କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ସହକାରୀ ନିର୍ଦ୍ଦେଶକ ମୃତ୍ତିକା, ମୀରା ପରିଛାଙ୍କ ସମେତ ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ ମେଳା ପରିଚାଳନା କରିଥିଲେ।

# ସ୍ୱର୍ଗତ ପିତବାସଙ୍କ ଶୋକ ସନ୍ତପ୍ତ ପରିବାରଙ୍କୁ ଭେଟିଲା ହୋମଗାର୍ଡ ସଂଘ

ଦାରିଙ୍ଗବାଡି , ୩୦/୧୨(ନି.ପ୍ର): ଓଡ଼ିଶାର ଭୂସ୍ୱର୍ଗ ବା ଦ୍ୱିତୀୟ କାଶ୍ମୀର ଭାବେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନାରେ କାର୍ଯ୍ୟରତ ହୋମଗାର୍ଡ ପ୍ରତ୍ୟେକ ଦିନ ପରି ସେହିଦିନ ମଧ୍ୟ ପିତବାସ ପ୍ରଧାନ ନିଜର ଡ଼ିୟୁଟି ସାରି ଘରକୁ ଫେରୁଥିବା ସମୟରେ ଏକ୍ସିଡେଣ୍ଟରେ ତାଙ୍କର ମୃତ୍ୟୁ ବରଣ କରିଥିଲେ । ପୀତବାସ ଜଣେ ଉତ୍ତମ ଚରିତ୍ର ଅମାୟିକ ମିଷ୍ଟ ଭାସି ବ୍ୟକ୍ତି ଥିଲେ, ତାଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଥାନା ସମେତ ଦାରିଙ୍ଗବାଡି ଅଂଚଳରେ ଶୋକର ଛାୟା ଖେଳି ଯାଇଥିଲା । ଦାରିଙ୍ଗବାଡି ଅଂଚଳର ପରମ୍ପରା ଅନୁଯାଇ କ୍ରିୟାକର୍ମ କରାଯାଇଥିଲା ଓ ତାଙ୍କର ଦଶାହ କାର୍ଯ୍ୟ ଦାରିଙ୍ଗବାଡ଼ି ଅଞ୍ଚଳର ମୁଣ୍ଡାନାଜୁ ଗ୍ରାମରେ ଖ୍ରୀଷ୍ଟାୟ ନୀତି ନିୟମାନୁସାରେ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ପୀତବାସ ଙ୍କ ଶୁଦ୍ଧିକ୍ରିୟାରେ କନ୍ଧମାଳ ଜିଲ୍ଲା ହୋମଗାର୍ଡ ସଂଘ ରାଜ୍ୟ ଉପସଭାପତି ତଥା ମାନବିଧିକାର ମିଶନ ର ଆବାହକ ବିରାଜ ପ୍ରଧାନ ଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ପ୍ରଭାତ କୁମାର ସାହାଣୀ ସମେତ ସଂଘର ଅନ୍ୟ ସମସ୍ତ କର୍ମକର୍ତ୍ତାମାନେ ମୁଣ୍ଡାନାଯୁ ଗ୍ରାମରେ ପହଂଚି ପୀତବାସ ଙ୍କ ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କୁ ଭେଟିଥିଲେ ଓ ସେମାନଙ୍କୁ ସ୍ୱାନ୍ତନା ଦେବା ସହିତ ମୃତ ହୋମଗାର୍ଡ ପୀତବାସଙ୍କ ଫଟୋ ଚିତ୍ର ନିକଟରେ ପ୍ରଦିପ ପ୍ରଜ୍ୱୋଳନ କରି ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ



ଭଗବାନ ଙ୍କ ନିକଟରେ ସମୁହ ପ୍ରାର୍ଥନା କରାଯାଇଥିଲା । ଏହାପରେ ଜିଲ୍ଲା ହୋମଗାର୍ଡ ସଙ୍ଘ ତରଫରୁ ପରିବାର ସଦସ୍ୟ ମାନଙ୍କୁ ନୂତନ ବସ୍ତ୍ର ସହିତ କିଛି ରାସନ ସାମଗ୍ରୀ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ମାନ୍ୟବର ମୂଖ୍ୟମନ୍ତ୍ରୀ ଶ୍ରୀ ଯୁକ୍ତ ମହୋନ ଚରଣ ମାଝିଙ୍କ ନିଷ୍ପତ୍ତି ପ୍ରକାରେ ଯଦି କାର୍ଯ୍ୟକାରୀ ହୁଏ ତାହେଲେ କିପରି ପୀତବାସଙ୍କ ଅସହାୟ ପରିବାର ଜଣଙ୍କୁ ହୋମଗାର୍ଡ ଭାବେ ଅନୁକମ୍ପା ମୂଳକ ନିଯୁକ୍ତି ମିଳିବା ସହିତ ଚାକିରି ଥିବା ସମୟରେ ମୃତ୍ୟୁ ବରଣ କରିଥିବା ହୋମଗାର୍ଡ କର୍ମଚାରୀଙ୍କ ପରିବାରକୁ କିପରି ଭାବେ ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ପାରିବ ସେଇଥିପାଇଁ ସଂଘ ସମସ୍ତ ପ୍ରକାର ଅନୁସଙ୍ଗିକ ସହଯୋଗ କରିବ ବୋଲି ମାନବାଧିକାର ମିଶନ ଆବାହକ ବିରାଜ ପ୍ରଧାନ, ସଭାପତି ପ୍ରଭାତ କୁମାର ସାହାଣୀ ଶୋକ ସନ୍ତପ୍ତ ପରିବାରକୁ ପ୍ରତିଶୃତି ଦେଇଥିଲେ । ବର୍ତ୍ତମାନ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବା ହୋମଗାର୍ଡ କମାଣ୍ଡେଣ୍ଟ ସାହେବଙ୍କୁ ଦାବିପତ୍ର ପ୍ରଦାନ ପୂର୍ବକ ଉପରିସ୍ତ ଅଧିକାରୀଙ୍କ ଉତ୍ତମ ସହଯୋଗରେ ଗୋଟିଏ ଦିନର ଦରମା ମୃତ୍ୟୁ ବରଣ କରିଥିବା ହୋମଗାର୍ଡ ପୀତବାସ ପ୍ରଧାନଙ୍କ ପରିବାର ସଦସ୍ୟଙ୍କୁ ସହାୟତା ଯୋଗାଇ ଦେବା ନିଷ୍ପତି ଗ୍ରହଣ କରିଥିବା କଥା ଆବାହକ ତଥା ରାଜ୍ୟ ଉପସଭାପତି ବିରାଜ ପ୍ରଧାନ କହିଥିଲେ । ଜିଲ୍ଲା ହୋମଗାର୍ଡ ସଂଘ କର୍ମକର୍ତ୍ତା ମାନଙ୍କ ସର୍ବଧର୍ମ ସମ୍ପର୍ଣ୍ଣ ଭାଇ ଚାରାର ସଦଭାବନା, ନିଷ୍ଠାପର ସହିତ ସହଯୋଗର ହାତ ବଢ଼ାଉଥିବା ଦେଖି ଦାରିଙ୍ଗବାଡ଼ି ଅଞ୍ଚଳର ଜନ ସାଧାରଣ କନ୍ଧମାଳ ଜିଲ୍ଲା ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଭୂୟସୀ ପ୍ରଶଂସା କରିଥିଲେ । ସ୍ୱାଗତ ପୀତବାସ ଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ଶୃଙ୍ଖଳିତ ପଞ୍ଜୀକୃତ ହୋମଗାର୍ଡ ସଂଘ ସଭାପତି ପ୍ରଭାତ କୁମାର ସାହାଣୀ, ଆବାହକ ତଥା ଉପ ସଭାପତି ବିରାଜ କୁମାର ପ୍ରଧାନ, ସମ୍ପାଦକ ସପନ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ଅଖୟ କୁମାର ରାୟ,ସହ କୋଷାଧକ୍ଷ ଅଜୟ କୁମାର ଦିଗାଲ, କାର୍ଯ୍ୟକାରୀ ଉପସଭାପତି, ରବିଶଙ୍କର ବାଗିକ ଏବଂ ଦାରିଙ୍ଗବାଡ଼ି ଥାନାର ସମସ୍ତ ହୋମଗାର୍ଡ କର୍ମଚାରୀ ମାନେ ସକ୍ରିୟ ଅଂଶ ଗ୍ରହଣ କରି ଉପଯୁକ୍ତଭାବେ ସମ୍ପୂର୍ଣ୍ଣ ସହଯୋଗ କରିଥିବାର ଦେଖିବାକୁ ମିଳିଥିଲା ।

# ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର ,୩୦/୧୨(ନି.ପ୍ର): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରି ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ଆଜି ମୋଟ ୧୬୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୧୨୦ ଗୋଟି, ଅଭିଯୋଗର ଶୁଣାଣି କରାଯାଇଥିଲା। ୧୩୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଉପ ଜିଲ୍ଲାପାଳ ଶ୍ରୀ ଅଂଶୁମାନ ଶତପଥି , ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଧର୍ମଶାଳା ଶ୍ରୀ ଶୁଭଙ୍କର ମହାନ୍ତି, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# ନେତାଜୀ ସୁଭାଷ ବୋଷ କଲେଜରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ




ତୁମୁଡିବନ୍ଧ , ୩୦/୧୨(ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ନେତାଜୀ ସୁବାସ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ କେନ୍ଦ୍ର ସରକାରଙ୍କର ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗତ ତା,୧୮/୧୨/୨୦୨୪ ତାରିଖ ରେ ଆରମ୍ଭ ହୋଇ ୧୨/୧୨/୨୦୨୪ ତାରିଖ ରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ସୁନୀଲ କୁମାର ପାତ୍ର ଙ୍କର କର କମଳରେ ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମ ର ପ୍ରଥମ ଦିନରେ ଫିଟ ଇଣ୍ଡିଆ ର ଆଭିମୁଖ୍ୟ ଓ ଉଧେଶ୍ୟ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଅଧକ୍ଷ ସଚେତନ କରାଇଥିଲେ ପ୍ରଥମ ଦିନରେ ପ୍ରାୟ ୮୦୦ ରୁ ଅଧିକ ଛାତ୍ର ଛାତ୍ରୀ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ରେ ନିଜକୁ ସାମିଲ କରିବା ପାଇଁ ଶପଥ ପାଠ କରିଥିଲେ ଓ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ତର୍କ ପ୍ରତିଯୋଗିତା ତୃତୀୟ ଦିନରେ ଯୋଗ ଓ ଚତୁର୍ଥ ଦିନରେ ପ୍ରବନ୍ଧ ପ୍ରତିଯୋଗିତା ସହିତ ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଡ଼କ୍ଟର ସତ୍ୟ ରଞ୍ଜନ ପାଣିଗ୍ରାହୀ ସମସ୍ତ ପ୍ରତିଯୋଗିତା କୁ ପରିଚାଳନା କରିଥିଲେ ଓ ସପ୍ତାହବ୍ୟାପି କାର୍ଯ୍ୟକ୍ରମରେ ସମସ୍ତ ଅଧାପକ ଅଧାପିକା ଓ ଅଣ ଶିକ୍ଷକ ସାମିଲ ହୋଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ବାର୍ତ୍ତା ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ନିକଟରେ ପହଂଚାଇବା ପାଇଁ ଦୃଢ଼ ବଦ୍ଧ ପରିକର ହୋଇଥିଲେ । କେନ୍ଦ୍ର ସରକାର ହେଉ କି ରାଜ୍ୟ ସରକାର ହେଉ, ରାଜ୍ୟ ବାସୀଙ୍କ ପାଇଁ ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷା, କ୍ଷେତ୍ରରେ, କ୍ରୀଡା କ୍ଷେତ୍ରରେ, କିମ୍ବା ବୌଦ୍ଧିକ ଜ୍ଞାନ ବିକାଶ, ଉତ୍ତମ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ କରାଇଥାନ୍ତି, ତଦନୁଯାଇ ଭାରତ ସରକାର ଙ୍କର ଏହି ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଦେଶ ବାସୀଙ୍କ ପାଇଁ ନିହାତି ଜରୁରୀ ଆବଶ୍ୟକ ଅଟେ ବୋଲି ସମସ୍ତ ଅଂଶ ଗ୍ରହଣ କାରି ମାନେ ଉପଲବ୍ଧି କରିପାରିଥିବା ଦେଖିବାକୁ ମୀଳିଥିଲା ଓ ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ବ୍ୟାୟାମର ବିଭିର୍ଣ୍ଣ ପ୍ରକାର ଆସନ, ପ୍ରାଣାୟାମ,କୌଶଳ ଶିକ୍ଷା କରି ମହାବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ ଓ ଅଧାପକ ଅଧାପିକା ସମେତ ବିଭିର୍ଣ୍ଣ ବିଦ୍ୟାଳୟ ଗୁଡିକର ଶିକ୍ଷକ ଶିକ୍ଷୟତ୍ରୀ ମାନେ ବେଶ ଆନନ୍ଦ ଅନୁଭବ କରିଥିବାର ଦେଖିବାକୁ ମିଳିଥିଲା ।

# ପାର୍ଲ୍ୟାମେଂଟରେଆମ୍ବେଦ୍କରଙ୍କ ସମ୍ବନ୍ଧରେ ଅରୁଚିକର ମନ୍ତବ୍ୟ

## ସି.ପି.ଆଇ., ସି.ପି.ଆଇ.(ଏମ୍.)ର ଗୃହମନ୍ତ୍ରୀ ଅମିତ୍ ସାହାଙ୍କ ଇସ୍ତଫା ଦାବି

୩୦/୧୨(ନି.ପ୍ର): ସୋମବାର ଯାଜପୁର, କେନ୍ଦ୍ରରେ ମୋଦି ସରକାର ଆସିବା ଦିନଠାରୁ ବେଲଗାମ ଦରଦାମ ବୃଦ୍ଧି, ସରକାରୀ ଉଦାସୀନତାରୁ ଭୟଙ୍କର ବେକାରୀ ସମସ୍ୟା, ସେପଟେ ମଣିପୁର ଅଶାନ୍ତ, ଆମ ରାଜ୍ୟରେ ଅଦିନିଆ ବର୍ଷା ଫଳରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ଆଦି ସମସ୍ୟା ଜଟିଳ ହୋଇଥିଲା ବେଳେ, ଦେଶର ଗୃହମନ୍ତ୍ରୀ ଦେଶର ସମସ୍ୟା ଅପେକ୍ଷା ତାଙ୍କ ମନ ଭିତରେ ଥିବା ଦଳିତମାନଙ୍କ ପ୍ରତି ହେୟ ମନୋବୃତି ପୂର୍ବକ ବାବା ସାହେବ ଆମ୍ବେଦକରଙ୍କ ପ୍ରତି ପାର୍ଲ୍ୟାମେଂଟରେ ସମ୍ବିଧାନ ସମ୍ପର୍କରେ ଆଲୋଚନା ଚାଲିଥିବାବେଳେ ଅରୁଚିକର ମନ୍ତବ୍ୟ ପ୍ରଦାନ କରି ସଂସଦ ସଦସ୍ୟମାନଙ୍କୁ ଆମ୍ବେଦକରଙ୍କ ଅପେକ୍ଷା ଭଗବାନଙ୍କ ନାମ ଉଚ୍ଚାରଣ କରିବା ପାଇଁ ପରାମର୍ଶ ଦେବା ଦୁଃଖ ଓ ଲଜ୍ଜାର ବିଷୟ। ଏହା ଭାରତବର୍ଷର ଧର୍ମ ନିରପେକ୍ଷ ଓ ଗଣତନ୍ତ୍ର ପ୍ରତି ଆସ୍ଥା ରଖିଥିବା ସମସ୍ତ ବ୍ୟକ୍ତିମାନଙ୍କୁ ଅପମାନିତ କରୁଛି। ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅସୀମ ତ୍ୟାଗ ଫଳରେ ଆମେ ସ୍ୱାଧୀନ ହୋଇଛୁ। ବି.ଜେ.ପି. ଭାରତବର୍ଷର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଆକ୍ଷେପ କରିବା, ମହାତ୍ମାଗାନ୍ଧୀଙ୍କୁ ହତ୍ୟା କରିବା ଆଦି ଓ ଦେଶରେ ଘୃଣା ରାଜନୀତି ବିସ୍ତାର କରି ନିଜକୁ ଗୌରବାନ୍ୱିତ ମନେ କରୁଛି। ଏହାଦ୍ୱାରା ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଅବଦାନ ରଖି ନ ଥିବା ବିଜେପି ବା ତାର ପୂର୍ବସୂରୀମାନଙ୍କ ମୁଖା ଖୋଲିଦେଇଛି। ଏହାର ପ୍ରତିବାଦରେ ଭାରତବର୍ଷ ତମାମ ବାମପନ୍ଥୀ ଦଳମାନେ ପ୍ରତିବାଦ ଓ କେନ୍ଦ୍ରଗୃହମନ୍ତ୍ରୀ ଅମିତସାହାଙ୍କ ଇସ୍ତଫା ଦାବି କରୁଛନ୍ତି। ଏହି ପରିପେକ୍ଷୀରେ ଯାଜପୁର ଜିଲ୍ଲା ସଦରମହକୁମାରେ ସି.ପି.ଆଇ., ସି.ପି.ଆଇ.(ଏମ୍.) ପକ୍ଷରୁ ଏହି ପ୍ରତିବାଦ ଆନ୍ଦୋଳନ କରାଯାଇଛି। ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ହୋଇଥିବା ପ୍ରତିବାଦ ସଭାରେ ସି.ପି.ଆଇ. ଉପସଭାପତି ଅଭୟ ପଣ୍ଡା, ସି.ପି.ଆଇ.(ଏମ୍.) ଜିଲ୍ଲା ସମ୍ପାଦକ ନିର୍ମଳ ରଥଙ୍କ ସଭାପତିତ୍ୱରେ ସି.ପି.ଆଇ. ରାଜ୍ୟ ପରିଷଦ ସଭ୍ୟ ମଳୟ ପଣ୍ଡା, ସି.ଆଇ.ଟି.ୟୁ. ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ଅମୂଲ୍ୟ ସାମଲ, ଗଣେଶ ସାହୁ, ଦେବବ୍ରତ ମହାନ୍ତି, ଶ୍ରମିକ ନେତା ମଧୁସୁଦନ ଯେନା, ରଞ୍ଜନ ଜେନା, ଭରତ ଜେନା, ପୁରୋଷ୍ଟମ ବେହେରା, ଆଭାମୟୀ ମହାନ୍ତି, ଲାଳମଣି ମୁଣ୍ଡା, ସୁରେଶ ସାହୁ, ସୁବ୍ରତ ଯେନା, ମାଧବ କୁଣ୍ଡୁ, ରାଧାଶ୍ୟାମ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ, ବିଦ୍ୟାଧର ସାମଲ, ଦେବାଶିଷ ଲେଙ୍କା, ନିରଞ୍ଜନ ପଣ୍ଡା, ଭିକାରୀ ପଣ୍ଡା, ଅନନ୍ତ ସାହୁ, ନରେନ୍ଦ୍ର ସାହୁ, ପ୍ରତ୍ୟୁଷ ସାହୁ, ବ୍ରହ୍ମାନନ୍ଦ ବାରିକ, ସର୍ବଜିତ୍ ? ଦାସ, କାହ୍ନୁଚରଣ ଲେଙ୍କା, ସତ୍ୟଜିତ ସାହୁ, ବାସୁଦେବ ସେଠୀ, ଏମ୍.ଡି.ଖଲିକ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ଦେଇଥିଲେ।

# ମୃତ ଚାଷୀ ଭାବଗ୍ରାହୀ ମଳିକଙ୍କ ପରିବାରକୁ ପଚାଶ ଲକ୍ଷ ଟଙ୍କା କ୍ଷତି ପୂରଣ ଦିଅ-ଓଡ଼ିଶା କୃଷକ ସଭା

କେନ୍ଦ୍ରାପଡା,୩୦/୧୨(ନି.ପ୍ର): ଡେରାବିଶ ବ୍ଲକ ଅନ୍ତର୍ଗତ ସନ୍ଥପୁରା ଗାଁର ଭୂମିହୀନ ଚାଷୀ ଭାବଗ୍ରାହୀ ମଳିକଙ୍କ ହୃଦଘାତ ଜନିତ ମୃତ୍ୟୁ ଆକସ୍ମିକ ନୁହେଁ ବୋଲି ଓଡିଶା କୃଷକସଭା(ଏଆଇକେସ) କେନ୍ଦ୍ରାପଡା ଜିଲ୍ଲା କମିଟି ଅବିହିତ କରିଛି ।ପ୍ରକାଶ ଥାଉକି କୃଷକସଭାର ଏକ ପ୍ରତିନିଧି ଦଳ ସଂଗଠନର ଜିଲ୍ଲା ସଭାପତି ଗୟାଧର ଧଳ, ସମ୍ପାଦକ ବିଜୟ ଦାସଙ୍କ ନେତୃତ୍ୱରେ ଆଜି ସନ୍ଥପୁରାସ୍ଥିତ ମୃତ ଭାବଗ୍ରାହୀଙ୍କ ଘରକୁ ଯାଇଥିଲେ ।ତାଙ୍କ ପରିବାର ସହିତ ଆଲୋଚନା କଲାବେଳେ ଜଣା ପଡିଲା ତାଙ୍କର ମୋଟ ଅଠର ଗୁଣ୍ଠ ଚାଷଜମି ଅଛି ଓ ଏକ ଡ଼ିସିମିଲି ଘର ଡିହ ଅଛି ।ଛଅ ଜଣ ପରିବାରକୁ ପ୍ରତିପୋଷଣ କରିବା ପାଇଁ ପ୍ରତିବର୍ଷ ଭଳି ଏଥର ମଧ୍ୟ ଆଉ ଆଠ ଏକର ଜମି ଭାଗ ଚାଷ କରିଥିଲେ ।ଏହି ଧାନ ଚାଷ ପାଇଁ ମହିଳା ଗୋଷ୍ଠୀ, ଗ୍ରାମୀଣ ସୁଧିଆ କାରବାର ଉପରେ ନିର୍ଭର କରିଥାନ୍ତି ।ସେ ଏଥର ଧାନ ଦେବାପାଇଁ ଆଗୁଆ ପ୍ରାୟ ଆଢେଇ ଲକ୍ଷ ଟଙ୍କା ମଧ୍ୟ ହାତ ଉଧାରୀ ଆଣିଛନ୍ତି ବୋଲି ତାଙ୍କର ଅବିହିତ ବଡ଼ିଲା ଝିଅ ନିତୁ ମଳିକ କାନ୍ଦି କାନ୍ଦି କହିଥିଲେ ।ତାଙ୍କର ଘର ବୋଲି କହିଲେ ଗୋଟିଏ ଚାଳ ଛପର ଘର ।ଏପର୍ଯ୍ୟନ୍ତ ଆବାସ ଯୋଜନାରେ ଭାବଗ୍ରାହୀଙ୍କୁ ସାମିଲ କରାଯାଇ ନାହିଁ ।ତାଙ୍କ ବଡ ପୁଅ ମଣ୍ଟୁ ମଳିକଙ୍କୁ ପଚାରିବାରୁ ସେ କହିଲେ ଗତ ସାତଦିନ ଧରି ଲାଗି ରହିଥିବା ଅଦିନିଆ ବର୍ଷାରେ ତାଙ୍କର ସମସ୍ତ ଧାନ ଫସଲ ଉଜୁଡି ଯାଇଥିବାରୁ ଜମିକୁ ବୁଲି ଦେଖି ଫେରିବା ପରେ ଘରେ ଟେନସନରେ ବାପାଙ୍କର ହୃଦଘାତରେ ଦେହାନ୍ତ ହୋଇଥିଲା ।ତାଙ୍କ ଘରକୁ ଏପର୍ଯ୍ୟନ୍ତ କୋ ?ଣସି ସରକାରୀ ଅଧିକାରୀ ଯାଇ ନାହାନ୍ତି ବୋଲି ମଣ୍ଟୁ ଅଭିଯୋଗ କରିଥିଲେ ।କେବଳ ଡେରାବିଶ ତହସିଲଦାର ତାଙ୍କ ଜମି ପାଖକୁ ଯାଇ ମଝିଆ ପୁଅ ପିଣ୍ଟୁ ମଳିକଙ୍କ ଠାରୁ ଗୋଟିଏ ସାଧା କାଗଜରେ ଦସ୍ତଖତ କରେଇ ନେଇଛନ୍ତି ବୋଲି ସେ କହିଥିଲେ ।ଭାବଗ୍ରାହୀଙ୍କ ସ୍ତ୍ରୀ ମନ୍ଦାକିନି ବ୍ୟତୀତ ଗୋଟିଏ ବଡ଼ିଲା ଝିଅ ଓ ତିନିପୁଅ ଅଛନ୍ତି ।ଏକାଅଶୀ ବର୍ଷର ବୃଦ୍ଧ ବାପା ମଧ୍ୟ ଅଛନ୍ତି ।ଭାବଗ୍ରାହୀ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ ।ଏଣୁ ଓଡିଶା କୃଷକ ସଭା ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛି ଏହା ଚାଷୀ ଆତ୍ମହତ୍ୟାର ଅଂଶବିଶେଷ ଅଟେ ।ଏଣୁ ଭାବଗ୍ରାହୀଙ୍କ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ସହିତ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ ।ଏଥି ସହିତ ବିବାଦୀୟ ଡେରାବିଶ ତହସିଲଦାରଙ୍କ ବିରୁଦ୍ଧରେ ଇନକ୍ୱରୀ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ।ଏହି ପ୍ରତିନିଧି ଦଳରେ ପ୍ରକାଶ ମହାନ୍ତି, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



# ୮ ଦଫା ଦାବୀ ନେଇ ଚାଷୀଙ୍କ ପକ୍ଷରୁ ବ୍ଲକ ଓ ତହସିଲ ଘେରାଉ

## ସଠିକ କ୍ଷୟକ୍ଷତି ଆକଳନ ସହ ଶତ ପ୍ରତିଶତ କ୍ଷତିପୂରଣ ପ୍ରଦାନ କରାଯାଉ ।ଧାନର ଏଫ୍ଏକ୍ୟୁ ମାନରେ କୋହଳ ଓ ୨୦୦ ୟୁନିଟ ମାଗଣା ବିଜୁଳି ଦିଆଯାଉ। ବିଷ ଖାଇବା ପାଇଁ ମହିଳାଙ୍କ ଧମକ






ଜଗତସିଂହପୁର ୩୦/୧୨(ନି.ପ୍ର) ଦୁଇ ଦୁଇଥର ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷାରେ ରଘୁନାଥପୁର ତହସିଲ ଅଞ୍ଚଳରେ ବ୍ୟାପକ ପାଚିଲା ଧାନ ଫସଲ ପାଣିରେ ବୁଡି କ୍ଷତିଗ୍ରସ୍ତ ହୋଇଛି। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ରଶ୍ମି ସ୍ୱାଇଁ ଓ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସଠିକ୍ କ୍ଷୟକ୍ଷତି ଆକଳନ ଓ ଶତ ପ୍ରତିଶତ କ୍ଷତିପୂରଣ ପ୍ରଦାନ ସମ୍ବଳିତ ୮ ଦଫା ଦାବୀନେଇ ସୋମବାର ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ମର୍ମରେ ଚାଷୀମାନେ ବିଡିଓ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।ବର୍ଷା ଜନିତ କ୍ଷୟକ୍ଷତି ଆକଳନ ପାଇଁ ସରକାରୀ କର୍ମଚାରୀମାନେ ତୃଣମୂଳ ସ୍ତରକୁ ନଯାଇ ଓ ଚାଷୀଙ୍କ ହୋଇଥିବା ପ୍ରକୃତ କ୍ଷତିକୁ ନିରୀକ୍ଷଣ ନକରି ମନଇଛା ରିପୋର୍ଟ ପ୍ରଦାନ କରୁଥିବାର ଚାଷୀମାନେ ପ୍ରତିବାଦ ସଭାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଦ୍ୱାରା ସଂଗୃହୀତ ତଥ୍ୟ ସରକାରୀ ସହାୟତା ପ୍ରାପ୍ତି ପୂର୍ବରୁ ଚାଷୀଙ୍କ ଗୋଚରାର୍ଥେ ଜଣାଯିବା ପାଇଁ କର୍ମକର୍ତ୍ତା ମହାରଣା ପ୍ରତିବାଦ ସଭାରେ ଦାବୀ ଉପସ୍ଥାପନ କରିଥିଲେ। ଦୀର୍ଘଦିନ ଧରି ପାଚିଲା ଧାନ ପାଣିରେ ବୁଡି ରହିବା ଫଳରେ ଏହା ବେରଙ୍ଗ ହେବାସହ ଏହାର ମାନରେ ହ୍ରାସ ଘଟିବ। ଏଣୁ ମଣ୍ଡିରେ ଧାନଦେବା ସମୟରେ ଏହର ଏଫ୍ଏ କ୍ୟୁ ମାନରେ କୋହଳ ନୀତି ଅବଲମ୍ବନ କରିବା ପାଇଁ ନବନିର୍ମାଣ ସଙ୍ଗଠନର କର୍ମକର୍ତ୍ତା ସ୍ୱାଇଁ ପ୍ରକାଶ କରିଥିଲେ। ଏହାଛଡା ଚାଷୀ ଉତ୍ପାଦିତ ହେଉଥିବା ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପରିବର୍ତ୍ତେ ଉପଯୁକ୍ତ ମୂଲ୍ୟ ପ୍ରଦାନ, ବିପର୍ଯ୍ୟୟ ସହାୟତା ପ୍ରାପ୍ତି ନିମନ୍ତେ ଆବଶ୍ୟକୀୟ କାଗଜ ପତ୍ର ପ୍ରତ୍ୟେକ ଗ୍ରାମର ଚାଷୀଙ୍କ ଠାରୁ ସଂଗ୍ରହ କରିବା ଏବଂ ମାଙ୍କଡ, ଷଣ୍ଢ ଓ ହରିଣଙ୍କ ଉପଦ୍ରବରୁ ଚାଷୀ ଓ ଚାଷର ସୁରକ୍ଷା, ଚାଷୀମାନଙ୍କୁ ମାଗଣାରେ ୨୦୦ ୟୁନିଟ ବିଜୁଳି ପ୍ରଦାନ ଏବଂ ରାଢଙ୍ଗ ପଞ୍ଚାୟତରେ ମୁଗ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅଭିସ୍ମା ପଟ୍ଟନାୟକଙ୍କୁ ଦାବିପତ୍ର ଦିଆଯାଇଥିଲା। ପୂର୍ବାହ୍ନରେ ଚାଷୀମାନେ ବ୍ଲକଛକ ଠାରୁ ଏକ ରାଲିରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଜିପିଡ଼ିଓ ସ୍ମାରକ ମହାନ୍ତିଙ୍କୁ ଚାଷୀମାନେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ସେଠାରୁ ପୁର୍ନବାର ରାଲିରେ ଆସି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତହସିଲ କାର୍ଯ୍ୟାଳୟରେ ପ୍ରତିବାଦ ସଭା ଚାଲିଥିବାବେଳେ ରାଢଙ୍ଗ ଗ୍ରାମର ଭାଗଚାଷୀ ଯୁଗଳ ସେଠି ହଠାତ ମୂର୍ଚ୍ଛା ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା ।ସେହିପରି ୩ ଏକର ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଉକ୍ତ ଗ୍ରାମର ଖୁଲଣା ବିଶ୍ୱାଳଙ୍କୁ ଉପଯୁକ୍ତ କ୍ଷତିପୂରଣ ନମିଳିଲେ ସେ ବିଷ ଖାଇ ଜୀବନ ହାରିବେ ବୋଲି ପ୍ରକାଶ କରିଥିଲେ। ରାଢଙ୍ଗ ସରପଞ୍ଚ ସୁଶିଳ ବାରିକ, ବିଜନ ମହାପାତ୍ର, କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ସୁଦ୍ଧିରଞ୍ଜନ୍ ବାରିକ, ଦିଲିପ କୁମାର ନାୟକ, ଦିପ୍ତିରଞ୍ଜନ ବିଶ୍ୱାଳ, ପ୍ରକାଶ ମହାନ୍ତି, ଲୋଚନ ଦାସ, ସବିର ଅଲ୍ଲୀ ଖାଁ , ଲକ୍ଷ୍ମୀଧର ନାୟକ, ବିଚିତ୍ରାନନ୍ଦ ସ୍ୱାଇଁଙ୍କ ସହ ଶତାଧିକ ଚାଷୀ ଘେରାଉରେ ସାମିଲ ଥିଲେ।

# ଅଦିନିଆ ବର୍ଷା ଜନିତ ଫସଲ କ୍ଷୟ କ୍ଷତି ସମ୍ପର୍କରେ ସମୀକ୍ଷା କଲେ ମନ୍ତ୍ରୀ

କେନ୍ଦ୍ରାପଡ଼ା୩୦/୧୨(ନି.ପ୍ର): ଆଜି କେନ୍ଦ୍ରାପଡ଼ା ପ୍ରଦକ୍ଷଣ ଭବନରେ ଅଦିନିଆ ବର୍ଷା ଜନିତ ଫସଲ କ୍ଷୟ କ୍ଷତି ସମ୍ପର୍କରେ ଓଡ଼ିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର ସମୀକ୍ଷା କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ର ମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ଷୟ କ୍ଷତିର ପ୍ରାରମ୍ଭିକ ଆକଳନ ବିଷୟରେ ଅବଗତ କରାଇଥିଲେ ।ପଞ୍ଚାୟତ ଓ ବ୍ଲକ୍ ସ୍ତରୀୟ ଯୁଗ୍ମ କମିଟି ଗଠନ କରାଯାଇ କ୍ଷୟ କ୍ଷତିର ଆକଳନ କରାଯାଇଛି ବୋଲି ସେ ମତ ରଖିଥିଲେ ।ଜିଲ୍ଲାରେ ସମୁଦାୟ ୧,୨୪,୫୪୭ ହେକ୍ଟର ଧାନ ଚାଷ ମଧ୍ୟରୁ ପ୍ରାୟ ୭୦,୦୫୬ ହେକ୍ଟର ଜମିରୁ ଧାନ ଅମଳ ହୋଇଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୫୦୦୦ ରୁ ଉର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା ଚାଷୀଙ୍କ ୨୯୫ ହେକ୍ଟର ଜମିରେ ଫସଲ କ୍ଷୟ କ୍ଷତି ହୋଇଛି ବୋଲି ଦାବି ହସ୍ତଗତ ହୋଇଛି ।ବୀମାଭୁକ୍ତ ହୋଇନଥିବା କ୍ଷତିଗ୍ରସ୍ତ ଚାଷୀଙ୍କ ଫସଲ କ୍ଷୟ କ୍ଷତି ଆକଳନ ର ସର୍ଭେ କାର୍ଯ୍ୟ ଚାଲୁ ରହିଛି ।ବୀମାଭୁକ୍ତ ଓ ବୀମା ବର୍ହିଭୂକ୍ତ ପ୍ରକୃତ ଚାଷୀଙ୍କ କ୍ଷୟ କ୍ଷତି ଆକଳନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।ସର୍ଭେ ସମୟରେ ଚାଷୀ ମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ । କେନ୍ଦ୍ରାପଡ଼ା ଗ୍ରସ୍ତ ସମୟରେ ମନ୍ତ୍ରୀ ଜଣ୍ଟିଲୋ,ପଟ୍ଟାମୁଣ୍ଡାଇର ମୂଳବସନ୍ତ,ରାଜନଗର ମହିଷାସୁର ଯାଇ ଫସଲ କ୍ଷୟ କ୍ଷତି ସମ୍ପର୍କରେ ଚାଷୀ ମାନଙ୍କ ସହ ବିଚାର ବିମର୍ଷ କରି ଫସଲ ବିମା ଅର୍ଥରାଶି ଓ କ୍ଷୟକ୍ଷତି ଦିଆ ଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ସମୀକ୍ଷା ବୈଠକରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା,ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ,ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ,ଜିଲ୍ଲା ସାମରିକ ଓ ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ ଶ୍ରୀନିବାସ ସାହୁ,ସହକାରୀ ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ଦେବଦାସ ଦାଉ,ବରିଷ୍ଠ ସହକାରୀ ସମବାୟ ସମିତି ନିବନ୍ଧକ ସନ୍ତୋଷ କୁମାର ଦାସ,ଜିଲ୍ଲାର ସମସ୍ତ ତହସିଲଦାର, ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ଓ କର୍ମକର୍ତ୍ତା , ବିଜେପି ଜିଲ୍ଲା ସଭାପତି କିଶୋର ପଣ୍ଡା,ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ,କୃଷ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।



## ଆଇଆଇଟି, ଭୁବନେଶ୍ୱରର ଦ୍ୱାଦଶ ଓ ତ୍ରୟୋଦଶ ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ

# ଉଦ୍ଭାବନର ପେଣ୍ଠସ୍ଥଳି ହେଉ ଆଇଆଇଟି ଭୁବନେଶ୍ୱର- ଧର୍ମେନ୍ଦ୍ର ପ୍ରଧାନ






ଭୁବନେଶ୍ୱର, ଡିସେମ୍ବର ୩୦ – ଆଇଆଇଟି, ଭୁବନେଶ୍ୱରକୁ ଟିଚିଂ, ରିସର୍ଚ୍ଚ ଓ ଇନୋଭେସନର ପେଣ୍ଠସ୍ଥଳି କରିବାକୁ ହେବ । ତେବେ ଯାଇ ଭାରତର ଅର୍ଥନୀତି ୫ ରୁ ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବାର ଲକ୍ଷ୍ୟ ପୂରଣ ହୋଇପାରିବ । ଏହା ଦ୍ୱାରା ଆଇଆଇଟି ଛାତ୍ରଛାତ୍ରୀମାନେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ନିଜର ଦାୟିତ୍ୱ ନିର୍ବାହ କରିପାରିବେ ବୋଲି ଶନିବାର ଆଇଆଇଟି, ଭୁବନେଶ୍ୱରର ଦ୍ୱାଦଶ ଓ ତ୍ରୟୋଦଶ ମିଳିତ ସମାବର୍ତ୍ତନ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ ଏହି ସମୟ ଭାରତର ସମୟ । ଭାରତୀୟ ସଭ୍ୟତା ପାରମ୍ପରିକ ଭାବରେ ବିଶ୍ୱର ନେତୃତ୍ୱ ଏବଂ ଦାୟିତ୍ୱ ନେଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ପରିଣତ ହୋଇଛି । ଆମ ଦେଶ ଖୁବ ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି । ଅନେକ ବିଶେଷଜ୍ଞଙ୍କ ମତରେ ଆଗାମୀ ଦିନରେ ଭାରତର ଅର୍ଥନୀତି ୫ ରୁ ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବ । ଏହି ସମୟରେ ଆମକୁ ନୂଆ ଜ୍ଞାନର ଅନ୍ୱେଷଣ କରିବା ପାଇଁ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଭାରତ ଏକ ଜ୍ଞାନ ଭିତ୍ତିକ ସମାଜ । ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତି ହେବ । ଆମେ ଏବେ ଶିଳ୍ପ ବିପ୍ଳବ ୪.୦ରେ ଅଛୁ । ଶିଳ୍ପ ବିପ୍ଳବ ଆରମ୍ଭ ପୂର୍ବରୁ ଓଡ଼ିଶାରେ ନିର୍ମିତ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର, ପ୍ରଭୁ ଲିଙ୍ଗରାଜ ମନ୍ଦିର ଓ କୋଣାର୍କ ମନ୍ଦିର ବୈଜ୍ଞାନିକ ପୃଷ୍ଠଭୂମିର ପ୍ରମାଣ ଦେଉଛି । ସୂର୍ଯ୍ୟର ପ୍ରଥମ କିରଣ କୋଣାର୍କର ସୂର୍ଯ୍ୟ ମନ୍ଦିରରେ ପଡୁଛି । ଏଥିରେ ସବୁ ଇଞ୍ଜିନିୟରିଂ କୌଶଳ ଅଛି । ଏହା ଆମର ଉପଲବ୍ଧି । ତେଣୁ ଯେତେବେଳେ ଭାରତ ଅର୍ଥନୀତିର ସୁପର ପାୱାର ହେବାକୁ ଯାଉଛି ସେତେବେଳେ ଆମକୁ ଚାକିରି ଉପରେ ନିର୍ଭର ନକରି ନିଯୁକ୍ତିଦାତା ହେବା ପାଇଁ ପଡିବ । ଚତୁର୍ଥ ଶିଳ୍ପ ବିପ୍ଳବରେ ମାଲିକ ହେବାକୁ ପଡିବ । ନିଯୁକ୍ତିଦାତା ଓ ଇନୋଭେଟର ହେବାକୁ ପଡିବ । ସମୃଦ୍ଧ ଜନସଂଖ୍ୟା ଓ ଜ୍ଞାନ ଭିତ୍ତିକ ସମାଜ ସହିତ ଓଡ଼ିଶା ମଧ୍ୟ ଏଥିରୁ ଉପକୃତ ହେବ । ଛାତ୍ରୀଛାତ୍ରମାନେ ହେଉଛନ୍ତି ସମାଜର ପୃଷ୍ଠପୋଷକ । ଶ୍ରୀ ପ୍ରଧାନ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ଚାକିରି କରିବା ଉପରେ ଧ୍ୟାନ ଦେବା ଅପେକ୍ଷା ନିଯୁକ୍ତିଦାତା ହୋଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ସହଯୋଗୀ ହେବା ପାଇଁ ଆହ୍ୱାନ କରିଥିଲେ । ଓଡ଼ିଶାରେ ବହୁତ ପ୍ରତିଭାବାନ ଲୋକ ଅଛନ୍ତି । ଏହି ପ୍ରତିଭାବାନ ଲୋକଙ୍କୁ ନେଇ ଜ୍ଞାନ ତିଆରି କରିବା । ବ୍ୟକ୍ତି ଚ୍ୟାଲେଞ୍ଜ ଓ ସମସ୍ୟାରେ ରହିଲେ ସେ ନବସୃଜନ କରେ । ଆମର ଜନସଂଖ୍ୟାଗତ ଲାଭ ବା ଡେମୋଗ୍ରାଫିକ ଡିଭିଡେଣ୍ଡ, ଏକ ଜ୍ଞାନ ଭିତ୍ତିକ ସମାଜ ଏବଂ ଏକ ଅଭିବୃଦ୍ଧିଶୀଳ ଅର୍ଥନୀତି ସହିତ ଭାରତ ନିଶ୍ଚିତ ଭାବରେ ଚତୁର୍ଥ ଶିଳ୍ପ ବିପ୍ଳବରେ ନେତୃତ୍ୱ ନେବ । ଏହି ଛାତ୍ରଛାତ୍ରୀମାନେ ମଧ୍ୟ ସେହି ବିପ୍ଳବର ନେତୃତ୍ୱ ନେବେ । ନୂଆପିଢିକୁ ବଡ ଲମ୍ଫ ପ୍ରଦାନ କରିବା ପାଇଁ ଭାରତ ସରକାର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗୀ ହେବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତ ଏବଂ ଓଡ଼ିଶା ଏକ ବୈଜ୍ଞାନିକ ସମୁଦାୟ । ଜ୍ଞାନ ଆଧାରିତ ଦୁନିଆ ଭାରତ ସର୍ଭିସ ସେକ୍ଟରରେ ନିଜର ପରାକାଷ୍ଠା ଦେଖାଇଛି । ଭାରତ ଭଳି ଦେଶରେ ସ୍ୱଦେଶୀ ଭାକସିନ ବିକଶିତ ହେବା ଏକ ବଡ ଉପଲବ୍ଧି । ଆମ ଦେଶରେ ଗବେଷଣାର ପରିଭାଷା ମାଗାଜିନରେ ପ୍ରକାଶନରେ ସୀମିତ । ଗବେଷଣାକୁ ଆଗକୁ ବଢାଇବା ପାଇଁ ପଡିବ । ସ୍ୱଭାବରେ ଭାରତ ହେଉଛି ଇନୋଭେଟର । ସେହିପରି ଦେଶରେ ଇଞ୍ଜିନିୟରରେ ଦକ୍ଷତା ଆସିଛି । ଆମର ଚ୍ୟାଲେଞ୍ଜ ହେଉଛି ଏହି ସମୟରେ ଆମେ କଣ ସର୍ବଦା ଅନ୍ୟ ଅର୍ଥନୀତିର ଦେଶକୁ ସମ୍ପନ୍ନ କରିବା । ବର୍ତ୍ତମାନ ସମୟରେ ସମାଜର ଆକାଂକ୍ଷା କଣ ? ଯୁବପିଢି ଓ ଶିକ୍ଷାବିତମାନେ ଯେଉଁଠି ହାତ ଲଗାଇଛନ୍ତି, ସେ କାମ କେତେବେଳେ ବି ପଛରେ ରହିନାହିଁ । ଆଜି ଭାରତ ଡିଜିଟାଲ ପେମେଣ୍ଟରେ ଦୁନିଆର ୧ ନମ୍ବର ଦେଶ ହୋଇଛି । ଭାରତର ଗାଁ ଗାଁରେ ଫୋନ ମାଧ୍ୟମରେ ଡିଜିଟାଲ ପେମେଣ୍ଟ ହେଉଛି । ଏହି ପରିପ୍ରେକ୍ଷୀରେ ରିସର୍ଚ୍ଚ ଏବଂ ଇନୋଭେସନକୁ ସୁଦୃଢ଼ କରିବା ପାଇଁ ଶ୍ରୀ ପ୍ରଧାନ ସମସ୍ତ ଷ୍ଟେକହୋଲ୍ଡରଙ୍କୁ ପ୍ରୋତ୍ସାହିତ କରିଥିଲେ । ସ୍ନାତକ ଛାତ୍ରଛାତ୍ରୀଙ୍କୁ ଜୀବନର ନୂଆ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇବା ସହ ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଆଇଆଇଟି ରିସର୍ଚ୍ଚ ଏବଂ ଏଣ୍ଟରପ୍ରିନ୍ୟୁସିପ୍ ପାର୍କ ଏବଂ ସିଲିକନ କାରବାଇଡ୍ ରସର୍ଚ୍ଚ ଇନୋଭେସନ ସେଣ୍ଟର(ଏସଆଇସିଆରଆଇସି) ପରିଦର୍ଶନ କରିଥିଲେ । ସମାବର୍ତ୍ତନ ସମାରୋହରେ ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର ଅଜୟ କେ ସୁଦ, ଆଟୋମିକ୍ ଏନର୍ଜିର ସଚିବ ଡ. ଅଜିତ୍ କୁମାର ମହାନ୍ତି ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସଚିବ ପ୍ରଫେସର ଅଭୟ କାରାନ୍ଦିକର, ଆଇଆଇଟି ବୋର୍ଡ ଅଫ୍ ଗଭର୍ଣ୍ଣସର ଚେୟାରମ୍ୟାନ ଡ. ରାଜେନ୍ଦ୍ର ପ୍ରସାଦ ସିଂହ. ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରକମଲକର ପ୍ରମୁଖ ଉପସ୍ଥିତ ଥିଲେ ।

## ବରୁଣେଇ ବିଦ୍ୟାପୀଠରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ମାହାଙ୍ଗା **୩୦/୧୨ (ନି.ପ୍ର):** କଟକ ସଦର ଫକୀରପଡା ବରୁଣେଇ ବିଦ୍ୟାପୀଠ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅନୁକୂଲ୍ୟରେ ହରପ୍ରିୟା ବାର୍ଷିକ କ୍ରୀଡା ପ୍ରତିଯୋଗିତା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ହାସ୍ୟ ଅଭିନେତା ପ୍ରଜ୍ଞାରଂଜନ ଖଟୁଆ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ଆଗ୍ରହସୃଷ୍ଟି ଉପରେ ଗୁରୁତ୍ୱରୋପ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ମଣ୍ଡଳୀର ସଭ୍ୟ ତଥା ପୂର୍ବତନ ସାଂସଦ ନିରଂଜନ ସ୍ୱାଇଁ ଓ ସମ୍ମାନୀତ ଅତିଥି ଭାବେ ମିନାକ୍ଷୀ ପତି, ଅନ୍ନପୂର୍ଣ୍ଣା ପଣ୍ଡା, ଶଙ୍କର୍ଷଣ କାଣ୍ଡି,ଅନୁପମା ମିଶ୍ର ପ୍ରମୁଖ ଯୋଗଦାନ କରି କୃତି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ବରିଷ୍ଠ ବାଳକ ବିଭାଗରେ ଶିବୁ ଭୋଇ ଓ ବାଳିକା ବିଭାଗରେ ରିମା ନାୟକ, କନିଷ୍ଠ ବିଭାଗରେ ଆଦିତ୍ୟ ଭୋଇ ଓ ମଧୁସ୍ମିତା ଭୋଇ ଚମ୍ପିଆନ୍ ହୋଇଥିଲେ। ତିନିଦିନଧରି ୮ଟି ଗ୍ରୁପ୍‌ରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାକୁ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପୁର୍ଣ୍ଣଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ଦାସ, ମାନଷୀ ଦାଶ,ବିଭୂତି କୁମାର ମହାପାତ୍ର,ଅଲେଖ ଚନ୍ଦ୍ର ବେଉରିଆ, ପ୍ରଦିପ୍ତ କୁମାର ପଣ୍ଡା, ରସିଦା ଅଞ୍ଜୁମ୍, ସାଇସ୍ମିତା ସାହୁ, ହିଲାମାଳିନୀ ସିଂ, ଉଷାରାଣୀ ନନ୍ଦ, ରବିନ୍ଦ୍ର ଜେନା, ସୁଷମା ସାହୁ, ଅରୁଣ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତପ୍ରତିଶତ ଉପସ୍ଥାପନ ପାଇଁ ଛାତ୍ରୀ ରଶ୍ମିରେଖା ବେହେରାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ, ପରିଚାଳନାକମିଟିର ସଭ୍ୟ/ସଭ୍ୟା ଉପସ୍ଥିତ ରହିଥିଲେ।

## ଅବସରପ୍ରାପ୍ତ ପଂଚାୟତ ନିର୍ବାହୀ ଅଧିକାରୀ ସଂଘର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାହାଙ୍ଗା **୩୦/୧୨ (ନି.ପ୍ର):** କଟକ ଜିଲ୍ଲାର ଅବସରପ୍ରାପ୍ତ ପଂଚାୟତ ନିର୍ବାହୀ ଅଧିକାରୀ ସଂଘ (୨ୟବ୍ୟାଚ୍)ର ଏକ ପ୍ରସ୍ତୁତି ବୈଠକ ମାହାଙ୍ଗା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅବସରପ୍ରାପ୍ତ ପଂଚାୟତ ନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ। ଓଡ଼ିଶା ଅବସରପ୍ରାପ୍ତ ପଂଚାୟତ ନିର୍ବାହୀ ଅଧିକାରୀ ସଂଘର ୨ୟ ବ୍ୟାଚ୍‌ର ଏକ ସାଧାରଣ ସଭା ସଂଘର ସଭାପତି ବିରଂଚି ନାରାୟଣଙ୍କ ସଭାପତିତ୍ୱରେ ଆସନ୍ତା ତା୩୦.୧୨.୨୦୨୪ରିଖ ସୋମବାର ୧୧ଘଟିକା ସମୟରେ ଇଂ. ସେବା ସଂଘ ଭବନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଯୋଗଦାନ କରିବାକୁ ସମସ୍ତ ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀ (ଯେଉଁମାନେ ଦ୍ୱିତୀୟ ଦଫା କେଶ୍ କରିଛନ୍ତି)ଙ୍କୁ କଟକ ଜିଲ୍ଲା ସଭାପତି ପ୍ରସନ୍ନ କୁମାର ମଲ୍ଲ ଅନୁରୋଧ କରିଛନ୍ତି।

## ନିଶ୍ଚିନ୍ତକୋଇଲି ; ଅଦିନିଆ ବର୍ଷାରେ ୩୨୫୯ହେକ୍ଟର ଧାନ ଫସଲ ନଷ୍ଟ

# ସୋମବାରରୁ କ୍ଷତିଗ୍ରସ୍ତ ଚାଷୀଙ୍କ ନାମ ପଞ୍ଜିକୃତ ହେବ



ନିଶ୍ଚିନ୍ତକୋଇଲି,**୩୦/୧୨ (ନି.ପ୍ର):** ଲଘୁଚାପଜନିତ ଅଦିନିଆ ବର୍ଷାରେ ବୁଡ଼ି ରହିଥିବା ଧାନ ଗୁଡ଼ିକ ସବୁ ଗଜା ହୋଇଗଲାଣି । ବହୁ ପରିଶ୍ରମ କରି ଚାଷୀ କ୍ଷେତରେ କଟା ହୋଇ ପଡ଼ିଥିବା ଧାନକୁ ଅମଳ ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ଧାନ ଗୁଡ଼ିକ ଗଜା ହୋଇଯାଇଥିବାରୁ ତାହାର ଆଶା ମଉଳି ଯାଇଛି । କଟାନଯାଇ କ୍ଷେତରେ ପଡ଼ିରହିଥିବା ବହୁ ଧାନ ବର୍ଷାରେ ବୁଡ଼ି ରହିଥିବାରୁ ସେଗୁଡ଼ିକ ମଧ୍ୟ ଗଜା ହୋଇଗଲାଣି । ଏଭଳି ସ୍ଥିତିରେ ଚାଷୀ ସରକାରୀ ସହାୟତାକୁ ଚାତକ ପରି ଚାହିଁ ରହିଛି । ଅପରପକ୍ଷରେ ଚାଷୀମାନଙ୍କର ଧାନ ଫସଲର କ୍ଷୟକ୍ଷତି ଆକଳନ କରାଯିବା ନିମନ୍ତେ ଯେଉଁ ତଦନ୍ତ କରାଯିବ ତାହାର ପ୍ରକିୟା ଆଜି ଶେଷ ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଅଧିନରେ ଥିବା ୪୧ଗୋଟି ପଂଚାୟତରେ ମୋଟ ୩୨୫୯ ହେକ୍ଟର ଚାଷ ଜମିରେ ଅଦିନିଆ ବର୍ଷା ପାଇଁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି । ଆଜି ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମିଶ୍ର ,କୋଲଣପୁର ଓ କେନ୍ଦୁପାଟଣା ପଂଚାୟତକୁ ଯାଇ ବର୍ଷାରେ ଧାନ ଫସଲ ନଷ୍ଟ ହୋଇଥିବା କେତେକ କ୍ଷେତ ବୁଲି ଦେଖିଥିଲେ । ତହସିଲଦାର ଅନିତା ନାୟକ, ବ୍ଲକ ସହକାରୀ କୃଷି ଅଧିକାରୀ ସତ୍ୟବ୍ରତ ସର୍ଦାର ସିଂ, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଚୌଧୁରୀ ଦେବଦୂତ ଦାଶ ପ୍ରମୁଖ ବିଭିନ୍ନ ପଂଚାୟତରେ ବୁଲି ଧାନ ଫସଲ କ୍ଷୟକ୍ଷତିର ଏକ ଆନୁମାନିକ ଆକଳନ ମଧ୍ୟ କରିଛନ୍ତି । ଏହି ଆକଳନରେ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ କିଭଳି ସହାୟତା ଯୋଗାଇ ଦିଆଯିବ ସେଥିପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି । ପ୍ରଥମେ କ୍ଷତିଗ୍ରସ୍ତ ଚାଷୀମାନଙ୍କର ନାମ ପଞ୍ଜିକରଣ ପାଇଁ କି କି ଉପାୟ ଅବଲମ୍ବନ କରିବା ପାଇଁ ପଡ଼ିବ ପ୍ରତ୍ୟେକ ପଂଚାୟତରେ ରାଜସ୍ୱ ନିରୀକ୍ଷକମାନଙ୍କ ଦ୍ୱାରା ଚାଷୀମାନଙ୍କୁ ତାଲିମ୍ ଦିଆଯାଇଛି । କ୍ଷତିଗ୍ରସ୍ତ ଚାଷୀମାନେ ପ୍ରଥମେ ତହସିଲରେ ସେମାନଙ୍କ ନାମ ପଞ୍ଜିକରଣ କରିବା ପରେ ସରକାରଙ୍କ ପକ୍ଷରୁ ନିୟମ ଅନୁଯାୟୀ କ୍ଷତିପୂରଣ ଯୋଗାଇ ଦିଆଯିବ । ଏଥିପାଇଁ ଏହି ବ୍ଲକ ଅଂଚଳରେ ମୋଟ୍ ୪୧ଟି ଟିମ୍ ଗଠନ କରାଯାଇଛି । ଏହି ଟିମରେ ରାଜସ୍ୱ ନିରୀକ୍ଷକ ,ଗ୍ରାମ୍ୟ କୃଷି କର୍ମୀ ସମେତ ପ□ାୟତ ସ୍ତରରେ କୃଷକ ସାଥୀମାନଙ୍କୁ ମଧ୍ୟ ନିୟୋଜିତ ହୋଇଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ପ୍ରଥମେ କ୍ଷତିଗ୍ରସ୍ତ ଚାଷୀ ତାଙ୍କର କ୍ଷତି ହୋଇଥିବା ଧାନ ଚାଷର ଜମିରେ ନିଜେ ଛିଡ଼ା ହୋଇ ଜିପିଏସ ଫଟୋ କପି ଆବେଦନ ଫର୍ମରେ ସଂଯୋଗ କରି ତହସିଲ କାର୍ଯ୍ୟାଳୟରେ ଦେବା ପରେ ସେମାନଙ୍କର ନାମ ପଞ୍ଜିକରଣ କରାଯିବ । ନାମ ପଞ୍ଜିକରଣ ପରେ କ୍ଷତିଗ୍ରସ୍ତ ଚାଷୀଙ୍କର କେଉଁ ପରିମାଣରେ ଧାନ ଫସଲ କ୍ଷୟକ୍ଷତି ହୋଇଛି ତାହାର ତଦନ୍ତ କରାଯାଇ ଏକ ରିପୋର୍ଟ ପ୍ରଦାନ କରାଯିବ । ଯଦି ଜଳସେଚିତ ଜମି କ୍ଷୟକ୍ଷତି ହୋଇଥାଏ ତାହେଲେ ହେକ୍ଟର ପିଛା କ୍ଷତିଗ୍ରସ୍ତ ଚାଷୀଙ୍କୁ ୧୩ହଜାର ୫୦୦ଟଙ୍କା, ଏବଂ ଅଣଜଳସେଚିତ କ୍ଷତିଗ୍ରସ୍ତ ଜମିର ହେକ୍ଟର ପିଛା ୬ହଜାର ୮ଶହ ଟଙ୍କା ସହାୟତା ଦିଆଯିବ ବୋଲି ଜଣାଯାଇଛି । ନିଶ୍ଚିନ୍ତକୋଇଲି ତହସିଲ ଅଧିନରେ ଥିବା ୩୪ଗୋଟି ପଂଚାୟତରେ ୧୮୦ଟି ରାଜସ୍ୱ ଗ୍ରାମରେ ୩ହଜାର ୧୨୧ହେକ୍ଟର ଚାଷ ଜମି କ୍ଷୟକ୍ଷତି ହୋଇଥିବାବେଳେ କିଶୋରନଗର ତହସିଲ ଅଧିନରେ ରହିଥିବା ୭ଟି ପଂଚାୟତରେ ୧୩୮ହେକ୍ଟର ଚାଷ ଜମିରେ ଧାନ ଫସଲ କ୍ଷୟକ୍ଷତି ହୋଇଥିବା ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯାଇଛି ବୋଲି ତହସିଲଦାର ଶ୍ରୀମତୀ ନାୟକ ସୂଚନା ଦେଇଛନ୍ତି ।

## ବିକାଶର ନକ୍ସା ବଦଳାଇବାକୁ ମନ୍ତ୍ରୀଙ୍କୁ ପ୍ରଭାରୀ ମନ୍ତ୍ରୀ ନିଯୁକ୍ତି ଦେଲେ ମୋହନ ସରକାର

ମାହାଙ୍ଗା **୩୦/୧୨ (ନି.ପ୍ର):**୨୦୩୬ ମସିହା ସୁଦ୍ଧା ରାଜ୍ୟକୁ ବିକଶିତ ରାଜ୍ୟ ଭାବେ ଗଢିତୋଳିବା ନେଇ ରାଜ୍ୟର ମୋହନ ସରକାର ବଦ୍ଧ ପରିକର । ୫ବର୍ଷରେ ରାଜ୍ୟର ବିକାଶର ନକ୍ସା ବଦଳିବ । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଦେବାକୁ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ରାଜ୍ୟରେ ବିକାଶମୂଳକ କାର୍ଯ୍ୟକୁ ଆଗକୁ ନେବାକୁ ପ୍ରତି ଜିଲ୍ଲାରେ ମୋହନ ସରକାର ମନ୍ତ୍ରୀଙ୍କୁ (ପ୍ରଭାରୀ ମନ୍ତ୍ରୀ) ନିଯୁକ୍ତ କରିଛନ୍ତି । ୧୫ମନ୍ତ୍ରୀଙ୍କୁ ୩୦ଟି ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି ମୋହନ ଚରଣ ମାଝୀ, ପ୍ରତ୍ୟେକ ମନ୍ତ୍ରୀ ୨ଗୋଟି ଜିଲ୍ଲାର ଦାୟିତ୍ୱ ତୁଲାଇବେ । ଦାୟିତ୍ୱ ନେଇଥିବା ଜିଲ୍ଲାକୁ ମନ୍ତ୍ରୀମାନେ ପ୍ରତି ମାସରେ ଗ୍ରସ୍ତ କରିବେ । ଜିଲ୍ଲା ପ୍ରଶାସନ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହ ପ୍ରକଳ୍ପ ଗୁଡ଼ିକ କିଭଳି ତ୍ୱରିତ ହେବ ତାହା ଦେଖିବେ । ଯେଉଁଠି ପ୍ରତିବନ୍ଧକ ଥିବ ସମାଧାନ ପାଇଁ କାର୍ଯ୍ୟ କରିବା ସହ ପ୍ରଶାସନ ସହ ଆଲୋଚନା କରି ଧାର୍ଯ୍ୟ ସମୟ ଭିତରେ ଶେଷ କରିବାକୁ କାର୍ଯ୍ୟ କରିବେ । ଏହି ପ୍ରରୀପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓଙ୍କୁ କଟକ ଓ ଜଗତସିଂହପୁର ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି । ଶ୍ରୀ ସିଂହଦେଓ କଟକ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଦାୟିତ୍ୱ ନେଇଥିବାରୁ ମାହାଙ୍ଗା ବିଜେପି ନେତା ତଥା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ କୁମାର ଘଡ଼େଇ,କେନ୍ଦ୍ରାପଡ଼ା ସାଂସଦଙ୍କ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରତିନିଧି ମଳୟ କୁମାର ଘଡ଼ାଇଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ଶ୍ରୀ ସିଂହଦେଓଙ୍କୁ ସ୍ୱାଗତ ଜଣାଇଛନ୍ତି ।

## ପାଚିକା ଓ ପାଚିକା ସହାୟକଙ୍କୁ ତାଲିମ ପ୍ରଦାନ

ପିପିଲି: ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ୫୫ଟି ସ୍କୁଲର ୧୦୦ ଜଣ ପାଚିକା ଓ ପାଚିକା ସହାୟକଙ୍କୁ ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲରେ ପିଏମ ପୋଷଣ ଯୋଜନାରେ ତାଲିମ ପ୍ରଦାନ କରାଯାଇଛି। ତାଲିମ ଶିବିରକୁ ଏବିଇଓ ଲକ୍ଷ୍ମୀପ୍ରିୟା ନାୟକ ଉଦଘାଟନ କରିଥିବା ବେଳେ ସିଆରସିସି ବୈକୁଣ୍ଠ ବିଶ୍ୱାଳ, ଭଗବାନ ସାହୁ ତାଲିମ ପ୍ରଦାନ କରିଥିଲେ। ସିଆରସିସି ଚିନ୍ତାମଣି ଓଝା, ପୂର୍ଣ୍ଣଚନ୍ଦ୍ର ବେହେରା, ବଟକୃଷ୍ଣ ସାହୁ, ଡାଟା ଏଣ୍ଟ୍ରି ଅପରେଟର ରୋଜାଲିନ ସେନାପତି, ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ବାସନ୍ତୀ ତ୍ରିପାଠୀ, ଉମେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ରୋଷେଇଆ ମାନଙ୍କ ମଧ୍ୟରେ ବିଭିନ୍ନ ପୁଷ୍ଟିକର ରନ୍ଧା ଖାଦ୍ୟ ପ୍ରତିଯୋଗିତା କରାଯାଇଥିଲା। ବିଦ୍ୟାଳୟ ମାନଙ୍କରେ ରୋଷେଇ ସମୟରେ ପରିଷ୍କାର ପରିଚ୍ଛନ୍ନ ପରିବେଶରେ ଖାଦ୍ୟ ପ୍ରସ୍ତୁତି ସହ ପିଲାମାନଙ୍କୁ ପରିବେଷଣ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ରୋଷେଇ ସମୟରେ ଯେପରି ସମସ୍ତେ ଆପ୍ରୋନ ଓ ହେଡ କ୍ୟାପ ବ୍ୟବହାର କରିବେ ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲା।

## ହାତୀପଲଭାଙ୍ଗିଦେଲେ ଘର: ଲୋକେ ଭୟଭିତ, ବନବିଭାଗ ନୀରବ



ଫୁଲବାଣୀ :କନ୍ଧମାଳ ଓ ଗଞ୍ଜାମ ଜିଲା ସୀମାନ୍ତ ସମେତ ଟିକାବାଲି , ଚକାପାଦ , କଳିଙ୍ଗା ଆଦି ଅଞ୍ଚଳରେ ଗତ କିଛିଦିନ ହେଲା କିଛି ହାତୀପଲ ପଶିଆଶି ବିଭିନ୍ନ ଅଞ୍ଚଳରେ ନାହିଁ ନଥିବା ସମସ୍ୟା ସୃଷ୍ଟି କରୁଥିବା ବେଳେ ଏହା ଦିନକୁ ଦିନ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର କାରଣ ହୋଇଛି। ତେବେ ବନ ବିଭାଗ ବିଭିନ୍ନ ସ୍ଥାନରେ ପହଞ୍ଚି କେବଳ ଗତିବିଧି ସଂମ୍ପର୍କରେ ନିଜର ରଖାଯାଇଛି ବୋଲି କହୁଥିବା ବେଳେ ଦିନକୁ ଦିନ ଅଞ୍ଚଳର କ୍ଷତିଗ୍ରସ୍ତ ବୃଦ୍ଧି ପାଉଛି। ଶୁକ୍ରବାର ରାତ୍ରରେ ବନବାରବା ପଞ୍ଚାୟତର ପୋକସୁଙ୍ଗା ଗ୍ରାମର ଗୋପାଳ ପ୍ରଧାନଙ୍କ ଘରକୁ ହାତିପଲ ଭାଙ୍ଗିଦେଇଛନ୍ତି। ସେହି ସବୁ ଅଞ୍ଚଳରେ ଗତ କିଛିଦିନ ହେଲା ହାତୀପଲ ଧାନଗଦା ସହିତ କାନ୍ଦୁଲ ଓ ନଡ଼ିଆ ଆଦି ଗଛନଷ୍ଟକରି ଦେଇଛନ୍ତି। ଲୋକଙ୍କ କହିବା ପ୍ରକାରେ , ଶୁକ୍ରବାର ସକାଳ ପ୍ରାୟ ୩ଟା ସମୟରେ ହାତୀପଲ ଗୋପାଳଙ୍କ ଘର ଭାଙ୍ଗିବା ସହିତ ଘରର ଆବାସପତ୍ର ମଧ୍ୟ ନଷ୍ଟକରିଛନ୍ତି। ହାତୀ ଭୟରେ ଗୋପାଳଙ୍କ ପରିବାର ଲୋକେ ଜୀବନ ବଞ୍ଚାଇବା ଭୟରେ ଅନ୍ୟତ୍ର ଚାଲିଯାଇ ପାଟିକରିବାର ଗ୍ରାମର ଲୋକେ ଉଠିପଡ଼ିଥିଲେ ମଧ୍ୟ ହାତୀ ଭୟରେ କିଏ ପାଖକୁ ଯାଇନଥିଲେ। କିଛିସମୟରେ ସେଠାରେ ଅରାଜକତା କରିବା ପରେ ପୁଣିଥରେ ହାତୀପଲ ଫେରିଥିଲେ। ପ୍ରକାଶଯେ, ଗତ ଦୁଇଦିନ ତଳେ ବଡ଼ବାରବା ପଞ୍ଚାୟତର ବାରନାଳିଆ ଗ୍ରାମରେ ଉପଦ୍ରବ ଯୋଗୁଁ ଲୋକେ ଭୟଭିତ ଅବସ୍ଥାରେ ଅଛନ୍ତି। ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ସନ୍ଧ୍ୟା ହୋଇଗଲେ ତାଟିକବାଟ ପଡ଼ିଯାଉଛି। ଖବର ପାଇ ଆଜି ବନ ବିଭାଗର କର୍ମଚାରୀ ଗ୍ରାମ ଗୁଡ଼ିକରେ ପହଞ୍ଚି ହାତୀ ଗୁଡ଼ିକର ଗତିବିଧି ସଂମ୍ପର୍କରେ ନଜର ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି କିନ୍ତୁ ଏହାର ସ୍ଥାୟୀ ସମାଧାନ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ବନ ବିଭାଗ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁଁ ଅଞ୍ଚଳବାସୀଙ୍କର ନିଦ ହଜିଗଲାଣି।

# ଶ୍ରୀରାମଚନ୍ଦ୍ର ଭବନରେ ଦ୍ୱିତୀୟ ଭଞ୍ଜ ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ତୈଳଚିତ୍ର ଉନ୍ମୋଚନ

ମାହାଙ୍ଗା **୩୦/୧୨ (ନି.ପ୍ର):** ଶ୍ରୀରାମଚନ୍ଦ୍ର ଭବନ, କଟକ ପରିସରରେ ତା୨୭.୧୨.୨୦୨୪ ରିଖରେ ଉତ୍କଳ ସାହିତ୍ୟ ସମାଜ କଟକ ଏବଂ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର,ଗୋପାଳପୁର,ମାହାଙ୍ଗା,କଟକ ଆନୁକୂଲ୍ୟରେ ଦ୍ୱିତୀୟ ଭଞ୍ଜ ଗୋଲୋକ ଚନ୍ଦ୍ର ପ୍ରଧାନଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ଡଃ.ଗୋବିନ୍ଦ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତିନିକେତନର ପ୍ରଫେସର ଡଃ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ଦ୍ୱିତୀୟ ଭଞ୍ଜଙ୍କ କାବ୍ୟ ଶୈଳୀ ସଂପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଚେୟାରର ପ୍ରଫେସର ଡଃ.ବିଜୟାନନ୍ଦ ସିଂହ, ମୁଖ୍ୟବକ୍ତା ଭାବେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ଗବେଷକ ଉମାକାନ୍ତ ପ୍ରଧନ, ସମ୍ମାନୀତ ଅତିଥିଭାବେ ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନ, ଶିକ୍ଷାବିତ୍ ତଥା ଉପଦେଷ୍ଟା ସଦସ୍ୟ ବ୍ରଜସୁନ୍ଦର ନାୟକ, ସୁଭଦ୍ରା ମହତାବ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବିରୂପାକ୍ଷ ରାୟ ଯୋଗଦେଇ ଦ୍ୱିତୀୟ ଭଞ୍ଜଙ୍କ ସାହିତ୍ୟ କୃତି ସଂପର୍କର ଆଲୋକପାତ କରିବା ସହ ତାଙ୍କ ରଚିତ କାବ୍ୟ କବିତାର ବହୁଳ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ଲୋଡା ବୋଲି ମତବ୍ୟକ୍ତ କରିଥିଲେ। ଉତ୍କଳସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ଉତ୍କଳସାହିତ୍ୟ ସମାଜର ସଂଗଠନ ସଂପାଦକ ଡଃ.ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡଃ ଅଦିତ୍ୟନାରାୟଣ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତୈଳଚିତ୍ର ସ୍ଥାପନ ସଂପର୍କରେ ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା ସୂଚନା ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଡଃ.ମନମୋହନ ସିଂଙ୍କ ଦେହାନ୍ତରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସଭାପତି ତରୁଣ କୁମାର ସାହୁ,ଇଂ. ସରୋଜ ସାମଲ, ଶାରଦା ପ୍ରସାଦ ମିଶ୍ର, ରଘୁନାଥ ମହାନ୍ତି, ଶ୍ରୀନିବାସ ସାହୁ, ଅଧ୍ୟାପକ ଫକୀର ଚରଣ ନାୟକ,ପରିବେଶ ବିତ୍ ପ୍ରମୋଦ କୁମାର ଦାଶ, କବି ସଚ୍ଚିଦାନନ୍ଦ ମିଶ୍ର, କବୟିତ୍ରୀ ପ୍ରତିଭା ଦାସ, ରାଜକିଶୋର ମିଶ୍ର, କବି ପ୍ରଫୁଲ୍ଲ କୁମାର ସାହୁ, ରାମଚନ୍ଦ୍ର ସାହୁ, ଡଃ.ଅଭୟ କୁମାର ରାଉତ,ନାଟ୍ୟକାର ଅଭୟ କୁମାର ଦାସ,ଡାକ୍ତର ପ୍ରସନ୍ନ କୁମାର ନାଥଶର୍ମା, କଲ୍ଲୋଳ କୁମାର ମହାନ୍ତି, ଶଶଧର ପ୍ରଧାନ, ସୁବାଷ ଚନ୍ଦ୍ର ମହାନ୍ତି, ଡଃ. ରବିନ୍ଦ୍ର କୁମାର ବିହାରୀ, ଅକ୍ଷୟ କୁମାର ଷଡ଼ଙ୍ଗୀ, ବିବେକାନନ୍ଦ ଦାସ, ବ୍ରହ୍ମାନନ୍ଦ ମହାନ୍ତି, ବିଜୟ କୁଅଁର, କଳ୍ପତରୁ ଦାଶ, ଚନ୍ଦ୍ରମଣି ଭୂୟାଁ, ବ୍ରହ୍ମାନନ୍ଦ ବିଶ୍ୱାଳ, ସର୍ବେଶ୍ୱର ପୁହାଣ, ସାମ୍ବାଦିକ ଭକ୍ତଚରଣ ସାହୁ, ମୋନାଲିସା ସିଂ,ଆଲୋକ ରଂଜନ ପ୍ରଧାନ,ତନ୍ମୟ କୁମାର ଦାସ, ପନଙ୍ଗଭୂଷଣ ଦାସ,ସୁରଥ କୁମାର ରାଉତ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲା ବେଳେ କବି ପ୍ରଫୁଲ୍ଲ କୁମାର ସିଂ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ତପନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂପାଦକୀୟ...

## ଭାରତ ଜି-୨୦ ଅଧ୍ୟକ୍ଷ

ସମଗ୍ର ବିଶ୍ୱର ୨୦ଟି ବୃହତ୍ ଦେଶର ଏକ ମିଳିତ ଗୋଷ୍ଠୀ ରୂପେ ବିବେଚିତ ଜି-୨୦ ରାଷ୍ଟ୍ର ସମୂହର ଅଧ୍ୟକ୍ଷ ଦାୟିତ୍ୱ ଭାରତକୁ ମିଳିବା ଦେଶବାସୀଙ୍କ ପାଇଁ ନିଶ୍ଚିତ ଭାବରେ ଏକ ଉତ୍ସାହଜନକ ଖବର। ଗତ ଡିସେମ୍ବର ପହିଲାରୁ ଗୋଟିଏ ବର୍ଷ ପାଇଁ ଭାରତ ବିଧିବଦ୍ଧ ଭାବରେ ଏହି ଗୁରୁଦାୟିତ୍ୱ ଗ୍ରହଣ କରିଛି। ଏହି ସମୟ ମଧ୍ୟରେ ଜି-୨୦ ଗୋଷ୍ଠୀର ବିଭିନ୍ନ ସମ୍ମିଳନୀ ଭାରତରେ ଆୟୋଜିତ ହେବ। ଏହା କେବଳ ନୂଆଦିଲ୍ଲୀରେ ସୀମିତ ନ ରହି ବିଭିନ୍ନ ରାଜ୍ୟରେ ଆୟୋଜନ କରାଯିବ ଏବଂ ପ୍ରାୟ ୨୦୦ଟି ଏଭଳି ସମ୍ମିଳନୀ କରାଯିବାର ବ୍ୟବସ୍ଥା ହୋଇଛି। ସେହିପରି ଭାରତର ୧୦୦ଟି ବଡ଼ ବଡ଼ ଐତିହ୍ୟ ସ୍ଥଳକୁ ଜି-୨୦ ଲୋଗୋ ଦ୍ୱାରା ଆଲୋକିତ କରାଯିବ। ଜି-୨୦ ଗୋଷ୍ଠୀର ଗତ ଶିଖର ସମ୍ମିଳନୀ ଇଣ୍ଡୋନେସିଆର ବାଲିଦ୍ୱୀପରେ ଅନୁଷ୍ଠିତ ହୋଇଥିଲା ଏବଂ ସେହିଠାରେ ଭାରତକୁ ପରବର୍ତ୍ତୀ ଅଧ୍ୟକ୍ଷ ରାଷ୍ଟ୍ର ରୂପେ ବଛାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ମାସରେ ଜି-୨୦ ଲୋଗୋକୁ ଉନ୍ମୋଚନ କରିଥିଲେ ଓ ଏଥିରେ 'ଗୋଟିଏ ପୃଥିବୀ, ଗୋଟିଏ ପରିବାର ଓ ଗୋଟିଏ ଭବିଷ୍ୟତ' ଧ୍ୱନି ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଯେଉଁ ଗୋଟିଏ ବର୍ଷ ଅଧ୍ୟକ୍ଷତା କରିବ, ସେହି ଅବଧିରେ ଜି-୨୦ ଗୋଷ୍ଠୀର ମୂଳ, ଆଭିମୁଖ୍ୟ ହେବ ସମଗ୍ର ମାନବ ସଭ୍ୟତା'ର ଉପକାର ନିମନ୍ତେ ମାନସିକତାରେ ପରିବର୍ତ୍ତନ।' ତେବେ ସବୁ ସମୟରେ ବିଶ୍ୱ ଫୋରମ୍‌ଗୁଡିକରେ ଆତଙ୍କବାଦ୍ ବିରୋଧରେ ସ୍ୱର ଉତ୍ତୋଳନ କରି ଆସିଥିବା ଭାରତ ଏଥର ମଧ୍ୟ ଜି-୨୦ ଗୋଷ୍ଠୀର ଅଧ୍ୟକ୍ଷତା କରିବାବେଳେ ଆତଙ୍କବାଦ୍ ବନ୍ଦ କରିବା ଉପରେ ଗୁରୁତ୍ୱ ଦେଇ ଚାଲିବ ବୋଲି ସ୍ପଷ୍ଟ କରିଛି। ଏହା ବ୍ୟତୀତ ଜଳବାୟୁ ପରିବର୍ତ୍ତନ ଓ ଆର୍ଥିକ ମାନ୍ଦାବସ୍ଥା ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସମସ୍ୟାର ମୁକାବିଲା ନିମନ୍ତେ ସମସ୍ତ ଦେଶକୁ ଏକଜୁଟ୍ ହେବା ଲାଗି ଭାରତ ଆହ୍ୱାନ ଦେବ ବୋଲି ଆଶା କରାଯାଉଛି। ଯେଉଁ ୨୦ଟି ବୃହତ୍ ଦେଶ ଜି-୨୦ ଗୋଷ୍ଠୀରେ ସାମିଲ ହୋଇଛନ୍ତି, ସେମାନେ ସମସ୍ତେ ବିକଶିତ କିମ୍ବା ବିକାଶଶୀଳ ଏବଂ ବିଶ୍ୱର ସମୁଦାୟ ଜି.ଡି.ପି.ର ୮୫ ପ୍ରତିଶତ ହେଉଛି ସେମାନଙ୍କର ଅବଦାନ। ସେହିପରି ମୋଟ୍ ବିଶ୍ୱ ଜନସଂଖ୍ୟାର ଦୁଇ ତୃତୀୟାଂଶ ଜି-୨୦ ଅନ୍ତର୍ଭୁକ୍ତ ଦେଶଗୁଡିକରେ ରହିଛନ୍ତି। ବିଶ୍ୱ ଅର୍ଥନୀତିର ମୁଖ୍ୟ ସମସ୍ୟାଗୁଡିକୁ ସୁଧାରିବା ଲକ୍ଷ୍ୟ ନେଇ ୧୯୯୯ ସେପ୍ଟେମ୍ବର ୨୬ ତାରିଖରେ ଜି-୨୦ ରାଷ୍ଟ୍ରଗୋଷ୍ଠୀ ଗଠିତ ହୋଇଥିଲା। ତେଣୁ ଏହି ଗୋଷ୍ଠୀରେ କେବଳ ଶିଳ୍ପୋନ୍ନତ ଓ ବିକାଶଶୀଳ ଦେଶଗୁଡିକୁ ହିଁ ସଦସ୍ୟ କରାଗଲା। ଯେଉଁ ଡିସେମ୍ବର ପହିଲାରେ ଭାରତ ଉପରେ ଜି-୨୦ ଗୋଷ୍ଠୀର ଅଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ କରାଗଲା, ଠିକ୍ ସେହିଦିନ ସାରା ବିଶ୍ୱର ଆଉ ଏକ ମର୍ଯ୍ୟାଦାଜନକ ସଂସ୍ଥାର ଅଧ୍ୟକ୍ଷ ପଦ ମଧ୍ୟ ଭାରତକୁ ମିଳିଛି। ପନ୍ଦର ଜଣେ ସଦସ୍ୟ ବିଶିଷ୍ଟ ଜାତିସଂଘ ନିରାପତ୍ତା ପରିଷଦ (ୟୁ.ଏନ୍.ଏସ୍.ସି)ର ଅଧ୍ୟକ୍ଷ ଦାୟିତ୍ୱ ଗୋଟିଏ ମାସ ପାଇଁ ବହନ କରିବା ଫଳରେ ଭାରତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀରେ ସକ୍ରିୟ ଅଂଶଗ୍ରହଣ କରିବାକୁ ସୁଯୋଗ ସୃଷ୍ଟି ହୋଇଛି। ଏହି ସମୟ ଭିତରେ ଆତଙ୍କବାଦ୍ ବିରୋଧରେ ଏକ ଦସ୍ତଖତ ଅଭିଯାନ ଚଳାଇବ ବୋଲି ଜାତିସଂଘର ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନକାଳରେ ଭାରତ ବିଶ୍ୱଗୁରୁ ମାନ୍ୟତା ହାସଲ କରିବାକୁ ଜୋରସୋର ଉଦ୍ୟମ ଚଳାଇ ଆସିଛି। ଡିସେମ୍ବର ପହିଲାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ନେତୃତ୍ୱ ଗ୍ରହଣ କରିବା ସେ ଦିଗରେ ଏକ ବଳିଷ୍ଠ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଜି-୨୦ ଅଧ୍ୟକ୍ଷ ପଦବୀ ଗ୍ରହଣ କରିବା ପରେ ଭାରତ ଉପରେ ଯେଉଁ ଗୁରୁଦାୟିତ୍ୱ ନ୍ୟସ୍ତ ହେଲା, ତାକୁ ସୁଚାରୁରୂପେ ସଂପାଦନ କରିବା ନିଶ୍ଚିତ ଭାବରେ ଏକ ବଡ଼ ଆହ୍ୱାନ । ବିଶ୍ୱର ଅଧିକାଂଶ ଶୀର୍ଷ ସ୍ଥାନୀୟ ରାଷ୍ଟ୍ରନେତାଙ୍କୁ ଯେପରି ଠିକ୍ ଭାବରେ ଆତିଥ୍ୟ ଓ ସୁରକ୍ଷା ଯୋଗାଇ ଦିଆଯାଇପାରିବ, ସେ ଦିଗରେ ଭାରତ ସରକାର ସଜାଗ୍ ଓ ଯତ୍ନଶୀଳ ହେବାକୁ ପଡ଼ିବ।

# ଦଶା ଗଣନା ପଦ୍ଧତି

ଅଭୟ କୁମାର ବେହେରା

ବର୍ତ୍ତମାନ, ଭୂତ, ଭବିଷ୍ୟତର ରହସ୍ୟ ଭେଦ ପାଇଁ କିଛି ଅଙ୍କଶାସ୍ତ୍ରର ମଧ୍ୟମ ନିଆଯିବାରେ ମହାଜନ ଜ୍ଞାନୀଙ୍କ ନିର୍ଦ୍ଦେଶ ରହିଛି। ମହାମତି, ପରାଶର, ଜୈମିନୀ, ଭୃଗୁ, କାଳିଦାସ, ବରାହ ମିହିରଙ୍କ ନାମ ଏହି ମହାଜନ ଜ୍ଞାନୀଙ୍କ ତାଲିକାରେ ଅଛି। ପରାଶର, ଜୈମିନୀ, ଭୃଗୁଙ୍କ ଦଶା ଗଣାଯିବା ପଦ୍ଧତିର ଧାରା ଭିନ୍ନ ଭିନ୍ନ। ପରାଶର ଦୁଇ ପ୍ରକାର ଦଶା ମୁଖ୍ୟତଃ ଦର୍ଶାଇଛନ୍ତି, ୧ମ ନାକ୍ଷତ୍ରିକ ଓ ୨ୟ ରାଶିର ଦଶା। ପରେ ପରାଶରଙ୍କର ରାଶି ଦଶାର ଭିନ୍ନ ବିଶ୍ଳେଷଣରେ ଜୈମିନୀ ଯୋଗ କରିଛନ୍ତି। ଭୃଗୁ ଏପରି ଦୁଇଦଶାରୁ ପ୍ରମାଣ ଦେଇଛନ୍ତି (୧) ନୈସର୍ଜକ ଦଶା, (୨) ଭୃଗୁ ଅଷ୍ଟୋତ୍ତରୀ ଦଶା। ନୈସର୍ଜକ ଦଶା ନିୟମରେ ଭୃଗୁକୃତ ଭୃଗୁ ସିଂହିତାରେ ସ୍ଥୂଳ ଗ୍ରହ ମେଳରୁ ଚନ୍ଦ୍ରଙ୍କୁ ବାଦ ଦେଇ କେମିତି ବ୍ୟକ୍ତିର ଫଳାଫଳ ସମୟ ଭିତ୍ତିକ ଆଗକୁ ବଢ଼ିବ ଓ ବହୁ ଆଗେଇବା ବର୍ଷିୟାନ ବ୍ୟକ୍ତିର ପଛ କ'ଣ ଥିଲା ଜାଣିବାର ସୂତ୍ର ତହିଁରେ ସୂଚନା ଦେଇଛନ୍ତି। କ୍ଷେତ୍ରବଳୀ ଗ୍ରହ ଦୃଷ୍ଟେ ଲଗ୍ନ ଓ ଚନ୍ଦ୍ର ଭିନ୍ନ ଜାତକ ଭୃଗୁ ନୈସର୍ଗିକ ଦଶାରେ ସାଧାରଣତ ପୂର୍ବେ କୁହାଯାଉଥିଲା। ଯେତେବେଳେ କାଁଭା ଲୋକେ ଭୁତ ଭବିଷ୍ୟତ ଜାଣିବା ଆଗ୍ରହୀ ଥିଲେ ତତ୍କାଳ ଲୋକ ବସତି ବର୍ତ୍ତମାନ ପରିନଥିଲା।

ଜୈମିନୀ ମତ ଦଶା, ନକ୍ଷତ୍ର ଭିତ୍ତିକରେ ଗଣାଯାଏ ନାହିଁ। ଏହା ଫଳାଫଳ ଧାର୍ଯ୍ୟ କରି ଫଳ କରିବାରେ ଜ୍ୟୋତିଷ ଅଭ୍ୟସ୍ତ ହେବାକୁ ବହୁ ଅଭିଜ୍ଞତା ହାସଲ କରିବାକୁ ଗୁରୁ ମାର୍ଫତ ଶିକ୍ଷା କରିବାକୁ ପଡ଼େ ଏହାକୁ କୌଣସି ପୁସ୍ତକ ଦଶା ଫଳରେ ସାମିଲ କରାଯାଇନାହିଁ। ପରାଶରୀ ପଦ୍ଧତିର ନାକ୍ଷତ୍ରିକ ଦଶା କହିଲେ ଲୋକେ ବୁଝୁଛନ୍ତି ଅଷ୍ଟୋତ୍ତରୀ ମତର ୧୦୮ ବର୍ଷର ଭୋଗ କାଳର ଦଶାକୁ ପ୍ରକୃତରେ ଏହା ଭ୍ରମାତ୍ମକ। ନକ୍ଷତ୍ର ଭିତ୍ତିକ ଦଶା ହିଁ ନାକ୍ଷତ୍ରିକ ଦଶା, ଏଥିରେ ସବୁଠାରୁ ସହଜ ବିଂଶୋତ୍ତରୀ ଦଶା ଯାହା ୧୨୦ ବର୍ଷର ବ୍ୟାପ୍ତୀ ଦଶା। ଏହାର ପ୍ରୟୋଗ ପାଇଁ ସୂତ୍ର ରହିଛି ମାତ୍ର ବର୍ତ୍ତମାନ କମ୍ପ୍ୟୁଟରରେ ଜାତକ ଛାପି ତୁରନ୍ତ ଗ୍ରାହକ ସନ୍ତୋଷ କରି ପାରୁଥିବା ଜ୍ୟୋତିଷୀମାନେ ସୂତ୍ରଟିକୁ ଅଣଦେଖା କରୁଛନ୍ତି। ବର୍ତ୍ତମାନ ଭୂତ ଭବିଷ୍ୟତ ପାଇଁ ପୂର୍ଣ୍ଣାଙ୍ଗ ଗ୍ରହସ୍ଥିତିର ୧୨ଶ ରାଶି ୧୨ଶ ଭାବର ସ୍ଥିତିକୁ ନିଆଯାଏ। ଏହି ବିଂଶୋତ୍ତରୀ ପଦ୍ଧତିର ଦଶା ପ୍ରକୃତରେ ୨୭ ନକ୍ଷତ୍ରକୁ ୩ ଭାଗରେ ମାତ୍ର ୯ଟି କ୍ରମ ନକ୍ଷତ୍ରର ସଂଯୋଗ ୧୨୦ ଅଂଶରେ ଧାର୍ଯ୍ୟ ରହିଛି। ରାଶିଚକ୍ର ୩୬୦ ଅଂଶ, ଇହ ଜନ୍ମର ଆରମ୍ଭ ସମୟକୁ ଦଶାଭୋଗ କେଉଁ ଗ୍ରହର କେତେ ବାକି ରହିଛି ଏହା ଜାତକ ପ୍ରସ୍ତୁତକାରୀ ଲେଖିଥାନ୍ତି। ଓଲଟ ଗଣନା କରି ପଛକୁ ପଛ ଅନ୍ୟ ନକ୍ଷତ୍ର ୯ଟି ମଧ୍ୟରେ ଅତୀତ କାଳ ହିସାବ ଦିଆଯାଇପାରେ ଓ ଆଗକୁ ଆଗ ଭବିଷ୍ୟତ ଫଳ ନିର୍ଦ୍ଧାରଣ ଆଗକୁ ଆଗ ୯ ନକ୍ଷତ୍ରର ମାଲିକ ଦଶାର ଫଳ କୁହାଯାଇଥାଏ। ପ୍ରକୃତରେ ଏହା ତ୍ରିପୁଟି ଦଶା ୧୨ଭାବ ସଂଶ୍ଳିଷ୍ଟରେ ୨୭ ନକ୍ଷତ୍ର ଓ ଜନ୍ମରୁ କ୍ରମାନ୍ୱୟ ନଅ ଗ୍ରହର ନକ୍ଷତ୍ର ଅଧିକାର ଦଶାରେ କେଉଁ ଭାବ ସହିତ ଦଶାର କି ସମ୍ପର୍କ ଏପରି ଫଳ କୁହାଯାଇଥାଏ ମାତ୍ର ଆଧୁନିକ ଯୁଗର କମ୍ପ୍ୟୁଟର ଛପା ଜାତକରେ ଏ ବିଚାର ସଂଶ୍ଳିଷ୍ଟ କରାଯାଇନାହିଁ। ୯ଗ୍ରହର ଦଶାରେ ପ୍ରତ୍ୟେକ ୯/୯ ଅନ୍ତରଦଶା ଓ ପ୍ରତି ଅନ୍ତର ଦଶାରେ ପୁଣି ୯/୯ ପ୍ରତ୍ୟନ୍ତର ଦଶାର ସ୍ଥୂଳ ଧାରାର ଶ୍ଳୋକ ଗୁଡ଼ିକର ସମ୍ଭାବିତ ଫଳ ଗ୍ରହ କାରକ ଦୃଷ୍ଟେ ଛାପି ଲୋକଙ୍କୁ ଦିଆଯାଉଛି। ଏହା କେବେ ଫଳଦାୟୀ ନୁହଁ। ଏହା ସମୟକୁ ଜ୍ୟୋତିଷ ଶାସ୍ତ୍ରକୁ ଭ୍ରାନ୍ତି ଦିଗକୁ ନେବ।

କେଉଁ ତଥ୍ୟ ଭିତରେ ଦଶାର ଅନ୍ତର ଦଶାକୁ ପ୍ରଥମ ଦଶାପତିର ଆଗ ନିଆଯାଉଛି ଏହାକୁ କେହି ଜ୍ୟୋତିଷୀ ଏବେ ଜ୍ଞାତ ନୁହଁନ୍ତି। ପରା ପର ନିୟମ କଥା ନକହିଲେ ଭଲ। ସୌରମାନ ବର୍ଷ ୩୬୫ ଦିନରୁ କିଛି ଅଧି କସମୟ ୪ବର୍ଷର ୧ ଦିନ ଅଧିକ ଧରାଗଲେ ଅଧିକ ଘ୬ଣ୍ଟା ଧରାଯାଉଛି। ମାତ୍ର ବିଂଶୋତ୍ତରୀ ଦଶା ଧାର୍ଯ୍ୟ ବର୍ଷକ ୩୬୦ ଦିନ କ୍ରମରେ ରାଶି ଚକ୍ରର ୩୬୦ ଅଂଶ ପାଇଁ ଏହା ସମାନ ଏକ ଗୋଲକର ପରିଧି ଏକ ୩୬୦ ଅଂଶ। ପୃଥିବୀର ଆହ୍ନିକ ଗତି ୨୪ ଘଣ୍ଟାରେ ଏହି ୩୬୦ ଅଂଶର ଗୋଲପଥ ଧରି ବିଚାର କରାଯାଉଛି। ଏକ ନକ୍ଷତ୍ର ୧୩ ଅଂଶ ଓ ୨୦ କଳା ନଅ ନକ୍ଷତ୍ର ଏମିତି ୧୨୦ ଅଂଶ ୨୭ ନକ୍ଷତ୍ର ହେବ ୩୬୦ ଅଂଶ। ୧ଅଂଶ ଅର୍ଥ ପୃଥିବୀର ୧ ଦିନର ଆହ୍ନିକ ଗତି ସମୟ କୌଣସି ଭାବର ଫଳ ଭଲ କି ମନ୍ଦ ପୁଣି ଫଳଟି କେଉଁ ସମ୍ଭାବିତ ଦିନ ପାଖାପାଖି ଘଟିବ ତାହା ଜାଣିବାକୁ ଉତ୍ସୁକମାନେ ନିଶ୍ଚେ ଆଗ୍ରହୀ। ଜ୍ୟୋତିଷୀ ତାଙ୍କର ଅଭିଜ୍ଞତାରୁ କହିବା କଥା, ମାତ୍ର ବଡ଼ ଆଶ୍ଚର୍ଯ୍ୟ ଜ୍ୟୋତିଷୀମାନେ କାମଧେନୁ ବିଦ୍ୟାରେ ଏବେ ଗ୍ରହ ରତ୍ନ କବଚ ଗ୍ରହ ବିଦ୍ୟାରେ ସଂଶ୍ଳିଷ୍ଟ କରି ବୃଥା ଟାଣି ଖରାପମାନ ଦର୍ଶାଇ ଗ୍ରାହକଙ୍କୁ ଭ୍ରାନ୍ତିରେ ପକାଉଛନ୍ତି। ସୂତ୍ର ଅନୁସାରେ ଦଶା ପ୍ରୟୋଗ ପ୍ରଥମେ ଦରକାର, ତାପରେ ବୟସ ଦୃଷ୍ଟେ ଦଶାର ଦେୟ ଧାରା ଖୋଜା ଦରକାର। ସାତ୍ତ୍ୱିକ ରାସଜିକ ତାମସିକ ତ୍ରିଧାରାରେ ଗ୍ରହମାନେ ସଞ୍ଚାଳିତ ରାଶିର ତ୍ରିଶାଂଶ ସ୍ଥିତି ଦୃଷ୍ଟେ କରିଥାନ୍ତି। ୫ ତାରାଗ୍ରହଙ୍କ ତ୍ରିଶାଂଶ ଅଧିକାର ସେମାନଙ୍କର (+) ରାଶି (-) ରାଶି ଦୃଷ୍ଟେ ରହିଛି ଅନ୍ୟ ଜ୍ୟୋତିଷ୍ମାନ ଗ୍ରହ ରବି ଓ ଚନ୍ଦ୍ର ଓ ଅନ୍ଧାରୀ ଗାଣିତିକ ଧାର୍ଯ୍ୟ ଗ୍ରହ ରାହୁ କେତୁ ତ୍ରିଶାଂଶ ଧାରାରୁ ବାହାରେ ରହିଲେ ବି ଏମାନଙ୍କର ତ୍ରିଶାଂଶ ସଂଶ୍ଳିଷ୍ଟ କରାଯାଏ। ତ୍ରିଧାରାକୁ ତ୍ରିଧାରାରେ ଗୁଣିଲେ ୯ ପ୍ରକାର ହୋଇଯାଏ। ସରଳରେ କହିଲେ ସାତ୍ତ୍ୱିକ + ସାତ୍ତ୍ୱିକ, ସାତ୍ତ୍ୱିକ + ରାଜସିକ, ସାତ୍ତ୍ୱିକ + ତାମସିକ ଏପରି ଅନ୍ୟ ୨ ରାଜସିକ ତାମସିକର ବିଚାର ଚରିତ୍ରରୁ ନେଇ ସମୟ ବ୍ୟକ୍ତିର କିପରି ଭୋଗ ହେବ ଧରି ଦୁଃଖଦ ସ୍ଥିତିରେ ଥିବା ରାଜସିକ ତାମସିକ ପ୍ରଭାବିତ ସମୟ ଓ ଭୋକ୍ତାକୁ ସାତ୍ତ୍ୱିକ ଦିଗକୁ ପରିବର୍ତ୍ତନ ପାଇଁ ଜ୍ୟୋତିଷୀ ଉପଦେଶ ଦେବା କଥା, ଏବେ ଯୁଆ ମଦ୍ୟରେ ଲୋକେ ଆକୃଷ୍ଟ ଖାଦ୍ୟର ଶୁଦ୍ଧତା ରକ୍ଷା ଅନେକ ବାଧା କେହି ଏ ସ୍ୱାମୀ ଏକ ସ୍ତ୍ରୀ ଏକ ବିଦ୍ୟା ଏକ ଦେବତା ଏକ ଆଚରଣ ଏକ ଭାଷା ଏକ ସଂସ୍କୃତିରେ ଲିପ୍ତ ରହିବାରେ ନାହାଁନ୍ତି ଏହାକୁ ଉପଦେଶରେ ପୁନଃ ବାଟକୁ ଆଣିବା କଷ୍ଟକର ତଥାପି ଆଣିବା ପାଇଁ ଜ୍ୟୋତିଷୀମାନେ ଋଷି ମାର୍ଗରେ ଚେଷ୍ଟା ଜାହିର କରିବା ଦରକାର।

ଦଶାର ଅନ୍ତର ଦଶାକୁ ପ୍ରଥମ ଦଶାପତିର ଆଗ ନିଆଯାଉଛି ଏହାକୁ କେହି ଜ୍ୟୋତିଷୀ ଏବେ ଜ୍ଞାତ ନୁହଁନ୍ତି। ପରା ପର ନିୟମ କଥା ନକହିଲେ ଭଲ। ସୌରମାନ ବର୍ଷ ୩୬୫ ଦିନରୁ କିଛି ଅଧି କସମୟ ୪ବର୍ଷର ୧ ଦିନ ଅଧିକ ଧରାଗଲେ ଅଧିକ ୬ଘଣ୍ଟା ଧରାଯାଉଛି। ମାତ୍ର ବିଂଶୋତ୍ତରୀ ଦଶା ଧାର୍ଯ୍ୟ ବର୍ଷକ ୩୬୦ ଦିନ କ୍ରମରେ ରାଶି ଚକ୍ରର ୩୬୦ ଅଂଶ ପାଇଁ ଏହା ସମାନ ଏକ ଗୋଲକର ପରିଧି ଏକ ୩୬୦ ଅଂଶ। ପୃଥିବୀର ଆହ୍ନିକ ଗତି ୨୪ ଘଣ୍ଟାରେ ଏହି ୩୬୦ ଅଂଶର ଗୋଲପଥ ଧରି ବିଚାର କରାଯାଉଛି।

ପରାଶରଙ୍କର ଧାର୍ଯ୍ୟ ବିଂଶୋତ୍ତରୀକୁ ନେଇ କୃଷ୍ଣମୂର୍ତ୍ତୀ ସୂକ୍ଷ୍ମ ଗଣନା ପାଇଁ ନକ୍ଷତ୍ରର (୧୩୦/୨୦୬ ୧୩ ଅଂଶ ୨୦ କଳାକୁ ୯/୯ ଭାଗ କରି ୧୨ ରାଶିକୁ ୨୪୯ ଭାଗରେ ଧାର୍ଯ୍ୟ ରଖିଛନ୍ତି। ଏହାକୁ ସହି ଦଶାର ୧୨୦ ଅଂଶ ଭଙ୍ଗରେ ହିଁ ଧାର୍ଯ୍ୟ କରିଛନ୍ତି। ୧ବର୍ଷକୁ କେବଳ ୩୬୫ ଦିନ, ୩୬୫ ଦିନ ୬ଘଣ୍ଟା ଧରି ହିସାବ ସର୍ବଦା ନକରି ନିୟମ ଅନୁସାରେ ଦଶା ଗଣିବା ଉଚିତ। କମ୍ପ୍ୟୁଟରରେ ତାରିଖ ଦର୍ଶାଇବା ଧାରା ହିଁ ୩୬୫ ଦିନ ହିସାବରେ କରାଯାଇଛି। ଏହାବାଦ ବର୍ଷ ଗଣନା, ଜନ୍ମ ଦିନକୁ ଜନ୍ମ ଦିନ ଏହି ଇଂରାଜୀ ତାରିଖ ବା ସୌରମାନ ଦିନ ଧାର୍ଯ୍ୟରେ ନକରି ଚନ୍ଦ୍ରମାନ ନକ୍ଷତ୍ର ସଂଶ୍ଳିଷ୍ଟ ଚନ୍ଦ୍ରମାସର ହିସାବରେ କଲେ ଏହା ୩୫୪ ଦିନ କ୍ରମରେ ୧ବର୍ଷ ଆସିବ। ଏପରି ବାର୍ହ୍ୟସ୍ୱତ୍ୟ ମାନ ୩୬୧ ଦିନ ପରେ କିଛି ଦଣ୍ଡରେ ୧ବର୍ଷ ନକ୍ଷତ୍ର ଉଗଣ ଗତିରେ ୧ ବର୍ଷ ୩୨୪ ଦିନ ଆସୁଛି। ଚାନ୍ଦ୍ରମାନ ଗଣନା ଚୈତ୍ରଶୁକ୍ଳପକ୍ଷ ପ୍ରତିପଦରୁ ଆରମ୍ଭ ଯାହା ବିକ୍ରମ ସମ୍ୱତ ସୌରମାନ ମେଶ ଦି୧ନ ଅଶ୍ୱିନୀର ଆଦ୍ୟ ଅଂଶରୁ ଗଣନା ଯହିଁରେ ସୂର୍ଯ୍ୟଙ୍କ ସ୍ଥିତି ରହେ ଏହା ଶକାବ୍ଦ ଗଣନା ଆମ ରାଜ୍ୟରେ ଗଜପତିଙ୍କର ଅଙ୍କ ପରିବର୍ତ୍ତନର ୨ୟ ଧାରା ଭାଦ୍ର ଶୁକ୍ଳ ୧୨ଶୀ ଦିନରୁ ଧାର୍ଯ୍ୟକୁ ସନଗଣନା ଏଇଠାରୁ ଆରମ୍ଭ।ବଙ୍ଗାଳାର ଗଣନା ସୌରମାନ ଏହା ପହିଲା ବୈଶାଖରୁ ଆରମ୍ଭ। ଦଶା ବିନ୍ୟାସ ପ୍ରକୃତରେ ୩୫୪ ଦିନରେ କରାଯିବା କଥା। ଏହ ୩୫୪ ଦିନ ପୁଣି ୪ ବର୍ଷରେ ଆହୁରି ୧ ଦିନ ବଢ଼େ। ଇସଲାମିକ ୨ୟ ଚନ୍ଦ୍ର ଦର୍ଶନରୁ ମାସାରମ୍ଭ ହୁଏ ତାଙ୍କର କାଳ ସାକ୍ଷୀ ଚନ୍ଦ୍ର। ଆମର ହିନ୍ଦୁଧର୍ମରେ ସୂର୍ଯ୍ୟ ସାକ୍ଷୀ ଯୋଗୁ ସୂର୍ଯ୍ୟ ଉଦୟରୁ କାଳ ଗଣନା ଆରମ୍ଭ ଦିନର ବାର ନାମ, ସୂର୍ଯ୍ୟ ଉଦୟରୁ ପରଦିନ ସୂର୍ଯ୍ୟ ଉଦୟ ମଧ୍ୟରେ ଧାର୍ଯ୍ୟ। ଚୀନାଙ୍କର ରବି ଚନ୍ଦ୍ର ଏକତ୍ର କୁମ୍ଭ ରାଶିରେ ଥିବାବେଳେ ଅନେକ ସ୍ଥଳରେ ଆମ ଦେଶରେ ତୁଳା ରାଶିରେ ରବି ଚନ୍ଦ୍ର ଥିବା ଦେଓ୍ୱାଳିକୁ କରାଯାଏ। ଖ୍ରୀଷ୍ଟ ନବ ବର୍ଷ ଜାନୁଆରୀ ପହିଲା ଡିସେମ୍ବର ମାସ ଶେଷ ରାତ୍ରୀର ରାତ୍ରୀ ଘ୧୨ଟାରୁ ବର୍ଷର ଘ୦/୦/୧ସେ ନୂଆବର୍ଷ ଆରମ୍ଭ। ଦଶା ବିଚାରରେ ବହୁ ପ୍ରକାର ସମୟ ସମୀକ୍ଷା ନକରି ଫଳ କୁହାଯାଏ ନାହିଁ। ବାର୍ଷିକ ଜୟନ୍ତୀ ଜାତକରେ ସମୟ ସସ୍କାର ଲଗାଯାଏ ଏହାକୁ ଦଶା ସଂଶ୍ଳିଷ୍ଟ କରାଗଲେ ଫଳାଫଳ ଉତ୍ତମ ଜଣାପଡ଼େ।

# ଗୁରୁଙ୍କ ଆଶୀର୍ବାଦ

(ପରେଶ ନାଥ ନନ୍ଦ)

ଜୀବନର ଯାତ୍ରା ପଥରେ ଆମେ ବିଭିନ୍ନ ଘଟଣା ତଥା ପରିସ୍ଥିତିର ସମ୍ମୁଖୀନ ହୋଇଥାଉ ।ସେଥି ମଧ୍ୟରୁ କେତେକ ଘଟଣା ଆମ ମନରେ ଏଭଳି ରେଖାପାତ କରିଥାଏ ଯେ ତାହା ଏ ଜୀବନ ପାଇଁ ସ୍ମରଣୀୟ ହୋଇ ରହିଯାଏ ।ସେଭଳି ଏକ ଘଟଣାଟି ଏହିପରି...। ଗାଁ ମାଟି ରାସ୍ତାର ଦୁଇ ପାର୍ଶ୍ୱରେ ରହିଛି ଦୁଇଟି ବିଦ୍ୟାଳୟ ।ପୂର୍ବ ପାର୍ଶ୍ୱରେ ପ୍ରାଥମିକ ବିଦ୍ୟାଳୟ ଏବଂ ପଶ୍ଚିମ ପାର୍ଶ୍ୱରେ ମଧ୍ୟ ଇଂରାଜୀ ବିଦ୍ୟାଳୟ ଯାହାଙ୍କଠାରୁ ପ୍ରାଥମିକ ଶିକ୍ଷା ଗ୍ରହଣର ସୌଭାଗ୍ୟ ପ୍ରାପ୍ତ ହୋଇଥିଲି;ସେହି ପରମ ପୂଜ୍ୟ ଗୁରୁଦେବ ହେଉଛନ୍ତି ସେହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ।ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥା'ନ୍ତି ଆଉ ଜଣେ ଯେଉଁ ବିଦ୍ୟାଳୟରେ ମୁଁ ଜଣେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇଥାଏ କିଛି ବର୍ଷ ପୂର୍ବରୁ ।ମୋ ବ୍ୟତୀତ ଆଉ ଜଣେ ଶିକ୍ଷକ ଥା'ନ୍ତି ସେ ହେଉଛନ୍ତି ମୋ କାକା ପୁଅ ଭାଇ ।ଆମ ବିଦ୍ୟାଳୟର କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଦୁଇଟି ବିରତି ଥାଏ ।ଛୋଟ ବିରତି ଏବଂ ବଡ଼ ବିରତି ଯଥାକ୍ରମେ ଦଶ ମିନିଟ୍ ଏବଂ କୋଡ଼ିଏ ମିନିଟ୍ ଅବଧିର ।ଦିନକର ଘଟଣା ;ବଡ ବିରତିରେ ସହକର୍ମୀ ଭାଇ ଜଣକ ନିକଟରେ ଘର ହୋଇଥିବାରୁ କୌଣସି ଜରୁରୀ କାମରେ ଘରକୁ ଯାଇଥାନ୍ତି ।ସେଦିନ ପ୍ରଧାନ ଶିକ୍ଷକ ମଧ୍ୟ ଛୁଟିରେ ଥା'ନ୍ତି,ତେଣୁ କାର୍ଯ୍ୟାଳୟରେ ଏକା ଏକା ବସି କୌଣସି ଚିନ୍ତାରେ ମଗ୍ନ ଥାଏ ।ହଠାତ୍ ଦେଖିଲି ଗୁରୁଜୀ ଆସୁଛନ୍ତି ।ପ୍ରକୃତିସ୍ଥ ହୋଇ ପଡ଼ିଲି,ଆଶ୍ଚର୍ଯ୍ୟ ମଧ୍ୟ ହେଲି ।ମନରେ ଶଙ୍କା ଆସିଲା କ'ଣ କିଛି ଅସୁବିଧା ହୋଇ ନାହିଁ ତ ?ଉଠିପଡ଼ି ଗୁରୁଙ୍କୁ ପାଛୋଟି ଆଣି ସସମ୍ମାନପୂର୍ବକ ଦଣ୍ଡବତ ଜଣାଇ ଆସନ ଗ୍ରହଣ କରିବା ପାଇଁ ଅନୁରୋଧ ଜଣାଇଲି ।ଆସନ ଗ୍ରହଣ କଲା ପରେ ଗୁରୁଜୀ ଆଦରର ସହିତ ମୋର ଭଲମନ୍ଦ କଥା ପଚାରିଲେ ।କିଛି ସମୟ କଥାବାର୍ତ୍ତା ପରେ ଗୁରୁଜୀ ହାତରେ ଧରିଥିବା କାଗଜ ଖଣ୍ଡକ ଖୋଲି ସସ୍ନେହରେ କହିଲେ-ବାବୁରେ...ଆସିଥିଲି ଗଣିତର ଏକ ପ୍ରଶ୍ନର ସମାଧାନ ତୋ' ଠାରୁ ପାଇବା ପାଇଁ ।ଏହା କହି ଗୁରୁଜୀ କାଗଜ ଖଣ୍ଡକରେ ଲେଖି ଆଣିଥିବା ପ୍ରଶ୍ନଟି ମୋତେ ବଢ଼ାଇ ଦେଲେ ।

ଗଣିତର ପ୍ରଶ୍ନଟି ଥିଲା 'ସମୟ କାର୍ଯ୍ୟ' ସମ୍ପର୍କରେ ।ଦୁଇ ଚାରି ଥର ଧ୍ୟାନ ପୂର୍ବକ ପ୍ରଶ୍ନଟି ପଢ଼ିଲା ପରେ ଦେଖିଲି-ପ୍ରଶ୍ନଟି ଜଟିଳ ମନେ ହେଉଥିଲେ ମଧ୍ୟ ସେଥିରେ ଥିବା ମୂଳ ତତ୍ତ୍ୱକୁ ଠିକ୍ ଭାବରେ ଧରି ନେଲେ ପ୍ରଶ୍ନଟିର ଉତ୍ତର ଯେ ନିର୍ଭୁଲ ଭାବରେ ବାହାର କରି ହେବ ବୋଲି ଦୃଢ଼ ନିଶ୍ଚିତ ହେଲି ।କହିଲି-ଗୁରୁଜୀ;ଏଇ ସାମାନ୍ୟ କଥାଟି ପାଇଁ ଆପଣ ନିଜେ କଷ୍ଟ କରି ଆସିଲେ ।କାହା ହାତରେ ଡକାଇ ପଠାଇଥିଲେ ଚଳିଥା'ନ୍ତା ।ଗୁରୁଜୀ କହିଲେ ନା- ବାବା;ଏମିତି ଚାଲି ଆସିଲି ତୋ ସହିତ ଟିକିଏ କଥାବାର୍ତ୍ତା ହେବା ପାଇଁ ।

ଏଥର ପ୍ରସ୍ତୁତ ହେଲି ପ୍ରଶ୍ନଟିର ନିର୍ଭୁଲ ଭାବରେ ସମାଧାନ କରିବା ପାଇଁ ।ଅତୀତରେ ଗୁରୁଜୀ ଦେଇଥିବା ଗଣିତର କେତେକ କୌଶଳ କଥା ମନକୁ ଆସିବାରୁ କହିଲି,ଗୁରୁଜୀ ଆପଣ ଦେଇ ଥିବା କୌଶଳ ଗୁଡ଼ିକ ମୋର ଏବେ ବି ମନେ ଅଛି ଆଉ ସେଗୁଡ଼ିକ ପ୍ରୟୋଗ କରି ପ୍ରଶ୍ନଟିର ଉତ୍ତର ସହଜରେ କରିହେବ ।ଉତ୍ତର ପାଇବାର ଭରସା ପାଇ ଗୁରୁଙ୍କ ମୁଖରେ ହସ ଫୁଟି ଉଠିଲା ।ଆଗ୍ରହର ସହ ଗୁରୁଜୀ ଗଣିତର କୌଶଳଟି କ'ଣ ଜାଣିବା ପାଇଁ ଚାହିଲେ,ମୁଁ କହିଲି,ଗୁରୁଜୀ ଆପଣ ଦେଇଥିବା କୌଶଳଟି ହେଲା-'ଏକ ନିର୍ଦ୍ଧିଷ୍ଟ କାର୍ଯ୍ୟକୁ ନିର୍ଦ୍ଧିଷ୍ଟ ସଂଖ୍ୟକ ଶ୍ରମିକ ନିର୍ଦ୍ଧିଷ୍ଟ ଦିନରେ ଶେଷ କରୁଥିବା ବେଳେ ଶ୍ରମିକ ସଂଖ୍ୟା ବଢ଼ିଲେ କାର୍ଯ୍ୟଟି କମ୍ ଦିନରେ ଶେଷ ହେଉଥିବା ସ୍ଥଳେ ,ଶ୍ରମିକ ସଂଖ୍ୟା କମିଲେ କାମଟି ଶେଷ ହେବା ପାଇଁ ଅଧିକ ସମୟ ଲାଗିଥାଏ ଇତ୍ୟାଦି ଇତ୍ୟାଦି' ।ପ୍ରଶ୍ନର ଉତ୍ତର କିପରି ସହଜ ସରଳ ଭାବରେ ତଥା ପ୍ରାଞ୍ଜଳ ଭାବରେ ବୁଝାଇ ଗୁରୁଙ୍କୁ ବୋଧଗମ୍ୟ ପୂର୍ବକ ସମାଧାନ କରାଇପାରିବି ସେଥି ପାଇଁ ଆବଶ୍ୟକୀୟ ପନ୍ଥା ଅବଲମ୍ବନ କରି ସମାଧାନ କରୁଥାଏ ।ଗୁରୁଜୀ ମଧ୍ୟ ଧ୍ୟାନ ପୂର୍ବକ ବୁଝିବାକୁ ଲାଗିଥାନ୍ତି ।ବୁଝାଇବା ଶୈଳି ଦେଖି ଗୁରୁଜୀ ବେଶ୍ ସନ୍ତୁଷ୍ଟ ଥିବା ତାଙ୍କ ଶ୍ରୀମୁଖ ଦେଖି ଜ୍ଞାତ ହେଉଥିଲି ।

ପରିଶେଷରେ ଗଣିତର ଉତ୍ତର ପାଇ ଅତି ଆନନ୍ଦିତ ହୋଇ ମନେ ମନେ ଆଶୀର୍ବାଦର ବାରି ଢ଼ାଳି ଦେଇ ମୋ ନିକଟରୁ ପ୍ରସ୍ଥାନ କଲେ ଗୁରୁଜୀ ।ଗୁରୁଜୀଙ୍କ ସେହି 'ଆଶୀର୍ବାଦ'ମୋ ଜୀବନରେ ଆଣିଦେଲା ବିରାଟ ପରିବର୍ତ୍ତନ;ଆଶା ନିରାଶା ମଧ୍ୟରେ ଘାଣ୍ଟି ହେଉଥିବା ମନରେ ହେଲା ଆଶାର ସଂଚାର,ତାଙ୍କ ଆଶୀର୍ବାଦକୁ ପାଥେୟ କରି ଆଗକୁ ଆଗକୁ ଅଗ୍ରସର ହେଲି,ଅନେକ ସଫଳତା ମଧ୍ୟ ସାଉଁଟିଲି ।ଆଉ ସେଦିନ ଉପଲବ୍ଧି କଲି- 'ଗୁରୁଙ୍କ ଆଶୀର୍ବାଦ' କେତେ ମୂଲ୍ୟବାନ ବୋଲି ।

ଅବସରପ୍ରାପ୍ତ ଶିକ୍ଷକ,ବେଲପୋଷି,ଜାମଦା,ମୟୂରଭଞ୍ଜ

# ପାକ୍ ବାଟରେ ବଙ୍ଗଳାଦେଶ

ସୌମେନ୍ଦ୍ର ଜେନା

ଗତ ପା□ମାସ ଧରି ବଙ୍ଗଳାଦେଶର ରାଜନୈତିକ ପରିସ୍ଥିତି ବଡ ସଂକଟ ମଧ୍ୟରେ ଗତି କରିଆସିଛି। ୧୯୪୭ରେ ପାକ୍‌ର ଅଂଶ ଭାବେ ରହିଥିବା ବଙ୍ଗଳାଦେଶ ୧୯୭୧ରୁ ସ୍ୱାଧୀନତା ଲାଭ କରି ଯେଉଁ ବିକାଶର ରାସ୍ତାକୁ ଫେରିଥିଲା ଗତ ପା□ମାସ ମଧ୍ୟରେ ମୌଳବାଦୀଙ୍କ ହିଂସାକାଣ୍ଡ, ହତ୍ୟା, ଲୁଟପାଟ ଏବଂ ଅଶାନ୍ତି ଯୋଗୁ ପୁଣି ପାକ୍‌ର ରାସ୍ତାକୁ ଫେରିଛି। ଅନେକ ଲୁଗାକମ୍ପାନୀ ବନ୍ଦ ହୋଇଛି କିମ୍ବା ଅନ୍ୟ ଦେଶକୁ ଉଠିଯାଇଛି । ଶ୍ରମିକମାନଙ୍କ ଦରମା ମିଳିବା ସମ୍ଭବପର ହୋଇନାହିଁ। ସେମାନେ କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କଲେ ମଧ୍ୟ ଆଗାମୀ ଦିନରେ ଯେ ସେମାନେ କିଛି ସୁବିଧା ପାଇବେ ତାହା କହିହେବ ନାହିଁ । ଶେଖ ହାସିନା ଦେଶ ଛାଡିବାପରେ ଜେଲଗୁଡିକୁ ଖାଲିକରି ଅପରାଧୀ, ସନ୍ତ୍ରାସବାଦୀମାନଙ୍କୁ ମୁକ୍ତ କରିଦେବା ପରେ ଏବେ ଦେଶର ପରିସ୍ଥିତି ବିସ୍ଫୋଟକ ରୂପ ନେଇଛି । ମୌଳବାଦୀ ଗୋଷ୍ଠୀଗୁଡିକ ରାଜରାସ୍ତାକୁ ଓହ୍ଲାଇ ଉ□ଜକ ଭାଷଣ ଦେବାରେ ଲାଗିଛନ୍ତି। ଗଣମାଧ୍ୟମରେ ଭାରତ ବିରୋଧୀ ବକ୍ତବ୍ୟମାନ ସ୍ଥାନ ପାଇବାରେ ଲାଗିଛି। ବାହାରୁ ଖାଦ୍ୟସାମଗ୍ରୀ ଦେଶକୁ କମ୍ ଆସୁଥିବା ହେତୁ ବଜାରଦର ବଢିବାରେ ଲାଗିଛି । ଭାରତ ସରକାର ନିକଟରେ ବଙ୍ଗଳାଦେଶକୁ ଚାଉଳ ରପ୍ତାନୀ ବନ୍ଦକରି ୧୨୦୦ଟନ ଚାଉଳ ମ୍ୟାନମାରକୁ ପଠାଇ ଦେଇଛନ୍ତି। କପଡା ଉଦ୍ୟୋଗ ପାଇଁ ଆବଶ୍ୟକ କ□ାମାଲ ଭାରତରୁ ଯାଉନଥିବା ହେତୁ ସେଠାକାର ଉତ୍ପାଦନ ମଧ୍ୟ ବନ୍ଦ ରହିଛି । ଏପରିକି ପ୍ରସ୍ତୁତ ପୋଷାକପତ୍ର ବିଦେଶକୁ ପଠାଇବା ଲାଗି ବଙ୍ଗଳାଦେଶକୁ ଏବେ ମାଳଦ୍ୱୀପର ବନ୍ଦର ଉପରେ ନିର୍ଭର କରିବାକୁ ପଡୁଛି । ସେଠାରେ କାର୍ଯ୍ୟରତ ଅନେକ ବିଦେଶୀ ପୋଷାକପତ୍ର କମ୍ପାନୀ ସେମାନଙ୍କ ବ୍ୟବସାୟ ବଙ୍ଗଳାଦେଶରୁ ଭାରତ ଆଣିବାକୁ ଇଛା ପ୍ରକାଶ କରି ଉଦ୍ୟମ ଚଳାଇଛନ୍ତି । ଏଭଳି ପରିସ୍ଥିତିରେ ଅନେକଗୁଡିଏ ବିଷୟ ଏବେ ଚର୍ଚ୍ଚାକୁ ଆସିଲାଣି। ଯେମିତି ମ୍ୟାନମାର ବିଦ୍ରୋହୀମାନେ ବଙ୍ଗଳାଦେଶକୁ ଦଖଲ କରି କୁକିଲାଣ୍ଡ ଗଠନ କରିବା, ବଙ୍ଗଳାଦେଶ ପୁନର୍ବାର ପାକ୍ ସହ ସାମିଲ ହେବା, ସନ୍ତ୍ରାସବାଦୀ କାର୍ଯ୍ୟକଳାପର କେନ୍ଦ୍ର ହେବା, ଭାରତର ଉ□ର ପୂର୍ବା□ଳ ରାଜ୍ୟଗୁଡିକରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଶିକ୍ଷଣ କେନ୍ଦ୍ରଗୁଡିକ ପୁନର୍ବାର ସକ୍ରୀୟ ହେବା ଆଦି ରହିଛି । ବଙ୍ଗଳାଦେଶରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଭାରତ ବିରୋଧୀ ଉ□ଜନାପୂର୍ଣ୍ଣ ବୟାନବାଜି ଜାରି ରହିଛି । ବଙ୍ଗ-ବିହାର-ଓଡିଶା ସମେତ ଉ□ର ପୂର୍ବା□ଳକୁ ବଙ୍ଗଳାଦେଶରେ ସାମିଲ କରି ବୃହତ ବଙ୍ଗଳାଦେଶ ଗଠନ ପାଇଁ ଆହ୍ୱାନ ଦେବା ସହ ମାନଚିତ୍ର ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଛି । ପାକ୍ ସେନାଦ୍ୱାରା ବଙ୍ଗଳାଦେଶ ସେନାଙ୍କର ପ୍ରଶିକ୍ଷଣ, ବଙ୍ଗଳାଦେଶର ସେନାବାହିନୀକୁ ପାକ୍‌ର ଯୁଦ୍ଧ ବିମାନ ଯୋଗାଣ କରାଯିବା ବିଷୟ ଆଲୋଚନାକୁ ଆସିଛି । ଅନ୍‌ସାର ଉଲ ବାଙ୍ଗଲାଟିମ୍ ପରି ସନ୍ତ୍ରାସବାଦୀ ଗୋଷ୍ଠୀ ପକ୍ଷରୁ ଭାରତରେ ସନ୍ତ୍ରାସ ସୃଷ୍ଟି ପାଇଁ ସ୍ଲିପରସେଲ ଗଠନ ଉଦ୍ଦେଶ୍ୟରେ କାର୍ଯ୍ୟରତ ୧୦ଜଣ ସନ୍ତ୍ରାସୀଙ୍କୁ ଆସାମ ସ୍ପେସାଲ ଟାସ୍କ ଫୋର୍ସ କେରଳ,ପଶ୍ଚିମବଙ୍ଗ ଏବଂ ଆସାମରୁ ଇତିମଧ୍ୟରେ ଗିରଫ କରିବାକୁ ସକ୍ଷମ ହୋଇଛି । ନିକଟରେ ଜଣେ ସନ୍ତ୍ରାସବାଦୀ ବନ୍ଧୁକ ସହ ଭାରତରେ ପ୍ରବେଶ କରିବା ସମୟରେ ସୀମା ସୁରକ୍ଷା ବାହିନୀର ହାତରେ ଧରାପଡିଛି। କିନ୍ତୁ ବଙ୍ଗଳାଦେଶର ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ସେହି ସନ୍ତ୍ରାସବାଦୀକୁ ବଙ୍ଗଳାଦେଶ ସେନାକୁ ହସ୍ତାନ୍ତରିତ କରିବାକୁ କହିବା ପରେ ଭାରତ ସରକାରଙ୍କ ବିଦେଶ ବିଭାଗ ପକ୍ଷରୁ କଡା ମନ୍ତବ୍ୟ ଦିଆଯାଇଛି । ଏକଥା ସତ ଯେ ଦୀର୍ଘଦିନ ଧରି ବଙ୍ଗଳାଦେଶରେ ଭାରତ ବିରୋଧୀ ସନ୍ତ୍ରାସୀ କାର୍ଯ୍ୟକଳାପର ନିୟନ୍ତ୍ରଣ ପାଇଁ ବଙ୍ଗଳାଦେଶର ଶେଖ ହାସିନା ସରକାର ଯେଉଁସବୁ ଲୋକଙ୍କୁ ଗିରଫ କରିଥିଲେ ଇତି ମଧ୍ୟରେ ମହମ୍ମଦ ୟୁନୁସ ସରକାର ସେମାନଙ୍କୁ ଜେଲରୁ ମୁକ୍ତ କରି ଦେଇଛନ୍ତି । ଏହିସବୁ ଶକ୍ତି ମିଳିତ ଭାବେ ଭାରତ ବିରୁଦ୍ଧରେ କାର୍ଯ୍ୟାରମ୍ଭ କରିଦେଇଛନ୍ତି ଯାହା ପାକ୍‌ର ଆଇଏସ୍‌ଆଇ ଚାହୁଁଥିଲା ଏବଂ ଆଗାମୀ ଦିନରେ ମଧ୍ୟ ହେବ । ଟ୍ରମ୍ପର କ୍ଲି□ନ ସହଯୋଗୀ ୟୁନୁସ ଏବେ ହାସିନାଙ୍କୁ ଆଳକରି ଭାରତକୁ ଟାର୍ଗେଟ କରିବାକୁ ଚାହୁଁଛନ୍ତି। ତେଣୁ ଭାରତର ଚିକେନ ନେକ୍ ଅ□ଳକୁ ଦଖଲ କରି ଉ□ର-ପୂର୍ବା□ଳ ରାଜ୍ୟକୁ ମୂଳ ଭାରତଠାରୁ ଅଲଗା କରିବା କଥା କୁହାଯିବା ସାଧାରଣ ବିଷୟ ନୁହେଁ । ଏକଥା ଚୀନ, ପାକିସ୍ଥାନ ଏବଂ ସର୍ଜିଲ ଇମାମ ପରି ସନ୍ତ୍ରାସୀ ଲୋକେ ମଧ୍ୟ ପୂର୍ବରୁ କହିଛନ୍ତି ।

ବଙ୍ଗଳାଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପ ଜାରିଥିଲାବେଳେ ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ସେମାନଙ୍କ ବିରୁଦ୍ଧରେ ପଦେ ହେଲେ କହିନାହାନ୍ତି, ବରଂ ଶେଖ ହାସିନାଙ୍କୁ ଆଳକରି ପ୍ରତିଦିନ ଭାରତ ବିରୋଧୀ ବିଷ ଉଦ୍‌ଗାର କରିବାରେ ଲାଗିଛନ୍ତି । ନିକଟରେ ଇଜିପଟ୍‌ଠାରେ ପାକ୍ ନେତୃବୃନ୍ଦଙ୍କ ସହ ସାକ୍ଷାତ କରି ଚିଟାଗଙ୍ଗ ବନ୍ଦରକୁ ପାକ୍ ବ୍ୟବହାର ପାଇଁ ଦେବାକୁ କହିବା ପରେ ଏକ ପାକ୍ ଜାହାଜ ଚିଟ୍ଟାଗଙ୍ଗଠାରେ ପହ□ିଥିଲା। ଇସ୍କନର ଚିନ୍ମୟ କୃଷ୍ଣ ଦାସ ଗିରଫ ଘଟଣାରେ ୟୁନୁସଙ୍କ ଭୂମିକାକୁ ସନ୍ଦେହ କରାଯାଉଛି । ଏପରିକି ଢାକାଠାରେ ଥିବା ଭାରତୀୟ ଦୂତାବାସ ଉପରେ ଆକ୍ରମଣ କରି ଭଙ୍ଗାରୁଜା କରିଥିବା ଗୋଷ୍ଠୀଙ୍କ ବିରୁଦ୍ଧରେ ବିଶେଷ କିଛି ପଦକ୍ଷେପ ନେଇନାହାନ୍ତି। ଏପରିକି ଚିନ୍ମୟ କୃଷ୍ଣଦାସଙ୍କ ମୁସଲିମ ଓକିଲକୁ ପିଟିପିଟି ହତ୍ୟା କରାଯାଇଛି । ବଙ୍ଗଳାଦେଶର ସରକାର ହିନ୍ଦୁମାନଙ୍କୁ ଯୋଜନାବଦ୍ଧ ଭାବେ ଆତଙ୍କିତ କରି ପଳାୟନ କରିବାକୁ ବାଧ୍ୟ କରୁଥିବା ଦେଖାଦେଇଛି । ଏଣେ ଭାରତ ସରକାର ବଙ୍ଗଳାଦେଶ ପ୍ରତି ଯେତିକି କଠୋର ହେବାକଥା ତାହା ନ ହେଉଥିବା ଅଭିଯୋଗ ଉଠୁଛି । କେନ୍ଦ୍ରର ସରକାର ମଧ୍ୟ ଅନେକ ବିଷୟରେ କୌଣସି ପ୍ରକାର ମନ୍ତବ୍ୟ ନଦେଇ ବିଷୟକୁ ଏଡାଇଦେବାକୁ ପ୍ରୟାସ କରୁଥିବା ଦେଖାଦେଇଛି । ଭାରତ ସରକାର ବଙ୍ଗଳାଦେଶରେ ଘଟୁଥିବା ପ୍ରତିଟି ବିଷୟ ଉପରେ ତୀକ୍ଷ୍ଣ ନଜର ରଖିଥିବା କଥା କୁହାଯାଉଛି। ମୋଦୀଙ୍କ ସରକାର କଥାରେ ନୁହେଁ କୂଟନୀତିରେ ବଙ୍ଗଳାଦେଶ ସରକାରକୁ ଘେରିବାକୁ ପ୍ରୟାସ କରୁଛି । କାରଣ ଇତି ମଧ୍ୟରେ ବଙ୍ଗଳାଦେଶର କାମଚଳା ସରକାର ଶେଖ ହାସିନାଙ୍କ ବିଚାରଲାଗି ବଙ୍ଗଳାଦେଶର ସରକାରଙ୍କ ହାତରେ ପ୍ରତ୍ୟର୍ପଣ କରିବାକୁ ଭାରତ ସରକାରଙ୍କୁ ଚିଠି ଲେଖିବା ସହ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ହେଲେ ଭାରତ ସରକାର ବଙ୍ଗଳାଦେଶ ସରକାରଙ୍କ ଅନୁରୋଧକୁ ଏତେ ସହଜରେ ଗ୍ରହଣ କରିବେ ବୋଲି ଭାବିନେବା ଭୁଲହେବ । କାରଣ ଦୁଇଦେଶ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ କେଉଁ କ୍ଷେତ୍ରରେ ତାହା ଲାଗୁ ହେବ ସେ ବିଷୟ ମଧ୍ୟ ଉଲ୍ଲେଖ ରହିଛି । କୌଣସି ପ୍ରକାର ରାଜନୈତିକ ଉଦ୍ଦେଶ୍ୟ ରହିଥିଲେ ପ୍ରତ୍ୟର୍ପଣ କରାଯାଇପାରିବ ନାହିଁ ବୋଲି ମଧ୍ୟ ଏଥିରେ ରହିଛି । ଶେଖ ହାସିନାଙ୍କ ପ୍ରତ୍ୟର୍ପଣ ଦାବି ଏହି ଶ୍ରେଣୀରେ ଆସୁଥିବା ହେତୁ ଭାରତ ସରକାର ହାସିନାଙ୍କୁ ବଙ୍ଗଳାଦେଶକୁ ହସ୍ତାନ୍ତର କରିବେ ନାହିଁ,ବରଂ ସୁରକ୍ଷା ଦେବେ । କାରଣ ହାସିନାଙ୍କ ବିରୁଦ୍ଧରେ ୟୁନୁସ ସରକାର ୫୦ରୁ ଅଧିକ ଅପରାଧରେ ଅଭିଯୋଗ ଆଣିଛନ୍ତି, ଯାହାସବୁ ମିଛ କାହାଣୀପରି । ଶେଖ ମୁଜିବୁର ହରମାନଙ୍କ ପ୍ରତିମୂ□ି ଭଙ୍ଗାଯିବା, ତାଙ୍କ ନାମରେ ନାମିତ ଅନୁଷ୍ଠାନଗୁଡିକରେ ନାମକୁ ପରିବ□ିତ କଲାପରି ଘଟଣାମାନ ଘଟିବାରେ ଲାଗିଛି । କେବଳ ସେତିକି ନୁହେଁ ବିଜୟ ଦିବସ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୯୭୧ ଯୁଦ୍ଧର ସଫଳତା ଟ୍ୱିଟକୁ ବଙ୍ଗଳାଦେଶ ସରକାର ସହଜରେ ଗ୍ରହଣ କରିନାହାନ୍ତି। ୧୯୭୧ ଯୁଦ୍ଧରେ ଭାରତ କେବଳମାତ୍ର ସହଯୋଗୀ ଥିଲା ବୋଲି ପ୍ରକାଶକରି ମନ୍ତବ୍ୟ ଦିଆଯାଇଛି। ଏକଥା ସତ ଯେ ଏମିତି ମନ୍ତବ୍ୟ ଅତୀତରେ ବିଏନ୍‌ପି ନେତାମାନେ ଦେଇଆସିଛନ୍ତି । ଏପରିକି ସରକାରରେ ଥିଲାବେଳେ ବଙ୍ଗଳାଦେଶ ନେସନାଲିଷ୍ଟ ପାର୍ଟିର ସରକାର ପାକ୍‌ର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇର ସହଯୋଗରେ ଉ□ର-ପୂର୍ବ ଭାରତର ଅନେକ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କୁ ଢାକାରେ ସୁରକ୍ଷା ପ୍ରଦାନ କରାଯାଇଥିଲା । ୨୦୨୧ରେ ଜମାତେ ଇସଲାମୀ ଏବଂ ହେଫାଜତେ ଇସଲାମ ପରି ଗୋଷ୍ଠୀ ବଙ୍ଗଳାଦେଶରେ ଭାରତ ବିରୋଧୀ ହିଂସାକାଣ୍ଡରେ ସଂପୃକ୍ତ ରହିଥିଲେ ।

ପାକ୍ ଅଧିକୃତ କାଶ୍ମୀର ସନ୍ତ୍ରାସବାଦୀଙ୍କୁ ଭାରତ ଉପରେ ଆକ୍ରମଣ କରିବା ପାଇଁ ୨୦୦୧ରେ ଆର୍ଥିକ ସହାୟତା ପ୍ରଦାନ କରିଥିବା ତତ୍‌କାଳୀନ ବିଏନ୍‌ପି ସରକାରର ଶିକ୍ଷାମନ୍ତ୍ରୀ ଅବଦୁସ୍ ସଲାମ ପି□ୁକୁ ନିକଟରେ ବଙ୍ଗଳାଦେଶର ଅଦାଲତ ଜେଲରୁ ମୁକ୍ତ କରିଛି । ସେ ଅତୀତରେ ପାକ୍‌ର ହରକତ୍ -ଉଲ୍-ଜିହାଦ-ଅଲ -ଇସଲାମୀ (ହୁଜି) ଗୋଷ୍ଠୀକୁ ଅସ୍ତ୍ରଶସ୍ତ୍ର କିଣିବାକୁ ସାହାଯ୍ୟ କରିବା ସହ ଅନେକ ତଥ୍ୟ ପ୍ରଦାନ କରିଥିଲା। ବଙ୍ଗଳାଦେଶର ଟାଙ୍ଗେଲ-୨ ଆସନରୁ ବିଜୟୀ ହୋଇ ସଂସଦକୁ ଯାଇଥିବା ପି□ୁ ୧୦ ଅକ୍ଟୋବର ୨୦୦୧ରୁ ୨୨ ମଇ ୨୦୦୩ ପର୍ଯ୍ୟନ୍ତ ଉପଶିକ୍ଷାମନ୍ତ୍ରୀ, ୨୨ ମଇ ୨୦୦୩ରୁ ୧୩ ମାର୍ଚ୍ଚ ୨୦୦୬ପର୍ଯ୍ୟନ୍ତ ସୂଚନାମନ୍ତ୍ରୀ ଏବଂ ୧୩ ମାର୍ଚ୍ଚ ୨୦୦୬ରୁ ୨୯ ଅକ୍ଟୋବର ୨୦୦୬ ପର୍ଯ୍ୟନ୍ତ ସାଂସଦ ରହିଥିଲା । ଜାନୁଆରୀ ୨୦୦୮ରେ ପି□ୁକୁ ୨୦୦୪ରେ ଗ୍ରେନେଜ ଆକ୍ରମଣ ଅଭିଯୋଗରେ ଗିରଫ କରାଯାଇଥିଲା । ୧ ଡିସେମ୍ବର ୨୦୨୪ରେ ପି□ୁକୁ ଅଦାଲତ ମୁକ୍ତ କରିଥିଲା। ପି□ୁ ସହ ତା ଭାଇ ମୌଲାନା ତାଜୁଦ୍ଦୀନକୁ ମଧ୍ୟ ଗିରଫ କରାଯାଇଥିଲା । ଜେଲରେ ଥାଇ ୨୦୧୬ରେ ସେ ବିଏନ୍‌ପି ଦଳର ଉପସଭାପତି ହୋଇଥିଲା। ତେବେ ୨୪ ଡିସେମ୍ବର ୨୦୨୪ରେ ପି□ୁ ଜେଲ ବାହାରକୁ ଆସିଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୨୧ ଅଗଷ୍ଟ ୨୦୦୪ରେ ଢାକାର ବଙ୍ଗବନ୍ଧୁ ଅଭେନ୍ୟୁଠାରେ ଆୱାମୀ ଲିଗ୍ ପକ୍ଷରୁ ସନ୍ତ୍ରାସବାଦ ବିରୋଧୀ ଶୋଭାଯାତ୍ରାର ଆୟୋଜକ ହୋଇଥିଲା । ତତ୍‌କାଳୀନ ବିରୋଧୀଦଳ ନେତ୍ରୀ ଶେଖ ହାସିନା ଏକ ଟ୍ରକର ପଛ ଡାଲା ଉପରୁ ୨୦ହଜାର ଶୋଭାଯାତ୍ରାକାରୀଙ୍କୁ ଭାଷଣ ଦେବା ସମୟରେ ଗ୍ରେନେଡ ଆକ୍ରମଣ ହୋଇଥିଲା । ସେହି ଘଟଣାରେ ୨୪ଜଣ ମୃତ୍ୟୁବରଣ କରିଥିଲେ ଏବଂ ୫୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଉକ୍ତ ଘଟଣାରେ ସରକାର ଆୱାମୀ ଲିଗ୍‌ର ନେତା ଶୈବାଳ ଶାହ ପାର୍ଥ ଏବଂ ମୁଖୁଲେସୁର ରହମାନକୁ ଗିରଫ କରିଥିଲେ । ମିଛ ବକ୍ତବ୍ୟ ଦେବାଲାଗି ପୁଲିସ ହାଜତରେ ସେମାନଙ୍କୁ ଯନ୍ତ୍ରଣା ଦିଆଯାଇଥିଲା । ସୁପ୍ରିମକୋର୍ଟର ବାର୍ ଆସୋସିଏସନ୍‌ର ଅନୁସନ୍ଧାନରେ ସରକାର ପ୍ରମାଣକୁ ନଷ୍ଟ କରିବା ଉଦ୍ୟମ ଜାଣିପାରିଥିଲେ । ମଧ୍ୟ ରାତ୍ରରେ ଦୁଇଟି ମୃତ ଶରୀରକୁ ସରକାର ତରବରିଆ ଭାବେ କବର ଦେଇଥିଲେ । ୨୦୦୪ରେ ପୁଲିସ ଏକ କାହାଣୀ ଶୁଣାଇଥିଲା । ତାହା ହେଲା ନୂଆଖାଲିର ଆୱାମୀ ଲିଗ୍ କର୍ମୀ ଜମାଲ ଅହମଦ ଅନ୍ୟ ୧୪ଜଣ ସୁବ୍ରତ ବୈନଗୋଷ୍ଠୀର ଅପରାଧୀଙ୍କ ସହ ମିଶି ଆୱାମୀ ଲିମ ଶୋଭାଯାତ୍ରା ଉପରେ ଆକ୍ରମଣ କରିଥିଲେ । ଆକ୍ରମଣ ପୂର୍ବରୁ ସେମାନେ ମୋଘବଜାରଠାରେ ଏକାଠି ହୋଇଥିଲେ। ସରକାର ଜଷ୍ଟିସ ଜୟନୁଲ ଆବେଦୀନଙ୍କ ନେତୃତ୍ୱରେ ଜଣିକିଆ ବିଚାର ବିଭାଗୀୟ ତଦନ୍ତ କମିଟି ଗଠନ କରିଥିଲେ ଯାହା ଶେଷରେ ରାୟ ଦେଲା ଯେ ଆକ୍ରମଣ ପଡୋଶୀ ରାଷ୍ଟ୍ର ଭାରତ ହିଁ କରିଥିଲା । ଏହିସବୁ ଘଟଣାକ୍ରମରୁ ଯାହା ଜଣାପଡୁଛି ବଙ୍ଗଳାଦେଶ ଦିନକୁ ଦିନ ପାକିସ୍ଥାନ ପରି ସନ୍ତ୍ରାସ, ଆଇନବିହୀନ ଅନ୍ଧକାର ଦିଗରେ ମାଡିଚାଲିଛି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ପ୍ରଭୁ ଶ୍ରୀକୃଷ୍ଣଙ୍କ କୃପାପ୍ରାପ୍ତିର ଉପାୟ



*ପୂଜା ସ୍ଥାନରେ ମୟୁର ଚୂଳ ମଧ୍ୟ ରଖନ୍ତୁ । ମୟୁର ଚୂଳ ରଖିବା ଦ୍ୱାରା ପରିବାରରେ ସୁଖଶାନ୍ତି ପ୍ରବେଶ କରିଥାଏ । କୃଷ୍ଣଙ୍କ ପୂଜାରେ ସର୍ବଦା ଲହୁଣୀ ଓ ମିଶ୍ରି ଭୋଗ ଲଗାନ୍ତୁ । ଶ୍ରୀକୃଷ୍ଣଙ୍କ ପାଖରେ ସର୍ବଦା ରାଧାଙ୍କ ମୂର୍ତ୍ତି ରଖନ୍ତୁ ।*

ପ୍ରଭୁ ଶ୍ରୀକୃଷ୍ଣଙ୍କର ଉପାସନା କରୁଥିବା ବ୍ୟକ୍ତିମାନେ ଜୀବନରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥାନ୍ତି । ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଶ୍ରୀକୃଷ୍ଣଙ୍କର ଅନେକ ମହତ୍ତ୍ୱ ରହିଛି । ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି ଅଛି ଯେ, ପ୍ରଭୁ ଶ୍ରୀକୃଷ୍ଣ ବାଲ୍ୟାବସ୍ଥାରେ ଲହୁଣୀ ଚୋରି କରି ଖାଉଥିଲେ, ଗୋପୀଙ୍କ ବସ୍ତ୍ର ଚୋରି କରୁଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରିବା ପାଇଁ ଭକ୍ତମାନେ ତାଙ୍କର ମୂର୍ତ୍ତିକୁ ସ୍ଥାପନ କରି ଥାଆନ୍ତି। ମୂର୍ତ୍ତି ସ୍ଥାପନ କରି ତାଙ୍କର ବିଶେଷ ରୂପେ ପୂଜାର୍ଚ୍ଚନା କରିଥାଆନ୍ତି। ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରିବା ପରେ କ'ଣ କରିବା ଉଚିତ ତାହା ଭକ୍ତମାନେ ଜାଣିବା ଉଚିତ। ତେଣୁ ମୂର୍ତ୍ତି ସ୍ଥାପନ କରିବା ପରେ ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷ ଭାବେ ପୂଜାର୍ଚ୍ଚନା କରନ୍ତୁ । ନଚେତ୍ ତାହା ଜୀବନରେ ଉନ୍ନତି ଆଣିବା ବଦଳରେ ଓଲଟା ଫଳ ଦେଇଥାଏ । ଯେଉଁଠି ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଅଛି ସେହିଠାରେ ବଂଶୀ ରଖିବା ଆବଶ୍ୟକ ଅଟେ । କୁହାଯାଏ ଯେ, ଭଗବାନ ଶ୍ରୀକୃଷ୍ଣଙ୍କୁ ବଂଶୀର ଧ୍ୱନି ଅତ୍ୟନ୍ତ ପସନ୍ଦ ଅଟେ । ତେଣୁ ଘରେ ବଂଶୀ ରଖିବା ଦ୍ୱାରା ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଶ୍ରୀକୃଷ୍ଣଙ୍କର ଗାଈ ଓ ବାଛୁରୀ ଅତ୍ୟନ୍ତ ପ୍ରିୟ । ତାଙ୍କୁ କ୍ଷୀର, ଲହୁଣୀ ଓ କ୍ଷୀରରୁ ପ୍ରସ୍ତୁତ ସମସ୍ତ ଦ୍ରବ୍ୟ ଖାଇବାକୁ ଭଲ ଲାଗିଥାଏ । ତେଣୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ରଖିବା ସ୍ଥାନରେ ଗାଈ ଓ ବାଛୁରୀ ମୂର୍ତ୍ତି ମଧ୍ୟ ରଖନ୍ତୁ । ପୂଜା ସ୍ଥାନରେ ମୟୁର ଚୂଳ ମଧ୍ୟ ରଖନ୍ତୁ । ମୟୁର ଚୂଳ ରଖିବା ଦ୍ୱାରା ପରିବାରରେ ସୁଖଶାନ୍ତି ପ୍ରବେଶ କରିଥାଏ । କୃଷ୍ଣଙ୍କ ପୂଜାରେ ସର୍ବଦା ଲହୁଣୀ ଓ ମିଶ୍ରି ଭୋଗ ଲଗାନ୍ତୁ । ଶ୍ରୀକୃଷ୍ଣଙ୍କ ପାଖରେ ସର୍ବଦା ରାଧାଙ୍କ ମୂର୍ତ୍ତି ରଖନ୍ତୁ । ଏହାସହ କଇଁ ଫୁଲ ମଧ୍ୟ ରହିବା ଉଚିତ । କାରଣ କଇଁ ପଙ୍କରୁ ଜାତ ହୋଇଥାଏ । ଏହା ଜୀବନରେ ସଂଘର୍ଷ ଓ ବିଜୟୀ ହେବାର ପ୍ରତୀକ ଅଟେ ।



# ଶ୍ରାଦ୍ଧର ସ୍ୱରୂପ




ନିତ୍ୟ ଶ୍ରାଦ୍ଧ: ନିତ୍ୟର ଅର୍ଥ ହେଉଛି ପ୍ରତିଦିନ । ଏହି ଶ୍ରାଦ୍ଧରେ ବେଶି କିଛି ଆଡ଼ମ୍ବର କରାଯାଇନଥାଏ । କେବଳ ଜଳ ସାହାଯ୍ୟରେ ହିଁ ଶ୍ରାଦ୍ଧ କରାଯାଏ । ସ୍ନାନ ସମାପନ କରିବା ପରେ ବ୍ୟକ୍ତିଜଣକ ଶୁଦ୍ଧପୂତ ହୋଇ ଏହି ଶ୍ରାଦ୍ଧ କରିଥାନ୍ତି ।

**ନୈମିତ୍ତିକ ଶ୍ରାଦ୍ଧ:** ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ପାଇଁ ଶ୍ରାଦ୍ଧ କରାଗଲେ ତାକୁ ନୈମିତ୍ତିକ ଶ୍ରାଦ୍ଧ ବୋଲି କୁହାଯାଏ । କୌଣସି ବ୍ୟକ୍ତିର ମୃତ୍ୟୁ ପରେ ଦଶ ବା ଏକାଦଶ ଦିନଯାଏ ଯେଉଁ ପିଣ୍ଡ ଦାନ କରାଯାଏ ତାହା ଏହି ନୈମିତ୍ତିକ ଶ୍ରାଦ୍ଧର ଅନ୍ତର୍ଗତ । ଆମ ହିନ୍ଦୁ ଧର୍ମର ବିଶ୍ୱାସ ଅନୁଯାୟୀ ମୃତ୍ୟୁର କିଛି ଦିନ ଯାଏ ମୃତକର ଆତ୍ମା ସଂସାର ସହିତ ଜଡ଼ିତ ହୋଇଥାଏ । ସେହି ଦିବଂଗତ ଆତ୍ମାକୁ ସନ୍ତୁଷ୍ଟ କରିବା ପାଇଁ ଶ୍ରଦ୍ଧା ଦିଆଯାଏ । ଏହି ଶ୍ରାଦ୍ଧ ପରେ ବ୍ୟକ୍ତିଜଣଙ୍କର ଆତ୍ମା ସଂପୂର୍ଣ୍ଣ ବନ୍ଧନମୁକ୍ତ ହୁଏ ବୋଲି ବିଶ୍ୱାସ ରହିଛି ।

*ଆମ ଭାରତୀୟ ପରମ୍ପରାରେ ପିତୃ ପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶ୍ରାଦ୍ଧ କର୍ମ କରାଯିବାର ବିଧି ରହିଛି । ଏହାଦ୍ୱାରା ଯେ କେବଳ ପିତୃ ପୁରୁଷଙ୍କ ଠାରୁ ଆଶୀର୍ବାଦ ମିଳେ ତାହା ନୁହେଁ, ଶ୍ରାଦ୍ଧ କରୁଥିବା ବ୍ୟକ୍ତି ମଧ ମାନସିକ ଶାନ୍ତି ଲାଭ କରେ । ଯମସ୍ମୃତି ଅନୁସାରେ ଭାରତୀୟ ପରମ୍ପରାରେ ସାଧାରଣତଃ ପାଞ୍ଚ ପ୍ରକାର ଶ୍ରାଦ୍ଧ ଯଥା ନିତ୍ୟ ଶ୍ରାଦ୍ଧ, ନୈମିତ୍ତିକ ଶ୍ରାଦ୍ଧ, କାମ୍ୟ ଶ୍ରାଦ୍ଧ, ବୃଦ୍ଧି ଶ୍ରାଦ୍ଧ, ପାର୍ବଣ ଶ୍ରାଦ୍ଧ ଇତ୍ୟାଦି କରିବାର ନିୟମ ରହିଛି ।*

**କାମ୍ୟ ଶ୍ରାଦ୍ଧ:** କୌଣସି ଅଭୀଷ୍ଟ ପୂରଣ ପାଇଁ ଯେଉଁ ଶ୍ରାଦ୍ଧ କରାଯାଏ ତାକୁ କାମ୍ୟ ବୋଲି କୁହାଯାଏ । ଏହି ଶ୍ରାଦ୍ଧ ଦ୍ୱାରା ବ୍ୟକ୍ତିର ଇଚ୍ଛା ଫଳବତୀ ହୁଏ ବୋଲି ବିଶ୍ୱାସ କରାଯାଏ ।

**ବୃଦ୍ଧିଶ୍ରାଦ୍ଧ:** ସନ୍ତାନ ଜନ୍ମ ବା ବିବାହୋତ୍ସବ ଇତ୍ୟାଦି ମାଙ୍ଗଳିକ କାର୍ଯ୍ୟରେ ଯେଉଁ ଶ୍ରାଦ୍ଧ କରାଯାଏ ତାକୁ ବୃଦ୍ଧି ଶ୍ରାଦ୍ଧ ବୋଲି କୁହାଯାଏ । ଏହାଦ୍ୱାରା ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି । **ପାର୍ବଣ ଶ୍ରାଦ୍ଧ:** ମହାଳୟା ପକ୍ଷ, ଅମାବାସ୍ୟା ତିଥି ତଥା ବିଭିନ୍ନ ପର୍ବପର୍ବାଣିରେ ଏହି ଶ୍ରାଦ୍ଧ କରାଯାଇଥାଏ । ଏହାଦ୍ୱାରା ବିଘ୍ନ ନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

# ମହାପଣ୍ଡିତ ରାବଣଙ୍କ ଦ୍ୱାରା ରଚିତ ୧୩ଟି ଅଦ୍ଭୁତ ଗ୍ରନ୍ଥ

ରାମଙ୍କ ଗାଥା ବାଲ୍ମିକୀ ରାମାୟଣ ଅନୁଯାୟୀ, ରାବଣ ମହାପଣ୍ଡିତ ଥିଲେ। ରାବଣ ବହୁତ ଜ୍ଞାନୀ ଥିଲେ ଏବଂ ଜ୍ୟୋତିଷ, ସ୍ଥାପତ୍ୟ ଏବଂ ବିଜ୍ଞାନ ବିଷୟରେ ତାଙ୍କର ଜ୍ଞାନ ଥିଲା । ଆସନ୍ତୁ ଜାଣିବା ରାବଣ ଦ୍ୱାରା ରଚନା ହୋଇଥିବା ୧୩ଟି ମହାନ ଗ୍ରନ୍ଥ।





୧. ଶିବ ତାଣ୍ଡବ ସ୍ତୋତ୍ର: ରାବଣ ତାଙ୍କର ଆରାଧ୍ୟ ଶିବଙ୍କ ପ୍ରଶଂସା କରି 'ଶିବ ତାଣ୍ଡବ ସ୍ତୋତ୍ର' ରଚନା କରିଥିଲେ। ୨. ରାବଣ ସଂହିତା: ରାବଣ ସଂହିତା ରାବଣର ଜୀବନ ଏବଂ ଜ୍ୟୋତିଷ ଶାସ୍ତ୍ରର ଉତ୍ତମ ଜ୍ଞାନର ଭଣ୍ଡାର ଅଟେ । ୩. ଦଶ ଶତକାତ୍ମକ ଅର୍କପ୍ରକାଶ: ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରରେ ଚର୍ଚ୍ଚିତ ଗ୍ରନ୍ଥ। ୪. ଦଶ ପଟଳାତ୍ମକ: ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରର ପ୍ରସିଦ୍ଧ ଗ୍ରନ୍ଥ। ୫.ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରର ଲୋକପ୍ରିୟ ଗ୍ରନ୍ଥ। ୬. କୁକୁମାରତନ୍ତ୍ର: ଚିକିତ୍ସା ଏବଂ ଯାନ୍ତ୍ରିକ କ୍ଷେତ୍ରରେ ଚର୍ଚ୍ଚିତ୍ର ଗ୍ରନ୍ଥ। ୭. ନାଡି ପରୀକ୍ଷା: ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରର ଗ୍ରନ୍ଥ। ୮. ଅରୁଣ ସଂହିତା, ୯. ଅଙ୍କ ପ୍ରକାଶ, ୧୦. ଇନ୍ଦ୍ରଜାଲ, ୧୧. ପ୍ରକୃତ କାମଧେନୁ, ୧୨. ପ୍ରାକୃତ ଲଙ୍କେଶ୍ୱର, ୧୩. ରାବଣିଅମ୍ ଇତ୍ୟାଦି ପୁସ୍ତକ ରଚନା କରିଥିଲେ।

# ଅହଂକାରୀ

*ଦୈବ ଯୋଗରୁ ପ୍ରଚଣ୍ଡ ପବନରେ ନୌକାଟି ଭଉଁରୀ ମଧ୍ୟରେ ପଶିଗଲା । ନାଉରିଆ ଉଚ୍ଚ ସ୍ୱରରେ କହିଲା ଭାଇ ସାହେବ ଆପଣ ପହଁରା ଶିଖିଛନ୍ତି । ଦାମ୍ଭିକ ବ୍ୟକ୍ତି କହିଲେ ନା, ମୋତେ ପହଁରା ଜଣାନାହିଁ ...*



ଜଣେ ଲୋକ ଜୀବନର ଅର୍ଦ୍ଧେକ ପାଠପଢ଼ାରେ ବିତେଇ ଦେଲେ । ଏତେ ପଢ଼ା ଲେଖା କରି ମଧ୍ୟ ତାଙ୍କ ମନରେ ବିନମ୍ରତାର ଭାବ ନଥିଲା । ତାଙ୍କ ମନରେ ବହୁତ ଗର୍ବ ଥାଏ। ସେ ନିଜକୁ ସର୍ବଶ୍ରେଷ୍ଠ ବିଦ୍ୱାନ ଭାବେ ମନେକରେ । ଅନ୍ୟ ସମସ୍ତଙ୍କର ବିଦ୍ୟା ଓ ଜ୍ଞାନକୁ ଅସ୍ୱୀକାର କରେ । ଥରେ ଏହି ବ୍ୟକ୍ତିଜଣକ କୌଣସି ସ୍ଥାନକୁ ଯିବାକୁ ବାହାରିଲା । ରାସ୍ତାରେ ଯିବାବେଳେ ନଦୀ ପାର ହେବାକୁ ପଡ଼େ । ନଦୀ ପାର ହେବା ପାଇଁ ବ୍ୟକ୍ତି ଜଣକ ଡ଼ଙ୍ଗାରେ ବସିଲେ । ମନରେ ଗର୍ବଭାବ ରଖି ନାବିକକୁ ପଚାରିଲେ କ'ଣ ତୁମେ ବ୍ୟାକରଣ ପଢ଼ିଛି । ନାଉରିଆ ମନା କଲା। ଅହଂକାରୀ ବ୍ୟକ୍ତି ଜଣକ କହିଲେ ଜୀବନର ଅଧା ବେକାର କରିଦେଲ । ନାବିକ ଚୁପ୍‌ଚାପ୍ ରହିଲା । ଆକାଶରେ ବାଦଲ ଘୂରୁଥାଏ। ପବନ ବହୁଥାଏ । କିଛି ସମୟ ପରେ ବ୍ୟକ୍ତିଜଣକ ନାଉରିଆକୁ ପୁଣି ପଚାରିଲା ତୁମେ ଇତିହାସ ଓ ଭୂଗୋଳ ପଢ଼ିଛି । ନାଉରିଆ ପଢ଼ି ନଥିବା କହିଲା । ଏହି ବ୍ୟକ୍ତି ଜଣଙ୍କ କହିଲେ ତା'ହେଲେ ତ ତୁମର ପୂରା ଜୀବନ ବେକାର ହୋଇଗଲା । ନାଉରିଆ ଏବେ କ୍ରୋଧିତ ହୋଇଗଲା । କିନ୍ତୁ ସେହି ସମୟରେ କିଛି କହିଲା ନାହିଁ । ଦୈବ ଯୋଗରୁ ପ୍ରଚଣ୍ଡ ପବନରେ ନୌକାଟି ଭଉଁରୀ ମଧ୍ୟରେ ପଶିଗଲା । ନାଉରିଆ ଉଚ୍ଚ ସ୍ୱରରେ କହିଲା -ଭାଇ ସାହେବ ଆପଣ ପହଁରା ଶିଖିଛନ୍ତି। ଦାମ୍ଭିକ ବ୍ୟକ୍ତି କହିଲେ ନା, ମୋତେ ପହଁରା ଜଣାନାହିଁ । ନାଉରିଆ କହିଲେ ତେବେ ତ ଆପଣଙ୍କୁ ବଂଚାଇବାକୁ ଇତିହାସ, ଭୁଗୋଳକୁ ଡ଼ାକିବାକୁ ପଡ଼ିବ । ନଚେତ୍ ଆପଣଙ୍କ ସମସ୍ତ ପଢ଼ା ବରବାଦ ଯିବ । କାରଣ ଡ଼ଙ୍ଗା ଏବେ ଭଉଁରୀ ମଧ୍ୟରେ ଘୂରୁଛି। ଆଉ କିଛି ସମୟ ମଧ୍ୟରେ ବୁଡ଼ିଯିବ। ଏହା କହି ନାଉରିଆ ନଦୀକୁ କୁଦା ମାରିଲା ଏବଂ ତୁରନ୍ତ ପହଁରି ପହଁରି କୂଳ ଆଡ଼କୁ ଗଲା । ସେତେବେଳେ ଦାମ୍ଭିକ ବ୍ୟକ୍ତି ଜଣକ ବୁଝିଲେ କୌଣସି ବିଦ୍ୟାରେ ପରଙ୍ଗମତା ନେଇ ଗର୍ବ କରିବା ଅନୁଚିତ ।

# ବାସ୍ତୁ ଏବଂ ଆପଣଙ୍କ କ୍ୟାରିୟର୍





ରାସଫଳ କ୍ୟାରିୟର ଏବଂ ସୁନେଲୀ ଭବିଷ୍ୟତ ପ୍ରତ୍ୟେକଙ୍କ ଜୀବନର ସବୁଠାରୁ ବଡ଼ ସ୍ୱପ୍ନ । ଭଲ କ୍ୟାରିୟର୍ ବ୍ୟକ୍ତିକୁ ଆଜୀବନ ସାମାଜିକ ପ୍ରତିଷ୍ଠା ଏବଂ ଆର୍ଥିକ ସମୃଦ୍ଧି ପ୍ରଦାନ କରିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯଦି ଆପଣ ନିଜ କ୍ୟାରିୟର ଗଠନରେ ଚେଷ୍ଟିତ ଏବଂ ଆଗ୍ରହୀ ତେବେ ଆପଣଙ୍କୁ ସର୍ବଦା ସକାରାତ୍ମକ ଶକ୍ତି ମିଳିବା ଏକାନ୍ତ ଆବଶ୍ୟକ । ତେଣୁ ବାସ୍ତୁ ଶାସ୍ତ୍ର ଅନୁସାରେ ପ୍ରଦତ୍ତ କିଛି ନିର୍ଦ୍ଦିଷ୍ଟ ନିୟମର ପାଳନ କରନ୍ତୁ ଏବଂ ନିଜ ଘର ପରିବେଶକୁ ଶାନ୍ତ କରିବା ସହ କ୍ୟାରିୟରରେ ମଧ ସଫଳତା ପାଆନ୍ତୁ । ଏଥିପାଇଁ.... ନିଜର ଆଖାପାଖର ବାତାବରଣକୁ ସଜୀବ ତଥା ସକରାତ୍ମକ ରଖନ୍ତୁ । ନିଜର ରହୁଥିବା ସ୍ଥାନ, ଷ୍ଟଡି ଟେବୁଲ, ଲିଭିଙ୍ଗ୍ ରୁମ୍ ଏବଂ ବେଡ଼ରୁମ୍ ଭିତରେ ଓ ଆଖପାଖର ବାତାବରଣକୁ ପରିଷ୍କାର ରଖନ୍ତୁ । ବିଦେଶରେ ନିଜର ଭବିଷ୍ୟତ ଗଢ଼ିବାକୁ ଆଗ୍ରହୀ ଥିବା ଯୁବକମାନେ ନିଜ କାମ କରୁଥିବା ଟେବୁଲ୍ ଉପରେ ଗୋଟିଏ ଗ୍ଲୋବ୍ ରଖନ୍ତୁ କିମ୍ବା ଦକ୍ଷିଣ ଦିଗର କାନ୍ଥରେ ଗୋଟିଏ ବିଶ୍ୱ ମାନଚିତ୍ର ଲଗାନ୍ତୁ । ଏହା ଅତିରିକ୍ତ ସେଲିଙ୍ଗ ବୋଟ୍, ସମୁଦ୍ର ଜାହାଜ କିମ୍ବା ବାୟୁସେନାର ପୋଷ୍ଟର ଘରର ଉତ୍ତର ଦିଗର କାନ୍ଥରେ ଲଗାନ୍ତୁ । କ୍ୟାରିୟରର ପ୍ରତୀକ ଉତ୍ତର ଦିଗକୁ ସର୍ବଦା ପରିଷ୍କାର ଓ ସ୍ୱଚ୍ଛ ରଖନ୍ତୁ । ନିଜ ଶୋଇବା ଘର ଟେବୁଲ୍ ପାଖରେ ସତେଜ୍ ଫୁଲ ବା ଫୁଲତୋଡା ରଖିବା ଦ୍ୱାରା ପାଠପଢ଼ା ପ୍ରତି ଆପଣଙ୍କ ରୁଚି ଜାଗ୍ରତ କରିବ କିନ୍ତୁ ଘରେ ଶୁଖିଲା ଏବଂ ମଉଳି ଯାଇଥିବା ଗଛ ରଖିବା ଅଶୁଭ । ନିଜ ଘରର ଭିତରେ ଭଲ ଲାଗୁଥିବା ତଥା ବାସୁଥିବା ରୁମ୍ ଫ୍ରେସନ୍‌ର, ଧୂପକାଠି, ଅଗରବତୀ, ଏରୋମାଟିକ କ୍ୟାଣ୍ଡେଲ୍ ଇତ୍ୟାଦି ବ୍ୟବହାର

[redacted] ଆପଣ ଘରେ ରଜନୀଗନ୍ଧା କିମ୍ବା ଚମ୍ପାଫୁଲର
[redacted] ବାଲ୍‌କୋନି ଏବଂ ଗ୍ୟାଲେରୀରେ କିଛି ଭଲ ଗଛ
[redacted] ଭଳି କଣ୍ଟାଯୁକ୍ତ ଗଛ ନଥିବ । କୌଣସି
[redacted] ନାହିଁ, ଅଯଥା ରାତିରେ ଶୋଇବା ସମୟରେ
[redacted] ସ୍ୱାସ୍ଥ୍ୟ ଖରାପ ହୋଇଯିବ । ଘର ବାହାରର
[redacted] ରଖନ୍ତୁ । ଯେପରିକି କଳସୀ, ଘଡ଼ି ଇତ୍ୟାଦି ।
[redacted] କ୍ରିଷ୍ଟାଲ୍ ବା ରୋଜ୍ କ୍ୱାର୍ଜସ୍‌ର ପର୍ବତ ଗୃହର
[redacted] । ଘରେ ସଜା ଯାଉଥିବା ଆର୍ଟି ଫିସିଆଲ୍ କ୍ରିଷ୍ଟାଲ୍,
[redacted] ଶୋଜର ମଧ ବ୍ୟକ୍ତିର କ୍ୟାରିୟର୍ ନିର୍ମାଣ
[redacted] ଖବର କାଗଜ, କାମରେ ଆସୁନଥିବା ପେନ୍
[redacted] ହଟାଇ ଦିଅନ୍ତୁ । ପାଠପଢ଼ା ମଝିରୁ କିଛି ସମୟ
[redacted] କିଛି ସମୟ ବୁଲି ଖୋଲା ଆକାଶକୁ ଦେଖନ୍ତୁ
[redacted] ଅଧ୍ୟୟନ, ପଠନ, ପାଠନ ଭଳି କାର୍ଯ୍ୟ ସର୍ବଦା

*ଘର ବାହାରର ପୂର୍ବୋତ୍ତର ଦିଗରେ ପାଣିଭରା ଏକ ପାତ୍ର ରଖନ୍ତୁ । ଯେପରିକି କଳସୀ, ଘଡ଼ି ଇତ୍ୟାଦି । ବ୍ୟବହାରକୁ ସକାରାତ୍ମକ କରିବା ପାଇଁ କ୍ରିଷ୍ଟାଲ୍ ବା ରୋଜ୍ କ୍ୱାର୍ଜସ୍‌ର ପର୍ବତ ଗୃହର ପୂର୍ବୋତ୍ତର ଐଶାନ୍ୟ କୋଣରେ ରଖନ୍ତୁ ।*

# ଦଧୀଚି ଋଷିଙ୍କ ଦାନ

ସ୍ୱର୍ଗର ରାଜା ଇନ୍ଦ୍ର ଓ ତାଙ୍କ ସ୍ତ୍ରୀ ସଚିଦେବୀ ସିଂହାସନରେ ବସିଥିବା ବେଳେ ତାଙ୍କର ଗୁରୁ ବୃହସ୍ପତି ଦରବାରକୁ ଯାଇଥିଲେ। ବୃହସ୍ପତିଙ୍କୁ ଦେଖି ଇନ୍ଦ୍ର ଆସନରୁ ଉଠିଲେ ନାହିଁ। କିମ୍ବା ତାଙ୍କୁ ସମ୍ମାନ ଦେଖାଇଲେ ନାହିଁ। ଏଥିରେ ଗୁରୁ ବୃହସ୍ପତି କ୍ଷୁବ୍ଧ ହୋଇ ସ୍ୱର୍ଗପୁର ଛାଡ଼ି ଚାଲିଯାଇଥିଲେ। ଏକଥା ଶୁଣି ଦେବତାମାନଙ୍କର ଶତ୍ରୁ ଅସୁରମାନେ ଦେବତାଙ୍କ ଉପରେ ଆକ୍ରମଣ କଲେ। ଦେବତାମାନେ ଭୟଭୀତ ହୋଇ ବ୍ରହ୍ମାଙ୍କର ଶରଣ ନେଲେ। ବ୍ରହ୍ମା ଦେବତାମାନଙ୍କୁ କହିଲେ ଯେ ଇନ୍ଦ୍ର ବୃହସ୍ପତିଙ୍କୁ ଅପମାନିତ କରିଥିବାରୁ ଅସୁରମାନେ ଦେବତାମାନଙ୍କୁ ଯୁଦ୍ଧରେ ହରାଇବେ। ଏହାର ପ୍ରତିକାର ପାଇଁ ଦେବତାମାନଙ୍କୁ ଋଷି ବିଶ୍ୱରୂପାଙ୍କର ସାହାଯ୍ୟ ନେବାକୁ କହିଲେ। ବିଶ୍ୱରୂପାଙ୍କ ସାହାଯ୍ୟରେ ଦେବତାମାନେ ଅସୁରମାନଙ୍କ ଠାରୁ ବର୍ତ୍ତିପାରିଲେ। କିନ୍ତୁ କିଛି କଥାରେ କ୍ଷୁବ୍ଧହୋଇ ଇନ୍ଦ୍ର ବିଶ୍ୱରୂପାଙ୍କୁ ହତ୍ୟା କରିଥିଲେ। ଏହାର ପ୍ରତିଶୋଧ ନେବାକୁ ବିଶ୍ୱରୂପଙ୍କର ପିତା ଟାଷ୍ଟ ବିତ୍ରଶୂରନାମକ ଏକ ଅସୁରଙ୍କୁ ଜନ୍ମ ଦେଲେ। ବିତ୍ରଶୁର ଦେବତାମାନଙ୍କୁ ଦମନ କରିବାରେ ଲାଗି ପଡ଼ିଲେ। ଏଥିରେ ବିବ୍ରତ ହୋଇ ଦେବତାମାନେ ବିଷ୍ଣୁଙ୍କୁ ପୂଜାର୍ଚ୍ଚନା କଲେ। ବିଷ୍ଣୁ ଦେବତାମାନଙ୍କୁ କହିଲେ ଯେ, ଏ ଦାନବକୁ ବଧ କରିବାକୁ ଋଷି ଦଧିଚିଙ୍କ ହାଡ଼ ନେଇ ବଜ୍ର ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଶୁଣି ଦେବତାମାନେ ଋଷି ଦଧିଚିଙ୍କ ପାଖରେ ପହଞ୍ଚି ତାଙ୍କୁ ଏହି ଭିକ୍ଷା ମାଗିଲେ। ଦଧିଚିଙ୍କୁ ଜଣା ଥିଲା ନିଜର ହାଡ଼ ଦେବାକୁ ତାଙ୍କୁ ମୃତ୍ୟୁବରଣ କରିବାକୁ ପଡ଼ିବ। ସେ ସମସ୍ତଙ୍କ ହିତ ପାଇଁ ଏହି ନିର୍ଣ୍ଣୟ ନେଲେ। ତାଙ୍କ ହାଡ଼ରେ ବଜ୍ର ତିଆରି କରି ଦେବତାମାନେ ବିତ୍ରାଶୁର ସାଙ୍ଗରେ ଲଢ଼ିପାରିଲେ ଏବଂ ଶେଷରେ ଏହି ବଜ୍ର ଦ୍ୱାରା ବୃତ୍ରାସୁରର ବଧ ହୋଇଥିଲା। ସେହିଦିନ ଠାରୁ ସମସ୍ତେ ଦଧିଚିଙ୍କ ଦାନ ବିଷୟରେ କହିଥାନ୍ତି।



## ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲ୍ଲା ସ୍ତରୀୟ ମହୋତ୍ସବ

ମ. ରାମପୁର ୩୦/୧୨ (ନି.ପ୍ର):କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ସ୍ଥିତ ବାଲିସ ଗ୍ରାମ ର ଗିରି ଗୋବର୍ଦ୍ଧନ ପୀଠ ପ୍ରାଙ୍ଗଣ ଠାରେ ୫/୦୧/୨୦୨୫ ରିଖ ଦିନ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲ୍ଲା ସ୍ତରୀୟ ମହୋତ୍ସବ ମହାସମରୋହ ରେ ପାଳିତ ହେବାକୁ ସ୍ଥିର ହୋଇଛି ।ଯାହା ଜିଲ୍ଲା ସଭାପତି ନୀଳମଣି ସାହୁ ଓ ସମ୍ପାଦକ ନବୀନ କିଶୋର ସାହୁ ଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ସାମାଜିକ ମହୋତ୍ସବ ପ୍ରାୟ ୧୪୩ ଖଣ୍ଡ ଗ୍ରାମ୍ୟ କମିଟି ଓ ୧୨ ଗୋଟି ମଣ୍ଡଳ କମିଟି ଉପସ୍ଥିତ ହେବାନେଇ ସାମାଜିକ ପରମ୍ପରା, ରୀତିନୀତି, ସଂସ୍କାର ଓ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବ ।ଏଥିରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ଜୟଦେବ ସାହୁ( ବମକ, ମ. ରାମପୁର) ଯୋଗଦେବା ବେଳେ ମୁଖ୍ୟ ବକ୍ତା ଭାବେ ଶ୍ରୀ ବିକ ଚାନ୍ଦ ସାହୁ ( ଜୟପାଟଣା) ଓ ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ଉମାକାନ୍ତ ସାହୁ( ସାପଲହରା , କର୍ଲାମୁଣ୍ଡା) , ଶ୍ରୀଯୁକ୍ତ କୀର୍ତ୍ତନ ସାହୁ( ରଜମୁଣ୍ଡା, ମ. ରାମପୁର) , ଶ୍ରୀଯୁକ୍ତ କୋଦଣ୍ଡଧର ସାହୁ( ଡୁମେରମୁଣ୍ଡା, କେସିଙ୍ଗା) ପ୍ରମୁଖ ଯୋଗ ଦେବା ର କର୍ଯ୍ୟକ୍ରମ ରହିଛି ।



# ଅସୁରେଶ୍ୱର ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହ ଶିଳାନ୍ୟାସ

## ସେହି ଜିନିଷ ସେହି କାମ କେବଳ ଖାଲି ନୂଆ ନାମ

ନିଶ୍ଚିନ୍ତକୋଇଲି, ୩୦/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନକୁ ନେଇ ଯୋରଦାର ରାଜନୀତି ଧରିଛି । ବିଗତ ୧୦ମାସ ଭିତରେ ଉକ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନେଇ ଦୁଇଥର ଶିଳାନ୍ୟାସ କରାଯିବା ଘଟଣା ସାଧାରଣରେ ବେଶ ଚର୍ଚ୍ଚା ହେଉଛି । କର୍ମବୀର ଗୌରୀଶଙ୍କର ରାୟଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଦୀର୍ଘ ବର୍ଷ ହେବ ଜରାଜୀର୍ଣ୍ଣ ଓ ବହୁ ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନତିକରଣ କରିବା ପାଇଁ ସ୍ଥାନୀୟ ଅଧିବାସୀମାନେ ବହୁବାର ବିଭାଗୀୟ ଅଧିକାରୀ ଏବଂ ସରକାରଙ୍କ ଠାରେ ଦାବି କରି ଆସୁଥିଲେ । ଯାହାଦ୍ୱାରା କେନ୍ଦ୍ର ସରକାରଙ୍କର ଏନଆରଏଚଏମ୍ ଯୋଜନାରେ ଏହି ସ୍ୱାସ୍ଥ୍ୟକେନ୍ଦର ଉନ୍ନତିକରଣ କରାଯିବା ନିମନ୍ତେ ଏକ ନୂତନ ଗୃହ ନିର୍ମାଣ ପାଇଁ ୧କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା । ଗୃହ ନିର୍ମାଣ କରିବା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଠିକାଦାର ଚୟନ କରାଯାଇଥିଲେ ମଧ ଏହାର କାର୍ଯ୍ୟ ପାଇଁ ଚୁକ୍ତି କରାଯାଇନଥିଲା । ହେଲେ ଗତ ମାର୍ଚ୍ଚ ୧୪ତାରିଖରେ ତଥା ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ ପକ୍ଷରୁ ଏହାର ଶୁଭ ଶିଳାନ୍ୟାସ କରାଯାଇଥିଲା । ଏହି ଶିଳାନ୍ୟାସ ଫଳକରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ରହିଥିଲା ବେଳେ ସେ ଦିନ ସେ ଉପସ୍ଥିତ ହୋଇପାରିନଥିବାରୁ ତାଙ୍କ ନିର୍ଦ୍ଦେଶରେ ବ୍ଲକ ଅଧକ୍ଷା ରୋଜୀ ସେଠୀ, ଉପାଧକ୍ଷ ଅଶୋକ କୁମାର



ଓଝା ,ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି, ସରପ□ ଗୌତମୀ ଦାସ, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶରଂଜନ ମହାପାତ୍ର, ଡ଼ା ରାଜଶ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ଏହାକୁ ଶିଳାନ୍ୟାସ କରିଥିଲେ । ଶିଳାନ୍ୟାସ ପରେ ଠିକାଦାର ଚୟନ ଓ କାର୍ଯ୍ୟ ପାଇଁ ଚୁକ୍ତି ଗତ ଅଗଷ୍ଟ ୩୧ ତାରିଖରେ କରାଯାଇ ୨୮.୦୨.୨୦୨୫ରେ ଶେଷ ପାଇଁ ଧାର୍ଯ୍ୟ ହୋଇଥିଲା । ଫଳରେ ଏହା ପୂର୍ବରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା । ନିର୍ବାଚନ ପରେ ସରକାର ବଦଳିଯିବାରୁ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ କରାଯିବା ପାଇଁ ସାଧାରଣରେ ବିଧାୟକଙ୍କ ପାଖରେ ଦାବି ହୋଇଥିଲା । ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ମାହାଙ୍ଗାର ବିଧାୟକ ପରିବର୍ତ୍ତନ ହେବା ପରେ ପୁନର୍ବାର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଗତ ଡ଼ିସେମ୍ବର ୨୧ତାରିଖରେ ଏହାକୁ ଶିଳାନ୍ୟାସ କରିଛନ୍ତି । ବିଧାୟକ ଶ୍ରୀ ପ୍ରଧାନ ଶିଳାନ୍ୟାସ କରିବା ଘଟଣାକୁ ନେଇ ବିଜେଡ଼ି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସରକାର ରଙ୍ଗ ବଦଳାଇଲା ଭଳି ମାହାଙ୍ଗା ବିଧାୟକ ନିର୍ମାଣଧିନ କାର୍ଯ୍ୟକୁ ପୁର୍ନବାର ଶିଳାନ୍ୟାସ କରି ଜନସାଧାରଣରେ ପ୍ରିୟପାତ୍ର ହେବା ପାଇଁ ଯେଉଁ ଚକ୍ରାନ୍ତ ଚଲାଇଛନ୍ତି ତାହା କେବଳ ହାସ୍ୟାସ୍ପଦ ବୋଲି ବିଜୁଜନତା ଦଳ ନେତା ପ୍ରକାଶ କରିଛନ୍ତି । ଅପରପକ୍ଷରେ ବିଜେଡ଼ି ପକ୍ଷରୁ ମାର୍ଚ୍ଚରୁ ଶିଳାନ୍ୟାସ ହୋଇଥିବା ଏବଂ ଅଗଷ୍ଟ ମାସ ୩୧ ତାରିଖରେ କାର୍ଯ୍ୟ ପାଇଁ ଚୁକ୍ତି ହୋଇଥିଲେ ମଧ ଠିକାଦାର ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କଣ ପାଇଁ କରିନଥିଲେ ସେ ନେଇ ବିଧାୟକ ସମର୍ଥକମାନେ ପ୍ରଶ୍ନ ଉଠାଇଛନ୍ତି । ଖୁବ୍ ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ଆସନ୍ତା ଫେବୃୟାରୀ ୨୮ତାରିଖ ୨୦୨୫ ମସିହାରେ ଶେଷ ହେବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସମ୍ପୃକ୍ତ ଯନ୍ତ୍ରୀଙ୍କ ଠାରୁ ଜଣାଯାଇଛି । ବିଗତ ୧୦ମାସ ମଧ୍ୟରେ ଗୋଟିଏ ପ୍ରକଳ୍ପକୁ ଦୁଇଥର ଶିଳାନ୍ୟାସ କରିବା ପଛରେ ରହିଥିବା ରାଜନୈତିକ ଅଭିସନ୍ଧିକୁ ନେଇ ରାଜନୀତି ଯୋର ଧରିଛି ।

## ତିନିଦିନିଆ ଯୁବ ରେଡ଼କ୍ରସ ତାଲିମ ଶିବିର



ପାଟଣା ୩୦/୧୨ (ନି.ପ୍ର): ଭାରତୀୟ ରେଡ଼କ୍ରସ ସଂସ୍ଥା ଓଡିଶା ରାଜ୍ୟ ଶାଖା ସହଯୋଗ ଧରଣୀଧର ବିଶ୍ୱବିଦ୍ୟାଳୟ ଯୁବ ରେଡ କ୍ରସ ଆନୁକୂଲ୍ୟରେ ଆଇଡିପି ବିଲଡିଂ କ୍ୟାମ୍ପସ ରେ ତିନିଦିନିଆ ଯୁବରେଡ଼କ୍ରସ ଶିକ୍ଷାଓ ତାଲିମ ଶିବିର ଯୁବରେଡ଼କ୍ରସ ସଂଯୋଜକ ଡ଼ଃ ମମତା ମଞ୍ଜରୀ ପଣ୍ଡା ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି, ଉଦ୍ଘାଟନୀ ଉତ୍ସବ ରେ ରାଜ୍ୟ ଶାଖା ର ଡ଼ଃ ଗିରିଶ ସ୍ୱାଇଁ ମୁଖ୍ୟ ଅତିଥି, ବିଶ୍ୱବିଦ୍ୟାଳୟ ରେଜିଷ୍ଟର ଦୁଃଖବନ୍ଧୁ ନାୟକ, ସଂଯୋଜକ ହିମାଂଶୁ ଶେଖର ମହାନ୍ତ, ପୂର୍ବତନ ରେଜିଷ୍ଟର ନରେନ୍ଦ୍ର କୁମାର ସାହୁ ଅତିଥିଭାବେ ଯୋଗ ଦେଇଥିଲେ ଏହି ତିନି ଦିବସିୟ ଶିବିର ରେ ଜିଲ୍ଲାର ୪୦ଟି ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୁ ୯୭ଜଣ ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ ଯୋଗ ଦେଇ ରେଡ଼କ୍ରସ ସମ୍ପର୍କ ରେ ଜ୍ଞାନ ଆହରଣ କରିବା ସହିତ ସାଇବର ସୁରକ୍ଷା, ରାସ୍ତା ସୁରକ୍ଷା, ପ୍ରାଥମିକ ଚିକିତ୍ସା,ଅଗ୍ନିଶମ, ଏଚ ଆଇ ଭି,ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ, ଏତଦ ବ୍ୟତୀତ ସାଂସ୍କୃତିକ ଭାବ ର ଆଦାନପ୍ରଦାନ, ପ୍ରବନ୍ଧ, ତର୍କ, ଚିତ୍ରକଳା ପ୍ରତିଯୋଗିତା ମାଧ୍ୟମ ରେ ନିଜ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ, ଉଦଯାପନୀ ଦିବସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଅତିରିକ୍ତ ଚିକିତ୍ସାଧିକାରୀ ଅସୀମ ଦେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଯୁବ ବାହିନୀ ର ଆବଶ୍ୟକତା ଓ ସାମ୍ପ୍ରତିକ ସମୟରେ ଉପଯୋଗୀତା ସମ୍ପର୍କ ରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ, ଅନ୍ୟତମ ଅତିଥିଭାବେ ଏନଏସଏସ ସଂଯୋଜିକା ସରିତା ନାୟକ, ରେଜିଷ୍ଟର ଦୁଃଖବନ୍ଧୁ ନାୟକ ଯୋଗ ଦେଇ ଶିବିରାର୍ଥୀ ମାନଙ୍କୁ ଉତ୍ସହିତ କରିଥିଲେ, ଏଅବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୯ୟୁନିଟ ରକ୍ତ ସଂଗୃହିତ ହୋଇ ଜିଲ୍ଲା ରକ୍ତକେନ୍ଦ୍ର କୁ ମାନବ କଲ୍ୟାଣ ପାଇଁ ପ୍ରେରିତ ହୋଇ ଥିଲା, ଡ଼ଃ ମମତା ମଞ୍ଜରୀ ପଣ୍ଡା ସ୍ୱାଗତ ଭାଷଣ ଦେବା ସହିତ ଉଦଯାପନୀ ସମାରୋହ ପରିଚାଳନା କରିଥିଲେ, ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ କୁମାରୀ ସରିତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ, ନିହାର ସାମଲ ଓ ଗୀତାଞ୍ଜଳି ମିଶ୍ର ଙ୍କୁ ଶ୍ରେଷ୍ଠ କାଉନ ସିଲର ଆୱାର୍ଡ ପ୍ରଦାନ କରାଯାଇଥିଲା, ରାଜ୍ୟ ଓ ଜିଲ୍ଲା ସ୍ତର ରୁ ସ୍ୱତନ୍ତ୍ର ବିଶେଷଜ୍ଞ ମାନେ ଆସି ତାଲିମ ପ୍ରଦାନ କରିଥିଲେ ।

## ଭାରସାମ୍ୟ ହରାଇ ବାର ଚକିଆ ଟ୍ରକ ଦୁର୍ଘଟଣାଗ୍ରସ୍ତ

ପାଟଣା ୩୦/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ନଂ ଜାତୀୟ ରାଜପଥ ଖଜୁରିଡିହା ନିକଟରେ ରାସ୍ତା ହୁଡ଼ି ତଳକୁ ଚାଲି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ସୂଚନା ରୁ ପ୍ରକାଶ ଯେ ଜାରକା ରୁ ଏକ ସିମେଣ୍ଟ ବୋଝେଇ ଟ୍ରକ ମୟୁରଭଞ୍ଜ ଜିଲ୍ଲା ଯଶୀପୁର ଯାଇ ସେଠାରେ ସିମେଣ୍ଟ ଅନଲୋଡ କରି ସେଠାରୁ ଜାରକା ଅଭିମୁଖେ ବାହାରି ଥିବା ବେଳେ ୨୨୦ନଂ ରାଜପଥ ଖଜୁରିଡିହା ନିକଟରେ ଡ୍ରାଇଭର ଙ୍କ ହାତ ଗୋଡ଼ ଅକାଳୁଆ ହୋଇଯିବାରୁ ଟ୍ରକ ଟି ଭାରସାମ୍ୟ ହରାଇ ରାସ୍ତା କଡ଼ କୁ ଓହ୍ଲାଇ ଯାଇଥିଲା । ଡ୍ରାଇଭର ଜଣକ ଆହତ ହୋଇ ଥିବା ବେଳେ ପାଟଣା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭର କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ। ଡ୍ରାଇଭର ଜଣକ ଜାରକା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଖାଟୁଆ ବୋଲି ଜଣାପଡିଛି । ଡ୍ରାଇଭର ପୂର୍ଣ୍ଣଚନ୍ଦ୍ର ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡିଛି ।

## ଚାଷୀଙ୍କ ଦୁର୍ଦ୍ଦଶା ବଢୁଛି ବର୍ଷକର ଆହାର ପାଣିରେ ପଡ଼ି ଗଜା



କଣାସ ୩୦/୧୨ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଦାଉ ସାଧିଲା ଓ ଚାଷୀ ମୁହଁରୁ ଦାନା ଛଡ଼ାଇନେଲା ।ଯାହା ଫଳରେ ଚାଷୀ ମୁଣ୍ଡରେ ବଜ୍ର ଚଡ଼କ ପଡ଼ିଛି ।ଅମଳ ପୂର୍ବରୁ ବର୍ଷକର ଆହାର ପାଣିରେ ପଡ଼ି ହେଲା ଗଜା ।ଏବେ ପରିବାର ପ୍ରତିପୋଷଣ ଚିନ୍ତାରେ କୃଷକ ପରିବାର ।ପୁରୀ ଜିଲ୍ଲା କଣାସ ବ୍ଲକର ୨୮ ପଞ୍ଚାୟତରେ ପନିପରିବା ଓ ରବି ଧାନ ନଷ୍ଟ ହୋଇଥିବା ବେଳେ ଖରିପ ଧାନ ଅମଳ ହେବା ପୂର୍ବରୁ ଦୁଇ ଦୁଇଥର ଲଘୁଚାପ ବର୍ଷା ଯୋଗୁ ବିଲରେ ଆଣ୍ଠୁଏ ଉଚ୍ଚର ପାଣି ଲହଡ଼ା ଭାଙ୍ଗୁଛି ।ତଥାପି ଚାଷୀମାନେ ସେହି ପାଣିରୁ ଧାନ ଛାଣି ଆଣି ବର୍ଷକ ପାଇଁ ଆହାର ମିଳିଯିବ ବୋଲି ଆଶା ରଖିଥିଲେ ।ହେଲେ ସେ ସବୁ ଏବେ ପାଣିରେ ପଡ଼ି ଗଜା ହେବା ସହ ଗଛ ହେବାକୁ ବସିଲାଣି ।ଏଭଳି ପରିସ୍ଥିତିକୁ ଦେଖି ଚାଷୀକୁଳ ସର୍ବସାନ୍ତ ହୋଇପଡ଼ିଥିବା ବେଳେ କିଭଳି ପରିବାର ପ୍ରତିପୋଷଣ ଓ ଧାର କରଜ ପରିଶୋଧ କରିବ ଚିନ୍ତାରେ ମ୍ରିୟମାଣ ହୋଇପଡିଛି ।ସେପଟେ ରାଜସ୍ୱ ଓ କୃଷି ବିଭାଗ ନଷ୍ଟ ହୋଇଥିବା ଜମିକୁ ଯାଇ ଖେୟ କ୍ଷତିର ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିବା କଣାସ କୃଷି ଅଧିକାରିଣୀ ପ୍ରତିମା ଖଣ୍ଡାୟତରାୟ କହିଛନ୍ତି ।ହେଲେ ଚାଷୀମାନେ କହିଛନ୍ତି ଜାନ୍ ଜୀବନ ଲଗାଇ ଅନେକ ଅର୍ଥ ଖର୍ଚ୍ଚ କରି ଭଲ ଫସଲ ହୋଇଥିଲା ଅମଳ ବେଳକୁ ଦଇବ ଛଡାଇ ନେଲା ।ସରକାରଙ୍କ ଅନୁଦାନ ସମୁଦ୍ରକୁ ଶଙ୍ଖେ ।ସେଥିରେ ପରିବାର ପ୍ରତିପୋଷଣ ହୋଇ ପାରିବ ନାହିଁ ବାଧ ହୋଇ ଦାଦନ ଖଟିବାକୁ ଯିବାକୁ ପଡିବ ବୋଲି କେତେକ ଚାଷୀ କହିଛନ୍ତି ।

## ହରିହର କ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ର ଧାମକୁ ଦଣ୍ଡ ପ୍ରଣାମ ଯାତ୍ରା ବିଭିନ୍ନ ସ୍ଥାନରେ ବିପୁଳ ସମ୍ବର୍ଦ୍ଧନା

ନିମାପଡ଼ା ୩୦/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ହରିହର କ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ର କୁ ବିଶ୍ୱ ମଙ୍ଗଳ ଉଦେଶ୍ୟ ଜଗନ୍ନାଥଙ୍କ ଭକ୍ତ ଗଙ୍ଗାଧର ସାମଲ ଙ୍କ ଏକ ଦଣ୍ଡ ପ୍ରଣାମ ଯାତ୍ରା କରିଥିଲେ ।ଏହି ଯାତ୍ରା ନଭେମ୍ବର ମାସ ୨୩ ତାରିଖ ପ୍ରଥମା ଅଷ୍ଟମୀରୁ କେନ୍ଦ୍ରାପଡା ଜିଲ୍ଲା ଗରଜପୁର ବ୍ଲକ ବନ୍ଧସାହି ମାହାଳସାହି ଗ୍ରାମରୁ ଆରଂମ୍ଭ କରି ଦୀର୍ଘ ୩୫ ଦିନ ପରେ ଆସି ପୁରୀ ଜିଲ୍ଲା ଚାରିଛକ ସ୍ଥିତ ଏକାନ୍ତ ଆଶ୍ରମ ଠାରେ ପହଞ୍ଚିଛନ୍ତି । ସେଠାରେ ଏକାନ୍ତ ଆଶ୍ରମର ନନ୍ଦ ବାବା ଜଳ ତୁଳସୀ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ବିଶ୍ୱର ମଙ୍ଗଳ ଉଦ୍ଦ୍ୟେଶରେ ଜଗତର ନାଥ ଜଗନ୍ନାଥ ଓ ମା ପାଟବାସୁଳି ଙ୍କ ସ୍ୱପ୍ନାଦେଶରେ ଏହି ଦଣ୍ଡ ପ୍ରଣାମ ଯାତ୍ରା ଆରମ୍ଭ କରିଛି ବୋଲି ଭକ୍ତ ଗଙ୍ଗାଧର ସାମଲ କହିଥିଲେ । ଏହି ଯାତ୍ରା ସମୟରେ ତାଙ୍କର ସହଯୋଗୀ ପୁତ୍ର ସାରଥୀ ପ୍ରସାଦ ସାମଲ , ଅରୁଣ ଓଝା ଓ ବନମାଳୀ ବାରିକି ସହଯୋଗ କରିଥିଲେ । ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତ ଗଙ୍ଗାଧର ସାମଲକୁ ଦଣ୍ଡ ପ୍ରଣାମ ଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ନାମ କୀର୍ତ୍ତନ ମାଧମରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିବା ବେଳେ ଚାରିଛକ ସ୍ଥିତ ଏକାନ୍ତ ଆଶ୍ରମର ନନ୍ଦ ବାବା ଜଳ ତୁଳସୀ ଦେଇ ସମ୍ବର୍ଦ୍ଧନା କରିଥିଲେ ।

## କ୍ଷିତିଜ୍ୟୋତିଃ ଆଶ୍ରମରେ ଚକ୍ଷୁ ଚିକିତ୍ସା ଶିବିର

ପାଟଣା ୩୦/୧୨ (ନି.ପ୍ର): ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ ଶାଖା କେନ୍ଦ୍ର ପରିସରରେ କେନ୍ଦୁଝର ଉନ୍ନୟନ ପରିଷଦ, ଭୂମିକା ଚକ୍ଷୁ ଚିକିତ୍ସାଳୟ, ସକ୍ଷମ ଭାରତ ଓ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ରର ମିଳିତ ସହଯୋଗରେ ଏକଦୀବସିୟ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ କ୍ଷିତିଜ୍ୟୋତିଃ ଆଶ୍ରମର ଘଟଗାଁ କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ ଉଦଘାଟନ କରିଥିଲେ । ଭୂମିକା ଚକ୍ଷୁ ଚିକିତ୍ସାଳୟର ଉତ୍ତର ଓଡ଼ିଶାର କ୍ଷେତ୍ରୀୟ ପରିଚାଳକ କର୍ଣ୍ଣାଟ କିଶୋର ଜେନାଙ୍କ ନିର୍ଦ୍ଦେଶନାରେ ଚକ୍ଷୁ ବିଶେଷଜ୍ଞ, ଚକ୍ଷୁ ସହାୟିକା ଓ ସହାୟକ ମିଳିମିଶି ଶିବିରକୁ ଆସୁଥିବା ରୋଗୀମାନଙ୍କର ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଦାୟିତ୍ୱ ତୁଲାଇଥିଲେ । କେନ୍ଦୁଝର ଉନ୍ନୟନ ପରିଷଦର ପରିଚାଳନା ସମ୍ପାଦକ ଭକ୍ତ



ବତ୍ସଳ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱଆବଧାନରେ ରୋଗୀ ମାନଙ୍କୁ ଔଷଧ ଓ ଚଷମା ବଣ୍ଟନ କରାଯାଇଛି । ଏହି ଶିବିରକୁ ବୀଣାଝରି, ଧାଙ୍ଗଡ଼ ଡିହା, ମଣତା, ଘଟଗାଁ, ଉପରଡିହା ଆଦି ଗ୍ରାମରୁ ୭୮ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ତନ୍ମଧ୍ୟରୁ ୨୯ଜଣଙ୍କୁ ମାଗଣାରେ ଚଷମା ଓ ଔଷଧ ପ୍ରଦାନ କରାଯିବା ସହିତ ୧୮ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ୧୦ ଜଣଙ୍କୁ ମୋବାଇଲ ଭ୍ୟାନ ଯୋଗେ ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝରକୁ ଅସ୍ତ୍ରୋପଚାର କରାଇବା ପାଇଁ ପଠାଯାଇଛି ।ସେମାନଙ୍କର ଯିବା ଆସିବା, ଖାଇବା, ପିଇବା, ରହିବା ଓ ଅସ୍ତ୍ରୋପଚାର ସହ ସମ୍ପୂର୍ଣ୍ଣ ଚିକିତ୍ସା ଭୂମିକା ତରଫରୁ ବହନ କରାଯିବ । କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ସଂଗଠକ ବାବାଜୀ ଚରମାନନ୍ଦ ଦାସ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଭୂମିକା ନେଇଥିଲେ। ରୁଦ୍ର ନାରାୟଣ ଲୋହାର, ଲାଲୀମାରାଣୀ ଯେନା, ଯଶୋମତି ମଲ୍ଲିକ, ପୂଜାରାଣୀ ମହାନ୍ତ, ଅଭିଷେକ ମହାନ୍ତ, ନିହାର ରଞ୍ଜନ ବେଜ, ନରେନ୍ଦ୍ର କୁମାର ସାହୁ, ଭୀମସେନ ପାତ୍ର, ଶକୁନ୍ତଳା ମହାନ୍ତ, ଦୀପ୍ତି ମୟୀ ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ସନ୍ଧ୍ୟାରାଣୀ ମହାନ୍ତ ଓ ମୁନା ପାତ୍ର ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଜି କେ ଡି କ୍ରିକେଟ ପ୍ରତିଯୋଗିତା ସୁର୍ ଏକାଦଶ ଚମ୍ପିୟାନ

ପାଟଣା ୩୦/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଗୋଜାପଥର ହାଇସ୍କୁଲ ପଡ଼ିଆରେ ଜି.କେ.ଡି କ୍ଲବ୍ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ୧୨ତମ ଜି.କେ.ଡି କ୍ରିକେଟ୍ ପ୍ରତିଯୋଗିତା ଉଦ୍ ?ଯାପିତ ହୋଇଯାଇଛି । ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲା ବେଳେ ଫାଇନାଲ ମ୍ୟାଚରେ ପ୍ରଥମେ ପିଙ୍କୁ - ଏକାଦଶ ୧୨.ଓଭରରେ ୬ ୱିକେଟ୍ ହରାଇ ୧୨୧ ରନ୍ କରିଥିବା ବେଳେ ଏହାର ଜବାବରେ ସୁର୍-ଏକାଦଶ ୧୧ ଓଭରରେ ସମସ୍ତ ୬ ୱିକେଟ୍ ହରାଇ ୧୨୫ ରନ୍ ସଂଗ୍ରହ କରି ପ୍ରଥମ ସ୍ଥାନ ଅଧିକାର କରି ଚମ୍ପିୟାନ ହୋଇଥିଲା। ଉଦ୍ ?ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କରୁଣା ସାଗର ଖଟୁଆ, ସମ୍ମାନିତ ଅତିଥି ଭାବେ ହୃଷୀକେଶ ମହାନ୍ତ, ସମିତି ସଭ୍ୟ ପରେଶ୍ କୁମାର ସେଠୀ, କ୍ଲବ୍ ର ସଭାପତି ଅନାମ ଲୋହାର, ଉପସଭାପତି ମନୋଜ କୁମାର ମହାନ୍ତ, ମଣି ଶଙ୍କର ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳ ଓ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପରମେଶ୍ୱର ବାରିକ ଖେଳ ପରିଚାଳନା କରିଥିଲେ। ଜି.କେ.ଡି କ୍ଲବ୍ ?ର ରୁପେନ୍ ସର୍ଦାର ଟୁଟୁ, ରଞ୍ଜନ ସାହୁ, ଲକ୍ଷ୍ମୀଧର ମହାନ୍ତଙ୍କ,ସହ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଦୋକାନ ଘର ତାଲା ଭାଙ୍ଗି କମ୍ପୁଟର ସହ ଟଙ୍କା ଚୋରି

ବାଣପୁର ୩୦/୧୨ (ନି.ପ୍ର): ଦୁଇମାସ ହେବ ନୂଆ କରି ଏକ ଭେରାଇଟି ଦୋକାନରୁ ଦୁର୍ବୃତ୍ତ ମାନେ ତାଲା ଭାଙ୍ଗି କମ୍ପୁଟର ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ବାଣପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବାଣପୁର ଥାନା ଅନ୍ତର୍ଗତ ଅଚ୍ୟୁତ ରାଜପୁର ଛକରେ ଶ୍ରୀକୃଷ୍ଣ ସ୍ୱରୂପ ବେଦମତା ନୂତନକରି ଦୁଇଟି ଦୋକାନ ଭଡା ସୂତ୍ରରେ ନେଇ ଏକ ଭେରାଇଟି ଷ୍ଟୋର ଖୋଲିଥିଲେ ।ସବୁଦିନ ଭଳି ଦୋକାନ ବନ୍ଦ କରି ଗତକାଲି ଘରକୁ ଯାଇଥିବା ବେଳେ କୌଣସି ଦୁର୍ବୃତ୍ତ ଦୁଇଟି ଯାକ ଦୋକାନର ତାଲା ଭାଙ୍ଗି କମ୍ପୁଟର, ଜେରକ୍ସ ମେସିନ, ଲାମିନେଟର ସହ ନଗଦ ୧୧ ହଜାର ଟଙ୍କା ଲୁଟି ନେଇ ଯାଇଥିଲେ। ସକାଳୁ ଶ୍ରୀକୃଷ୍ଣ ଦୋକାନ ଖୋଲିବାକୁ ଆସି ତାଲା ଭଙ୍ଗା ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ବାଣପୁର ପୋଲିସ ପହଂଚି ତଦନ୍ତ ଜାରି ରଖିଛି।

## ମନମୋହନ ସିଂହ ଙ୍କ ବିୟୋଗରେ ଶୋକ

ପାଟଣା ୩୦/୧୨ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଙ୍କ ବିୟୋଗରେ ପୂର୍ବତନ ପାଟଣା ବିଧାୟକ ହୃଷିକେଶ ନାଏକ ,କଂଗ୍ରେସ ର ସାଂସଦ ପ୍ରାର୍ଥୀ ଥିବା ଇଂ ବିନୋଦ ବିହାରୀ ନାଏକ,ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ବରିଷ୍ଠ କଂଗ୍ରେସ ନେତା କୈଳାସ ଚନ୍ଦ୍ର ବାରିକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ଶ୍ରୀ ସିଂହ ଙ୍କ ପରିବାର କୁ ସମବେଦନା ଜଣାଇଛନ୍ତି ।ମନମୋହନ ଙ୍କ ଭଳି ଜଣେ ବିରଳ ବ୍ୟକ୍ତିଙ୍କ ର ବିକଳ୍ପ ନାହିଁ ବୋଲି ପୂର୍ବତନ ବିଧାୟକ ଶ୍ରୀ ନାଏକ ପ୍ରକାଶ କରିବା ସହ ତାଙ୍କ ସମୟରେ ପ୍ରଣୟନ କରାଯାଇଥିବା ଜନହିତ କାରୀ ଯୋଜନା ପାଇଁ ସେ ସବୁ ସମୟରେ ମନେ ରହିବେ ବୋଲି କହିଛନ୍ତି।

## ହଳଦିଆପଦର ଜାତୀୟ ରାଜପଥରେ ବୁଲିଲା ଖଣ୍ଡା କାତି ବୋମା ମାଡ଼ ସହ ୨ ଲକ୍ଷ ଲୁଟ ନେଇ ଥାନାରେ ଅଭିଯୋଗ ୨ ଅଟକ

ରଙ୍ଗେଇଲୁଣ୍ଡା ୩୦/୧୨ (ନି.ପ୍ର):ଗତ କିଛି ଦିନ ହେଲା ଗୋଳନ୍ଥରା ଥାନା ଅଞ୍ଚଳରେ ଚୋରୀ ଓ ଅପରାଧୀ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଆଡକୁ ଗତି କରୁଥିବା ବେଳେ ଅପରାଧୀକ କାର୍ଯ୍ୟ କଳାପ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି କ୍ଷ ଶୁକ୍ରବାର ରାତିରେ ୧୬ ନଂ ଜାତୀୟ ରାଜପଥରେ ଯୁବକ ମାନେ କାତି, ଖଣ୍ଡା ଧରି ଆତଙ୍କରାଜ ସୃଷ୍ଟି କରିବା ସହ ବୋମା ବୋମା ମାଡ଼ କରିଥିବା ନେଇ ଗୋଳନ୍ଥରାରେ ଏକ ମାମଲା ରୁଜୁ ହେବା ସହ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ କନିସି ଗାଁର ଡି. ଦୁର୍ଯ୍ୟୋଧନ ଓ ସାଙ୍ଗ ଆକାଶ ପାତ୍ର ଶୁକ୍ରବାର ରାତିରେ ହଳଦିଆପଦର ବସ ଷ୍ଟାଣ୍ଡ ଓଭର ବ୍ରିଜ ତଳେ ଥିବା କଲ୍ୟାଣୀ ଏସୋସିଏଟ ନିକଟରେ ଠିଅ ହୋଇ ଉଭୟ କଥା ହୋଉଥିବା ବେଳେ ତିନି ଜଣ ଯୁବକ ମାନେ ସେଠାରେ ପହଂଚି । ଅସଭ୍ୟ ଭଷାରେ ଗାଳି ଗୁଲଜ କରିବା ସହ ଧମକ ଚମକ ଦେଇ ଖଣ୍ଡ, ବୁଲେଇବା ସହ ମାଉଜର ଓ ଅନ୍ୟ ମାରାଣସ୍ତ୍ରରେ ଦୁର୍ଯ୍ୟୋଧନ କୁ ମୁଣ୍ଡ କୁ ଆକ୍ରମଣ କରି ରକ୍ତତ କରିଦେଇଥିଲେ। ଅନ୍ୟ ସାଙ୍ଗଆକାଶ କୁ ମଧ୍ୟ ଆକ୍ରମଣ କରିଥିଲେ। ଦୁର୍ଯ୍ୟୋଧନ ଧରିଥିବା ଦୁଇ ଲକ୍ଷ୍ ଟଙ୍କା ଛଡେଇ ନେବା ସହ ବୋମା ଫିଙ୍ଗି କିଛି ସମୟ ପାଇଁ ଆତଙ୍କ ରାଜ କରିଥିଲେ। ଘଟଣା ଖବର ପାଇ ଗୋଳନ୍ଥରା ଥାନା ଏସଆଇ ସିଲୁ ଧଳ ଅନ୍ୟ ପୋଲିସ ଅଧିକାରୀ ପହଂଚିଥିଲେ। ପଚାର ଉଚରା କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ବିଳମ୍ବିତ ରାତି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତକୁ ପୋଲିସ ଉଠେଇ ନେଇ ଥାନାରେ ଅଟକ ରଖି ପଚରା ଉଚରା ଜାରି ରଖିଛି। ଏ ନେଇ ଶନିବାର ଅପରାହ୍ନ ଦୁର୍ଯ୍ୟୋଧନ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନା କେଶ ନଂ ୫୮୪/୨୪ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ନବରଙ୍ଗପୁର ଜିଲ୍ଲା ଗାଁ ଗହଳିରେ ପାଳିତ ହେଲା ' ଗୋ-ମାତାଙ୍କ 'ପାରମ୍ପରିକ ପର୍ବ ଦିଆଲି



ନବରଙ୍ଗପୁର ୩୦/୧୨ (ନି.ପ୍ର): ଦିଆଲି ଏକ କୃଷି ଭିତ୍ତିକ ପର୍ବ ଅଟେ। ଚାଷି ଭାଇ ମାନେ ଫୋସଲ ଅମଳ ପରେ ଏହି ପାରମ୍ପରିକ ପର୍ବ ଦିଆଲି ପାଳନ କରିଥାନ୍ତି। ମାନ୍ୟତା ଅନୁସାରେ ଗାଇ କୁ ହିନ୍ଦୁଧର୍ମରେ ମା ଭାବରେ ପୂଜା କରାଯାଏ । ଧାନ ଅମଳ ପରେ ପୌଷ ମାସରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଅଂଚଳରେ ଭିନ୍ନ ଭିନ୍ନ ଦିନ ଭିନଭିନ୍ନ ସ୍ଥାନରେ ଦିଆଲି ପର୍ବ ପାଳନ କରାଯାଏ ।ଗାଁରେ ବଅଁଲାନି ଯାତ୍ରା ପରେ ଗୋ-ମତାଙ୍କୁ ଦିଆଲି ଦିନ ନୈବେଦ୍ୟ ଦେଇ ପୂଜା କରାଯାଏ । ଘର ଓ ଦ୍ୱାରକୁ ବିଭିନ୍ନ ପ୍ରକାର ଝୋଟି ଦେଇ ଧଳା ଓ ରଙ୍ଗମଟିରେ ସଜାଯାଏ । ଗୌଡ଼ିଆ ମାନେ ବାଦ୍ୟର ତଳେତାଳେ ନୃତ୍ୟ କରି ଘର ଘର ବୁଲନ୍ତି ।ଯେଉଁ ଘରର ଗରୁଗାଈର ରାକ୍ଷଣା ବେକ୍ଷଣର ଦାଇତ୍ୱ ନେଇଥାନ୍ତି ସେସବୁ ଘରରୁ ବର୍ଷର ପାରିଶ୍ରମିକ ନେଇ ଥାନ୍ତି ।ଘର ମାଲିକ ମାନଙ୍କୁ ଚୁଡା,ଗୁଡ଼, ହଂସ, କୁକୁଡ଼ା ଭେଟଦେଇ ଥାନ୍ତି ଖାଲି ସେତିକି ନୁହେଁ ଚିତ୍ରବୀଚିତ୍ର ବାଡ଼ି ଧରି ନୃତ୍ୟୁ ପରିବେଷଣ କରିଥାନ୍ତି। ଦିଆଲି ସମୟରେ ଯେଉଁ ବାଡ଼ି ଧରି ନୃତ୍ୟ ପରିବେଷଣ କରିଥାନ୍ତି ସେଇ ବାଡିକୁ ବାନାଡାଙ୍ଗ କୁହାଯାଏ ,ଏହାର ରଙ୍ଗ 'କଳା ଓ ଧଳା' । ଧୀରେଧୀରେ ଏହି ପରମ୍ପରା ଲୁପ୍ତହେବାକୁ ବସିଲାଣି କିନ୍ତୁ ଆଜିବି ଏହି ପାରମ୍ପରିକ ପର୍ବ ଗୁଡିକ ଆମ ନବରଙ୍ଗପୁର ଜିଲ୍ଲାର ଗାଁ ଓ ପଲ୍ଲୀ ଅଞ୍ଚଳରେ ଧୁମଧାମରେ ପାଳନ କରାଯାଏ । ଦିଆଲି ଦିନ ସଖାଳେ ଘରେଥିବା ସମସ୍ତ ଗାଈଗୋରୁଙ୍କୁ ଗାଧଇ ଖିଚୁଡ଼ି ଏବଂ ବିରିପିଠା ଖାଇବାକୁ ଦିଆଯାଏ ।ଏହାପରେ ସାହି ପଡିସାର ଲୋକଙ୍କୁ ପ୍ରସାଦ ବଣ୍ଟନ କରାଯାଏ । କେଉଁ ଆଦିମ କାଳରୁ ଡାବୁଗାଁ ଅଞ୍ଚଳରେ ଏହି ପର୍ବ ପାଳନ କରାଯାଉଛି କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ଏସବୁ ଆଦିବାସୀମାନଙ୍କ ପାରମ୍ପରିକ ପର୍ବ ଗୁଡିକ ଲୋକଲୋଚନକୁ ଆସିପାରୁନି।

# ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି ପାଳନ ବୈଠକ




ଜଳେଶ୍ୱର,୩୦/୧୨(ନି.ପ୍ର): ସୀମାନ୍ତ ଅଞ୍ଚଳର ଐତିହାସିକ ଜଳେଶ୍ୱର ସରକାର ଉଚ୍ଚ ବିଦ୍ୟାଳୟ ର ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ ଲାଗି ପ୍ରଥମ ବୈଠକ ଆଲୋଚନା ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ସଭାପତିତ୍ୱ କରି ଆଲୋଚନା କରିଥିଲେ।ମଞ୍ଚାସୀନ କର୍ମକର୍ତ୍ତା ମଧ୍ୟରେ, ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର, ପୌରପାଳ ପ୍ରଦୀପ ପ୍ରଧାନ, ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ, ସମାଜସେବୀ ଦିଲ୍ଲୀପ ଗିରି, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଠୀ, ପ୍ରାକ୍ତନ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଜେନା ଉପସ୍ଥିତ ହୋଇ ଉତ୍ସବ ର ରୂପରେଖ, ପୂର୍ବତନ ଶିକ୍ଷାର୍ଥୀଙ୍କ ସହ ଯୋଗାଯୋଗ ସ୍ଥାପନ, ଉତ୍ସବ ପାଳନ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା।ଏହି ଅବସରରେ ୧୩ ଜଣିଆ ଜୁବୁଲି କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଈଶ୍ୱର ଚନ୍ଦ୍ର ଜେନା, ସମ୍ପାଦକ କୁଞ୍ଜବିହାରୀ ପ୍ରଧାନ ଙ୍କ ସହିତ, ସଦସ୍ୟ ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଫୁଲ୍ଲ କୁମାର ପାଠୀ, ପ୍ରଦୀପ କୁମାର ପ୍ରଧାନ,ଜିତା ରାମ ଦେ, ଦିଲ୍ଲୀପ କୁମାର ଗିରି,ଜିତାଂଶୁ ନନ୍ଦୀ,ଚନ୍ଦନ ଦାସ,ଶିବ ନାରାୟଣ ମହାପାତ୍ର, ଆଶୋକ କୁମାର ଦାସ, ରବୀନ୍ଦ୍ର ସେନାପତି, ପୂର୍ଣ୍ଣ ଚନ୍ଦ୍ର ଭୂୟାଁ ଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା କମିଟି ରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର,ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଜୟନାରାୟଣ ଦାସ, ଇତିଶ୍ରୀ ରଥ ପ୍ରମୁଖ ସ୍ଥାନ ପାଇଛନ୍ତି। ଉକ୍ତ ପ୍ଲାଟିନମ ଜୁବଲି ଉତ୍ସବ, ଆଗାମୀ ବର୍ଷ ଜୁନ୍ ମାସ ୧ ତାରିଖ ଠାରୁ ୪ ଦିନ ବ୍ୟାପି ୪ ତାରିଖ ପର୍ଯ୍ୟନ୍ତ, ମହା ମାନ୍ୟ ଅତିଥି ଙ୍କ ଗହଣରେ ଧୁମଧାମରେ ପାଳନ କରାଯିବାର ସିଦ୍ଧାନ୍ତ ହୋଇଛି।ଶେଷରେ ଜଗଦିଶ ନନ୍ଦୀ ସମସ୍ତ ଙ୍କୁ ସହଯୋଗ ର ହାତ ବଢ଼ାଇବା ଲାଗି ନିବେଦନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭୌମ ଭକ୍ତ ସମ୍ମିଳନୀରେ ରକ୍ତଦାନ ଶିବିର-୧୫୨ ୟୁନିଟ୍ ସଂଗୃହୀତ



ଜଳେଶ୍ୱର,୩୦/୧୨(ନି.ପ୍ର): ସ୍ୱାମୀ ନିଗମାନନ୍ଦ ଦେବଙ୍କ ୧୧୦ତମ ସାର୍ବଭୌମ ଭକ୍ତ ସମ୍ମିଳନୀରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ବ୍ଲକର ଓଳିନ୍ଦାସ୍ଥିତ ଆଶ୍ରମ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ବାଲେଶ୍ୱର ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଓ ମହାରାଜ ବ୍ରଜେଶାନନ୍ଦ ସରସ୍ୱତୀ ଉଦ୍ ?ଘାଟନ କରି ଏପରି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ଭକ୍ତ ଓ ଏଫ.ବି.ଡି.ଓ.ଓର ସର୍ବକନିଷ୍ଠ ପ୍ରବର୍କ ମୀନକେତନ ସାହୁଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୧୫୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କଟକ ରକ୍ତ ଭଣ୍ଡାରର ଅଧିକାରୀ ଅବିନାଶ ଦାସ ଓ ସହଯୋଗୀମାନେ ରକ୍ତ ସଂଗ୍ରହ କରିଥିଲେ । ସ୍ଥାନୀୟ ଜଳେଶ୍ୱର ମହିଳା ଡିଗ୍ରୀ କଲେଜର ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସେଚ୍ଛାସେବୀ ମାନେ ଯୋଗଦାନ କରି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ସମ୍ମାନୀତ ଅତିଥିଭାବେ ଗ୍ରାମ୍ୟମୁଖ୍ୟ ସମର ବଲ୍ଲଭ ସାହୁ, ସଂପାଦକ ନଳିନୀ ବଲ୍ଲଭ ସାହୁ, ସରପଂଚ ପ୍ରତିନିଧି ଦିଲ୍ଲିପ ପରିଡା, ସମ୍ମିଳନୀର କୋଷାଧ୍ୟକ୍ଷ ହରେକୃଷ୍ଣ ଜେନା, ନଳିନୀ ସେଠୀ, ସିବାଶିଷ ଦାସ, ବ୍ରଜବଲ୍ଲଭ ସାହୁ, ଲକ୍ଷ୍ମୀନାରାୟଣ ପଣ୍ଡା, ଦୀପକ ସାହୁ, ସତ୍ୟଜିତ୍ ଚୌଧୁରୀ, ସ୍ୱପ୍ନା ସେନାପତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ଶିକ୍ଷ୍ୟ ଙ୍କ ସଫଳତା ରେ ଗୁରୁ ଙ୍କ ପରିଚୟ-ପାଳ ସାହି ଉଚ୍ଚ ବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଜଳେଶ୍ୱର,୩୦/୧୨(ନି.ପ୍ର): ଶିକ୍ଷାୟତନ ରୁ ମାଗଣା ଶିକ୍ଷା ଗ୍ରହଣର ପ୍ରକୃତ ଗୁରୁଦକ୍ଷିଣା ହେଉଛି,ଅନୁଷ୍ଠାନ ପ୍ରତି କର୍ତ୍ତବ୍ୟ ଓ ସମବେତ ଗୁରୁ ପୂଜନ ରେ ଯୋଗଦାନ।ଜଳେଶ୍ୱର ବ୍ଲକ ବାଇଗଣ ବାଡିଆ ପଞ୍ଚାୟତ ଅନ୍ତର୍ଗତ,ପାଳ ସାହି ସ୍ଥିତ, ସୁରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ,ସ୍ଥାପନ ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୩ ଦିନିଆ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହେଉଛି। ଶନିବାର ମଧ୍ୟାହ୍ନରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ବିଦ୍ୟାଳୟର ପ୍ରଥମ ବ୍ୟାଚ ର ପୁରାତନ ଛାତ୍ର ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର କାନ୍ତ ଅଣ୍ଡିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସମ୍ବାଦ ପତ୍ରିକାର ପ୍ରତିଷ୍ଠାତା ତଥା ପ୍ରବୀଣ ରାଜନୀତିଜ୍ଞ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ,ବସ୍ତୁବାଦୀ, ଆଧାତ୍ମିକ ବାଦୀ ଲଢ଼େଇ ମଧ୍ୟରେ ବାସ୍ତବ ଜୀବନ ରେ ଶିକ୍ଷା ପ୍ରତିଫଳିତ ହେଉନାହିଁ ବୋଲି କହିଥିଲେ।ଏହା ସହିତ,ଛାତ୍ର ଜୀବନ ଗଠନରେ କେତେକ ମୌଳିକ ମୂଲ୍ୟବୋଧ ଉପରେ ପାଥେୟ କରିବାକୁ ଉପାଦେୟ ପରାମର୍ଶ ଦେଇଥିଲେ।ମୁଖ୍ୟ ବକ୍ତା ଭାବେ ଆମ ଓଡ଼ିଶା ର ସମ୍ପାଦକ ଅରବିନ୍ଦ ଦାସ, ସମ୍ମାନୀତ ଅତିଥି ଭାବେ ସ୍ତମ୍ଭକାର ସୁଦର୍ଶନ ଦାସ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ଆଚାର୍ଯ୍ୟ,ପ୍ରଶାସନିକ ଅଧିକାରୀ ଡ଼। କାଳି କିଙ୍କର ପଟ୍ଟନାୟକ, ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ, ଗୁରୁ ପୂଜନ, ସହପାଠୀ ମିଳିନ ର ମହତ୍ୱ ଓ ଅନୁଷ୍ଠାନ ଗଠନ ଓ ଅବଦାନ ସମ୍ପର୍କରେ ସ୍ମୃତି ଚାରଣର ଆବଶ୍ୟକତା ରହିଛି ବୋଲି ଅଭିଭାଷଣ ରଖିଥିଲେ। ଅଧୁନା ଚେତନା ଭିତ୍ତିକ ଶିକ୍ଷା ହଜି ଯାଇଥିବା ବେଳେ, ବିଦ୍ୟାଳୟ ଦିଗଦର୍ଶନ ର ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ। ଏହା ସହିତ ବିଶ୍ୱତାପାୟନ,ପ୍ରକୃତି,ପରିବେଶ ସୁରକ୍ଷା ପ୍ରସଙ୍ଗ ରାଜନୈତିକ ପ୍ରସଙ୍ଗ ହେବା ଆବଶ୍ୟକ ବୋଲି ମଞ୍ଚରୁ ସଚେତନ କରାଯାଇଥିଲା। ଶିକ୍ଷା ସମାଜର ମେରୁଦଣ୍ଡ, ତେଣୁ ଘରୋଇ ଶିକ୍ଷା କୁ ଅଧିକ ଅଗ୍ରାଧିକାର ଦେବା ଅର୍ଥ, ବ୍ୟବସାୟ କରଣକୁ ପ୍ରୋତ୍ସାହନ ବୋଲି ମତ ପ୍ରକାଶ ପାଇଥିଲା।ବିଜୟ କୁମାର ଗିରି ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ରବୀନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ର ସହଯୋଗୀ ଓ ପ୍ରତିଷ୍ଠାତା ସଦସ୍ୟ ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ କୁ ରବୀନ୍ଦ୍ର ନାଥ ପାଳ, କମିଟିର ସଭାପତି ବିଭୂତି ଭୂଷଣ ନନ୍ଦୀ, ସମ୍ପାଦକ ରଜତ କାନ୍ତି ଗିରି, ଦେବାଶିଷ ଗିରି,ବିଜୟ କୁମାର ଗିରି,ତ୍ରୀଭୁବନ ଗିରି, ଓଷ୍ଟା ସଭାପତି ସୁକୁମାର ମିଶ୍ର, ସରପଂଚ ବିଷ୍ଣୁ ପଦ ମହାନ୍ତି, ପଶ୍ଚିମ ବାର୍ଡ ସରପଂଚ ଶମ୍ଭୁନାଥ ଜେନା,ରବୀନ୍ଦ୍ର ପାତ୍ର, ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ବାଗ , ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପୂରାତନ ଶିକ୍ଷାର୍ଥୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




# ପୂର୍ବତନ ପ୍ରଧାନ ମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଜଳେଶ୍ୱର କଂଗ୍ରେସ ର ଶୋକସଭା



ଜଳେଶ୍ୱର,୩୦/୧୨(ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ, ପ୍ରବୀଣ ଅର୍ଥ ଶାସ୍ତ୍ରୀ, ଅନୁଶାସିତ ବ୍ୟକ୍ତିତ୍ୱ,ସ୍ୱର୍ଗତ ମନମୋହନ ସିଂ ଙ୍କ ବିୟୋଗରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଶନିବାର ନୂଆ ବଜାର ସ୍ଥିତ ଭଞ୍ଜ ଭବନ ରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଂଗତ ନେତା ଙ୍କ ଫୋଟୋ ଚିତ୍ର ରେ ପୁଷ୍ପାର୍ଘ୍ୟ ଅର୍ପଣ ଓ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡାଙ୍କ ସଭାପତିତ୍ୱ ରେ ଆୟୋଜିତ ଶୋକସଭା ରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ,ବରିଷ୍ଠ ନେତା ସତ୍ୟ ସୁନ୍ଦର ଦାସ, ପୂର୍ବତନ ନଗର ସଭାପତି ଗିରିଜା ଦାସ, ସୁଦାମ ପାତ୍ର, ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସବ୍ୟସାଚୀ ଦାସ ,ଯୁବ ନେତା ହରିଶଙ୍କର ଜେନା ,ପୂର୍ବତନ ଯୁବ କଂଗ୍ରେସ ସଭାପତି ସପନ ରାଉତ, ସପନ ଜେନା,ସାମ୍ବାଦିକ ରବୀନ୍ଦ୍ର ନାଥ ସେନାପତି ଏବଂ ସାମ୍ବାଦିକ ଦୁର୍ଗା ଶଙ୍କର ଗିରି ପ୍ରମୁଖ ଯୋଗଦେଇ ମନମୋହନ ସିଂଙ୍କ ବହୁମୁଖୀ ପ୍ରତିଭା,ସ୍ଥିତ ପ୍ରଜ୍ଞ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିବା ସହିତ ଦେଶ ପାଇଁ ତାଙ୍କର ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ।ଜନ ନାୟକଙ୍କ ବିୟୋଗରେ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ନେତୃବୃନ୍ଦ କହିବା ସହିତ ତାଙ୍କ ନାମ ଭାରତର ସ୍ୱର୍ଣ୍ଣିମ ଇତିହାସ ରେ ଲିପିବଦ୍ଧ ହେଇ ରହିବ ବୋଲି କହିଥିଲେ।ଏହି ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ ଜୟନାରାୟଣ ପ୍ରଧାନ , ହେମନ୍ତ ଦଳେଇ, ସନ୍ଦୀପ ଜେନା ,ଆଶିଷ ଘୋଷ ,ବଳରାମ ଘୋଷ ,ପ୍ରଦ୍ୟୁମ୍ନ ମହାନ୍ତି ,ମୋଦନ ପାତ୍ର, ଏସ କେ ଜାବୀର ଅହମ୍ମଦ, ମହମ୍ମଦ ବାହିଦ ଖାଁ , ଅବଦୁଲ ଇମ୍ତିଆଜ୍ ଖାଁ ,ଶଙ୍କର ମଣ୍ଡଳ, ସଦୁ ଭାଇ ,ଦିପକ ପାତ୍ର, ଫୁଟୁ ଓଝା, ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ମଠ ଏବଂ ମନ୍ଦିରରୁ ଲକ୍ଷାଧିକ ଟଙ୍କା ସୁନା ଓ ରୂପା ଗହଣା ଚୋରୀ

କେନ୍ଦ୍ରାପଡା, ୩୦/୧୨: ଗତକାଲି ବାଳମ୍ବିତ ରାତିରେ କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ଗୁଲନଗର ଗ୍ରାମ ପନ୍ଚାୟତର ରାମନଗର ପାଟଣା ଗ୍ରାମରେ ଥିବା ମଙ୍ଗଳା ମନ୍ଦିର ସମେତ ନାଉପାଳ ଗ୍ରାମରେ ଥିବା ସର୍ବ ପୁରାତନ ୫ଶହ ବର୍ଷର ଫଗୁଦାସଙ୍କ ମଠ ବା ପୀଠ ପରିସରରୁ ଲକ୍ଷାଧିକ ଟଙ୍କାର ଠାକୁରଙ୍କ ହୁଣ୍ଡି ଭାଙ୍ଗି ଟଙ୍କା ସୁନା ଲୁଟ ହୋଇଥିବା ସୁଚନା ମିଳିଛି । ମନ୍ଦିର ପରିସରରେ ଥିବା ଠକୁରଙ୍କ ପ୍ରତି ମୁର୍ତିରେ ଲାଗିଥିବା ୫ଟି ସୁନା ମୁକୁଟ ସହିତ ଠାକୁରଙ୍କ ଆଖିରେ ଲାଗିଥିବା ସୁନାର ଆଖି ଓ 'ମା'ଙ୍କ ବେକରେ ' ମା' ପିନ୍ଧିଥିବା ସୁନାର ହାର, ମାଳ ଏବଂ ମନ୍ଦିର ପରିସରରେ ଠାକୁରଙ୍କୁ ଭକ୍ତମାନେ ଦାନ କରିଥିବା ବିଭିନ୍ନ ସୁନା ସାମଗ୍ରୀ, ଟଙ୍କା ଗୁଡିକୁ ଦୁର୍ବୃତ ମାନେ ତାଲା ଭାଂଗି ଲୁଟି ନେଇଥିବା ସଦର ଥାନାରେ ଦୁଇ ଗ୍ରାମବାସୀଙ୍କ ସମେତ ମଠ ଓ ମନ୍ଦିର କମିଟି ପକ୍ଷରୁ ଲିଖିତ ଅଭିଯୋଗ କରାଯିବା ପରେ ସଦର ପୋଲିସ ସନ୍ଧାନୀ କୁକୁର ସାଇଣ୍ଟିଫିକ୍ ଟିମ୍ ସହିତ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ସଦର ଥାନା ଅଧିକାରୀ ଶ୍ରୀଯୁକ୍ତ ବିମଳ ପ୍ରସାଦ ମଲ୍ଲିକ୍ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି ।

### ଭାରତୀୟ ଛନ୍ଦ କବିତା ସାରା ପୃଥିବୀରେ ଶ୍ରେଷ୍ଠ : ହରପ୍ରସାଦ ଦାସ

# ଜୟନ୍ତ ହଂସରାଜଙ୍କ କାବ୍ୟଗ୍ରନ୍ଥ 'ଗୀତିମାଲ୍ୟ' ଉନ୍ମୋଚିତ

ବାଲେଶ୍ୱର,୩୦/୧୨(ନି.ପ୍ର): ସମଗ୍ର ବିଶ୍ୱ ସାହିତ୍ୟରେ ଭାରତୀୟ ଛନ୍ଦସାହିତ୍ୟ ହିଁ ଶ୍ରେଷ୍ଠ ଓ ଅନନ୍ୟ ଏବଂ ପୃଥିବୀର ସମସ୍ତ ସଭ୍ୟତା ମଧ୍ୟରୁ ଭାରତୀୟ ସଭ୍ୟତା ହିଁ କେବଳ ବଞ୍ଚିରହିଛି । ଆଞ୍ଚଳିକ ଭିତ୍ତିରେ ଓଡ଼ିଆ ଭାଷାର ବୈଚିତ୍ର୍ୟ ପାଇଁ ଏହା ଅତ୍ୟନ୍ତ ଚଳଚଞ୍ଚଳ ଓ ସମୃଦ୍ଧ ତଥା ଆମୋଦଦାୟକ । ଓଡ଼ିଆ ଭାଷାର ପ୍ରତିଟି ଅକ୍ଷର ଓ ଫଳା ଇତ୍ୟାଦିର ବ୍ୟବହାର ହେବା ଯୋଗୁଁ ଅନ୍ୟଭାଷାମାନଙ୍କ ଠାରୁ ଏହା ସ୍ୱତନ୍ତ୍ର । ଆମର ସୌଭାଗ୍ୟ ଯେ ଆମେ ଏହି ଭାଷାର ପରିଚୟ ନେଇ ପରିଚିତ ବୋଲି 'ବିଦ୍ୟଭାରତୀ' ଦ୍ୱାରା ପ୍ରକାଶିତ କବି ଜୟନ୍ତ ହଂସରାଜଙ୍କ ଛନ୍ଦକାବ୍ୟ ସଂକଳନ 'ଗୀତିମାଲ୍ୟ'ର ଉନ୍ମୋଚନ ଉତ୍ସବରେ ଉନ୍ମୋଚକ ତଥା ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହା କହିଛନ୍ତି । ସ୍ଥାନୀୟ ଷ୍ଟେସନ୍ କ୍ଲବ୍ ସଭାଗୃହରେ ପୁସ୍ତକର ପ୍ରକାଶକ କବି ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସ୍ତମ୍ଭକାର ଓ ପ୍ରାବନ୍ଧିକ ଉପେନ୍ଦ୍ର ବିଶ୍ୱାଳ ଯୋଗଦେଇ କହିଥିଲେ ଯେ ଯେଉଁ ଦେଶ ବିଦ୍ୟାଚର୍ଚ୍ଚାରେ ଯେତେ ଆଗୁଆ ଏବଂ ଯେଉଁ ଦେଶର ଅଧିବାସୀ ମାନବସମାଜର ପ୍ରଗତି ଓ ସୁରକ୍ଷା ପାଇଁ ଯେତେ ସମର୍ପିତ ସେ ଦେଶ ସେତେ ସମୃଦ୍ଧ ଓ ସଂସ୍କୃତ । ସଭାପତି ତାଙ୍କ ଅଭିଭାଷଣରେ କହିଥିଲେ ଯେ ଓଡ଼ିଶାରେ ପୂର୍ବସୂରୀମାନଙ୍କ ପ୍ରତି ଅବଜ୍ଞା ଓ ଅସମ୍ମାନ ପ୍ରଦର୍ଶନର ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାହା ପରମ୍ପରାରେ ପରିଣତ ନହେଉ । ପୂର୍ବଜ ଲେଖକମାନଙ୍କ ପ୍ରତି ଉତ୍ତର ପିଢ଼ି ଯଥାଯଥ ସମ୍ମାନ ପ୍ରଦର୍ଶନ କରିବା ଶିକ୍ଷା କରନ୍ତୁ । ସଭା ପ୍ରାରମ୍ଭରେ ଗୁରୁ ସତ୍ୟଜିତ୍ ମହାରଣାଙ୍କ ଗୀଟାରରେ ଶାସ୍ତ୍ରୀୟ ରାଗ ପରିବେଷଣ ଏବଂ ଗୁରୁ କମଳାକାନ୍ତ ବେହେରା ଓ ଗୁରୁ ଇଂ ତୀର୍ଥରଞ୍ଜନ ବଳଙ୍କର ତବଲାବାଦନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଏବଂ ଏହି କଳାକାରମାନଙ୍କୁ ମୁଖ୍ୟଅତିଥି ଡକ୍ଟର ଦାସ , ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ସୁବାସ ପାତ୍ର, ସଗୀତ ଗୁରୁ ବ୍ରଜେଶ ପଣ୍ଡା ପ୍ରମୁଖ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରାଥମିକ ସୂଚନା ପ୍ରଦାନ ଏବଂ କଳାକାରମାନଙ୍କର ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ପ୍ରବୀର କମିଳା ଓ ଚିଦାନନ୍ଦ ଅର୍ପିତା । କବି ଜୟନ୍ତ ହଂସରାଜ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଓମ୍ ପ୍ରୟାସ, ଗୋବର୍ଦ୍ଧନ ମାଝୀ, ନିଗମ୍ ଶାଶ୍ୱତ ସାହୁ, ଶୁଚିସ୍ମିତା କର ଏ ବଂ ରଶ୍ମିତା ପ୍ରମାଣିକ୍ ।

# ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ଛାତ୍ରୀନିବାସ କର୍ମଚାରୀ ମହାସଂଘ ପକ୍ଷରୁ ପ୍ରତିବାଦ ସଭା

ଭୁବନେଶ୍ୱର, : ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ଛାତ୍ରୀନିବାସ କର୍ମଚାରୀ ମହାସଂଘ ପକ୍ଷରୁ ଓଡ଼ିଶାର ୧୭ଗୋଟି ଜିଲ୍ଲାର ୱାର୍ଡେନ୍, ମେଟ୍ରୋନ୍, ରୋଷେୟା ମାନଙ୍କୁ ନେଇ ଭୁବନେଶ୍ୱର ଆଇ.ଜି. ପାର୍କଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ମହାସଂଘର ଆବାହକ ଶ୍ରୀଯୁକ୍ତ ଦିଗମ୍ବର ଜେନାଙ୍କ ନେତୃତ୍ୱରେ ବୈଠକ ବସି ଅନ୍ୱେଷା ଛାତ୍ରୀନିବାସୀ କର୍ମଚାରୀମାନଙ୍କର ଦୟନୀୟ ଅବସ୍ଥା ବାବଦରେ ଆଲୋଚନା କରାଯାଇଥିଲା । ସେଥିରେ ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ତିଳୋ□ମା ମାଝୀ ଯୋଗଦେଇ କହିଲେ ଆମ୍ଭମାନଙ୍କୁ ସରକାର ୮ ବର୍ଷରୁ ୧୦ ବର୍ଷ ହେବ ନିଯୁକ୍ତି ଦେଇଥିଲେ ମଧ୍ୟ ସିଧାସଳଖ ଭାବରେ ଦରମା ଦିଆନଯାଇ ଆଉଟ୍ ସୋର୍ସିଂରେ ରୋଷେୟା ଓ ମେଟ୍ରୋନ୍ ମାନଙ୍କର ୮ହଜାର ଏବଂ ୱାର୍ଡେନ୍ ମାନଙ୍କର ୯,୫୦୦ କରି ଦିଆଯାଉଛି । ସେବାଶ୍ରମ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଠାରୁ କମ୍ ଦରମା ପାଉଛନ୍ତି । ବଡ଼ ଦୁଃଖର ବିଷୟ ଦରମା ମଧ୍ୟ ନିୟମିତ ଭାବେ ପ୍ରତି ମାସରେ ଦିଆଯାଉନାହିଁ। ୪ମାସ, ୬ ମାସ କରି ବକେୟା ରହୁଛି । ସେଥିରେ ଆମ ପରିବାର ଚଳିବା ବହୁତ କଷ୍ଟକର । ଓଡ଼ିଶାର ପ୍ରତ୍ୟେକ ଅନ୍ୱେଷା ହଷ୍ଟେଲ୍ ଗୁଡ଼ିକର କର୍ମଚାରୀମାନେ ଏକତ୍ରିତ ହୋଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀ ଓ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଅଛୁ । ଦାବିପତ୍ର ଗୁଡ଼ିକ ଯଥା – (୧) ବେତନ ବୃଦ୍ଧି ସହିତ ପ୍ରତି ମାସରେ ନିୟମିତ ଭାବେ ଦରମା ପ୍ରଦାନ (୨) ପ୍ରତି ମାସରେ ଇପିଏଫ୍ କଟାଯିବା ବ୍ୟବସ୍ଥା ଠିକ୍ ଭାବେ କରାଯାଉ (୩) ସେବାଶ୍ରମ ହଷ୍ଟେଲ ଗୁଡ଼ିକରେ କର୍ମଚାରୀମାନଙ୍କର ସୁବିଧା ଆମ୍ଭମାନଙ୍କୁ ଦିଆଯାଉ (୪) ଆଉଟସୋର୍ସିଙ୍ଗ ବ୍ୟବସ୍ଥା ବନ୍ଦ କରାଯାଇ ବେତନ ସିଧାସଳଖ ରୂପେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦାନ କରନ୍ତୁ ।

# ଫୁଲ ନୁହେଁ ଗଛଟିଏ ଉପହାର ଦିଅନ୍ତୁ



ଭୁବନେଶ୍ୱର : ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଏହାର ନିରାକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ନେଇ ସାରା ବିଶ୍ୱରେ ଭାରତକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛନ୍ତି । ଏହି କ୍ରମରେ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ବୃକ୍ଷରୋପଣକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିବା ସହ ନୂଆବର୍ଷ ଅବସରରେ 'ଫୁଲଟିଏ ବଦଳରେ ଗଛଟିଏ' ଉପହାର ଦେବା ପାଇଁ ଓଡ଼ିଶାର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ପୂର୍ତ୍ତ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ମଧ୍ୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ ।ଆଜି ବକୁଳ ଫାଉଣ୍ଡେସନ୍? ପକ୍ଷରୁ ଆୟୋଜିତ 'ଫୁଲ ବଦଳରେ ଗଛଟିଏ' କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ପରିବେଶ ପାଇଁ ଗଛଟିଏର ପ୍ରମୁଖ ଭୂମିକା ରହିଛି । ଆଜିକାଲି ରାସ୍ତା ପ୍ରଶସ୍ତିକରଣ ଏବଂ ବିଭିନ୍ନ ଉନ୍ନତିକରଣ ନାମରେ ଅନେକ ବଡ଼ ବଡ଼ ଗଛକୁ କଟା ଯାଉଛି । ତେଣୁ, ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି ପୁରୁଣା ଗଛକୁ କିପରି ଅନ୍ୟତ୍ର ସ୍ଥାନାନ୍ତରିତ କରିହେବ ସେଥି ପାଇଁ ସରକାର ଚିନ୍ତା କରୁଛନ୍ତି । ତେଣୁ ନୂଆବର୍ଷରେ ଫୁଲଟିଏ ବଦଳରେ ଗଛଟିଏ ଉପହାର ପ୍ରଦାନ କଲେ ଏହା ପରିବେଶର ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଅନୁରୂପ ଭାବେ ନୂଆବର୍ଷ ଅବସରରେ 'ଫୁଲଟିଏ ବଦଳରେ ଗଛଟିଏ' ଉପହାର ଦେବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ବକୁଳ ଫାଉଣ୍ଡେସନ୍?ର କର୍ମକର୍ତ୍ତା, ବୁଦ୍ଧିଜୀବୀ ଏବଂ ପ୍ରକୃତିପ୍ରେମୀ ଉପସ୍ଥିତ ଥିଲେ ।

# ମେୟରଙ୍କ ନିର୍ଦ୍ଦେଶକୁ ମାନିଲାନି ବିଏମ୍‌ସି

# ଛୁଟିଦିନରେ ଉଠାଦୋକାନ ଉଚ୍ଛେଦକୁ ନେଇ ତୀବ୍ର ବିରୋଧ

ଭୁବନେଶ୍ୱର, : ରାଜଧାନୀ ଭୁବନେଶ୍ୱରରେ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ଯେତିକି ପାଖେଇ ଆସୁଛି, ବିଏମ୍‌ସି ଓ ବିଡ଼ିଏର କର୍ମଚାରୀମାନଙ୍କ ଉଠାଦୋକାନୀଙ୍କ ଉପରେ ଅତ୍ୟାଚାର ସେତିକି ବଢିଚାଲିଛି। ଗତ କିଛିଦିନ ହେବ କ୍ରମାଗତ ଭାବରେ ବିଏମ୍‌ସି ଓ ବିଡ଼ିଏର ମିଳିତ ଉଚ୍ଛେଦକାରୀ ଦଳ ଭୁବନେଶ୍ୱରର ବିଭିନ୍ନ ଅ□ଳରେ ଥିବା ଉଠାଦୋକାନଗୁଡ଼ିକୁ ଉଚ୍ଛେଦ କରି ଚାଲିଥିଲେ। ଯାହାକୁ ନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ତରଫରୁ ତୀବ୍ର ବିଧେରା କରୁଥିଲେ ମଧ୍ୟ ବିଏମ୍‌ସି ଓ ବିଡ଼ିଏ ଏଥିପ୍ରତି କର୍ଣ୍ଣପାତ ନକରି ଚିରା ଚରିତ ଭାବେ ଉଠାଦୋକନଗୁଡ଼ିକୁ ଉଚ୍ଛେଦ କରି ଚାଲୁଥିଲେ। ଫଳରେ ବାଧ୍ୟ ହୋଇ ମହାସଂଘ ତରଫରୁ ଗତ ୨୬ ତାରିଖ ଦିନ ୫ ହଜାର ଉଠାଦୋକାନୀ ଭାଇ ଓ ଭଉଣୀମାନେ ଭୁବନେଶ୍ୱର ଉ□ର ବିଏମ୍‌ସି ଅଫିସ୍ ଘେରାଉ କରିବା ସହିତ ଦୁଇଜଣ ଡେପୁଟି କମିଶନର ଓ ମେୟରଙ୍କୁ ୯ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଦୁଇ ଡେପୁଟି କମିଶନର ଓ ମେୟର ଦାବିଗୁଡିକ ଯଥାର୍ଥ ବୋଲି କହିବା ସହ ବିଏମ୍‌ସି ଉଠାଦୋକାନ ଉଚ୍ଛେଦ ନକରି ଥଇଥାନ କରିବାକୁ କହିଥିଲେ। ହେଲେ ମେୟରଙ୍କ କଥାକୁ ବିଏମ୍‌ସି କର୍ମଚାରୀମାନେ ଖାତିର କରିନଥିଲେ।

ଶନିବାର ଛୁଟିଦିନରେ ବିଏମ୍‌ସି ଓ ବିଡ଼ିଏର ମିଳିତ ଉଚ୍ଛେଦକାରୀ ଦଳ କଳ୍ପନା ଛକରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବାକୁ ଆସିଥିବା ବେଳେ ସେଠାରେ ଉଠାଦୋକାନୀଙ୍କ ମଧ୍ୟରେ ଉ□ଜନା ପ୍ରକାଶ ପାଇଥିଲା। ଉଠାଦୋକାନୀମାନେ ବିଏମ୍‌ସି ଗୋ ବ୍ୟାକ୍, ପ୍ରବାସୀ ଭାରତୀୟ ସମ୍ମିଳନୀ ନୁହେଁ, ଭାତ ଚାହୁଁ, ଉଚ୍ଛେଦ ନୁହେଁ, ଥଇଥାନ ଚାହୁଁ ଆଦି ସ୍ଲୋଗାନ ଦେଇ ବିଏମସି ଗାଡ଼ି ଆଗରେ ଧାରଣାରେ ବସିଥିଲେ। ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ସୂର୍ଯ୍ୟମଣି ସାହୁ, ନିରଞ୍ଜନ ପାଣ୍ଡେ ଘଟଣାସ୍ଥଳରେ ପହ□ି ଦୋକାନୀମାନଙ୍କୁ ବୁଝାଶୁଝା କରିବା ସହ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେଲା ପରେ ଦୋକାନୀମାନେ ଆନ୍ଦୋଳନରୁ ଓହରିଥିଲେ।ଅନ୍ୟପଟେ ଦୁଇନମ୍ବର ଅ□ଳରେ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଉଚ୍ଛେଦ କରିବା ପାଇଁ ପ୍ରଚାର କରୁଥିବା ବେଳେ ସେଠାରେ ମଧ୍ୟ ଉ□ଜନା ପ୍ରକାଶ ପାଇଥିଲା।



# ନୂତନ ବ୍ଲକ ପ୍ରତିଷ୍ଠା ପୂର୍ନବାର ଦାବି ଉଠାଇଲା କ୍ରୀୟାନୁଷ୍ଠାନ କମିଟି

## କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଦିଆଯାଇଥିଲା ଦାବିପତ୍ର , ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ଦେଇଥିଲେ ନିର୍ଦ୍ଦେଶ

ପାଟକୁରା, (୩୦/୧୨(ନି.ପ୍ର):ନୂତନ ବ୍ଲକ ପ୍ରତିଷ୍ଠା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀର ବଙ୍ଗାଳପୁର ପଞ୍ଚାୟତ ର ମାହଳ ବା ବାସୁଦେଇପୁର ଠାରେ ନୂତନ ବ୍ଲକ ପ୍ରତିଷ୍ଠା ନିମନ୍ତେ ପୂର୍ନବାର ଦାବି ଉଠାଇଛି ନୂତନ ବ୍ଲକ ପ୍ରତିଷ୍ଠା କ୍ରୀୟାନୁଷ୍ଠାନ କମିଟ ପୂର୍ନବାର ଦାବି ଉଠାଇଛି ।ତେବେ ଦୀର୍ଘ ଏକ ବର୍ଷ ତଳେ କ୍ରୀୟାନୁଷ୍ଠାନ କମିଟି ଆବାହକ ତଥା ସାମ୍ବାଦିକ ସୁବାସ ସାମଲ ଙ୍କ ନେତୃତ୍ୱରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ ଙ୍କୁ ଦାବିପତ୍ର ପ୍ରଦାନ କରା ଯାଇଥିଲା । ଏହି ଦାବିପତ୍ର କୁ କମିଶନର ଗ୍ରହଣ କରି ଦାବି ଯଥାର୍ଥ କହିବା ସହ ଦାବିପତ୍ର ଅନୂଯାୟୀ ଅନୁଧ୍ୟାନ କରି ତୁରନ୍ତ ଏକ ରିପୋର୍ଟ ପ୍ରଦାନ କରିବାକୁ ତତ୍କାଳୀନ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ସରକାରଙ୍କୁ ଅବଗତ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରକାଶ କି ଏହି ପ୍ରସ୍ତାବିତ ନୂତନ ବ୍ଲକଟି ଗରଦପୁର ବ୍ଲକ ର ମଧୁଶାସନ , ବଡବେତେରା,ସାନ ?ଅଢଙ୍ଗା, ଭଗବାନପୁର, ବଙ୍ଗାଳପୁର, ନଡିଅ୍ୱରାଇ,ତିକନପୁର, ଓ ରାମଚନ୍ଦ୍ରପୁର ପଞ୍ଚାୟତ ମିଶି ୮ ଟି ପଞ୍ଚାୟତ ଏବଂ ମାର୍ଶାଘାଇ ବ୍ଲକ ର ୩ ଟି ପଞ୍ଚାୟତ ଯଥା କରିଲୋପାଟଣା,ଆୟତିପୁର,ଓ ଜଳପୋକ ପଞ୍ଚାୟତ ଏହାଛଡା ଡେରାବିଶ ବ୍ଲକ ର ୩ ଟି ପଞ୍ଚାୟତ ଯଥା ଜଅଁରାବାରିମୂଳ,ହରିଅଙ୍କ ଓ ଇନ୍ଦାଳୋ ପଞ୍ଚାୟତ ମିଶାଇ ସମୁଦାୟ ୧୪ ଟି ପଞ୍ଚାୟତ ଓ ସରକାର ଙ୍କ ପ୍ରସ୍ତାବ ଅନୁଯାୟୀ ସାନଅଢଙ୍ଗା ପଞ୍ଚାୟତକୁ ଭାଙ୍ଗି କୋରୁଆ ପଞ୍ଚାୟତ ବଙ୍ଗାଳପୁର ପଞ୍ଚାୟତ କୁ ଭାଙ୍ଗି ଚଅଁପୁର ଭାବେ ଏହି ଦୁଇ ନୂତନ ପଞ୍ଚାୟତ ଗଠନ କରି ମୋଟ୍ ୧୬ ଟି ପଞ୍ଚାୟତ କୁ ନେଇ ବଙ୍ଗାଳପୁର ପଞ୍ଚାୟତ ଅଧୀନ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ସଂପୂର୍ଣ୍ଣ ସୁବିଧା ଓ ସୁଯୋଗ ରହିବା ସହ ଭୈଗଳିକ, ପ୍ରଶାସନିକ ଓ ଜନସଂଖ୍ୟା ଦୃଷ୍ଟିକୋଣରୁ ଆଉ ଏକ ନୂତନ ବ୍ଲକ ପ୍ରତିଷ୍ଠା ହେବା ଜରୁରୀ ହୋଇପଡିଛି ।ମାର୍ଶାଘାଇ ବ୍ଲକ ଅଧୀନରେ ଥିବା କରିଲୋପାଟଣା, ଆୟତିପୁର ଓ ଜଳପୋକ ଲୁଣା ଓ କରାଣ୍ଡିଆ ନଦୀ ଘେରରେ ଅଛି । ଏହାଛଡା ଉକ୍ତ ତିନୋଟି ପଞ୍ଚାୟତର ଜନସଂଖ୍ୟା ଅନୁନ୍ୟ ୩୯ ହଜାରରୁ ଉର୍ଦ୍ଧ୍ୱ ହେବା ସହ ମତଦାତା ଙ୍କ ସଂଖ୍ୟା ୨୪ ହଜାରରୁ ଉର୍ଦ୍ଧ୍ୱ ହେବ । ବ୍ଲକ ମୁଖ୍ୟାଳୟ ର ଦୂରତା ଅନୁନ୍ୟ ୨୦ କିମିରୁ ଉର୍ଦ୍ଧ୍ୱ ହୋଇଥିବା ହେତୁ ଏଥିନେଇ ଜନସାଧାରଣ ସମସ୍ତ ସରକାରୀ ଯୋଜନାର ଲାଭ ଉଠାଇବା ସମର୍ଥ ନହେବା ସହ ପ୍ରଶାସନ ବି ଜନସାଧାରଣ ଙ୍କ ନିକଟରେ ପହଞ୍ଚିବା ସହଜ ହୋଇ ପାରୁନାହିଁ । ସେହିପରି ଡେରାବିଶ ବ୍ଲକ ର ଅଧୀନରେ ଥିବା ଉପରୋକ୍ତ ୩ ଟି ପଞ୍ଚାୟତ ଠାରୁ ବ୍ଲକ ମୁଖ୍ୟାଳୟ ପ୍ରାୟ ?୨୨ କିମି ଦୂରରେ ଅବସ୍ଥିତ । ଏହି ତିନୋଟି ?ପଞ୍ଚାୟତ ଜନସଂଖ୍ୟା ୪୮ ହଜାରରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଭୋଟରଙ୍କ ସଂଖ୍ୟା ହାରାହାରି ୨୩ ହଜାର ହେବା ସହ ଜନସଂଖ୍ୟା, ମତଦାତା,ଓ ଭୈଗଳିକ କାରଣ ଓ ଗମନାଗମନ ଦୃଷ୍ଟିରୁ ମଧ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ସେହିପରି ଗରଦପୁର ବ୍ଲକ ଅଧୀନରେ ଥିବା ଜିଲ୍ଲା ପରିଷଦ ଜୋନ୍ ୧୦ ର ଉପରୋକ୍ତ ୬ ଟି ପଞ୍ଚାୟତ ଓ ଜୋନ୍ ୯ ର ଦୁଇଟି ପଞ୍ଚାୟତ ମଧ୍ୟ ସରକାରୀ ଉଦାସୀନତା କାରଣରୁ ବିଭିନ୍ନ ଯୋଜନା ର ଲାଭ ନେଇ ପାରୁନାହାନ୍ତି ।ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପାଟକୁରା ଠାରେ ଥିବା ରୁ ଉକ୍ତ ୮ ଟି ପଞ୍ଚାୟତ ର ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଜର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ବହୁତ ହ ?ଇରାଣ ହେବାକୁ ପଡୁଛନ୍ତି । ସେହିପରି ଶିଶୁ ସସ୍ୱନୀତ ବିକାଶ କାର୍ଯ୍ୟାଳୟ ନ ?ଇନ୍ଦିପୁର ଠାରେ ଅବସ୍ଥିତ ଥିବାରୁ ଅଙ୍ଗନବାଡି କର୍ମୀ ନାନାଦି ଦହଗଞ୍ଜ ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି ।ଏହାଛଡା ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉପରୋକ୍ତ ପଞ୍ଚାୟତର ସାଧାରଣ ରୋଗୀ ବି ଚିକିତ୍ସା ପାଇଁ ଅସୁବିଧା ର ଶିକାର ହେଉଛନ୍ତି । ତାହା ଛଡା ତହସିଲ କାର୍ଯ୍ୟାଳୟ ପାଇଁ ମଧ ଜଣସାଧାରଣ ନାନାଦି ଅନୁରୂପ ଦଶା ଭୋଗିବାକୁ ପଡୁଛି ବୋଲି ଅଭିଯୋଗ ହେବା ସହ ବିଭିନ୍ନ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ।ତେଣୁକରି ଏହି ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ମାହାଳ କିମ୍ବା ବାସୁଦେବପୁର ଓ ବଙ୍ଗାଳପୁର ଗ୍ରାମରେ ବିସ୍ତୃତ ଓ ବ୍ୟାପକ ସରକାରୀ ଜମି ରହିଛି । ଏଥିନେଇ ମଧ ପ୍ରସ୍ତାବିତ ନୂତନ ବ୍ଲକପ୍ରତିଷ୍ଠା ହେଲେ ବ୍ଲକ, ତହସିଲ, ସବ ରେଜିଷ୍ଟ୍ରାର ଓ ଟ୍ରେଜେରୀ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ସହ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସରକାରୀ କ୍ୱାଟର ନିର୍ମାଣ ହୋଇପାରିବ । ସରକାରୀ କାର୍ଯ୍ୟରେ ସୁବିଧା ପାଇଁ କୋରୁଆ ଠାରେ ନୂତନ କୁଦାନଗରୀ ଥାନା ସହ ପ୍ରସ୍ତାବିତ ସ୍ଥାନରେ ବଜାର, ବ୍ୟାଙ୍କ, ପେଟ୍ରୋଲ ପମ୍ପ,ଓ ଗମନାଗମନ ଦୃଷ୍ଟିରୁ ଏହି ସ୍ଥାନ ଟି ସମୁଦାୟ ପଞ୍ଚାୟତର ମଧ୍ୟମ ସ୍ଥାନ ଭାବେ ବିବେଚିତ ହୋଇପାରିବ ।ଏହିଠାରେ ବ୍ଲକ ପ୍ରତିଷ୍ଠା ହେଲେ କୋରୁଆ ଠାରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ମଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପରିଣତ ହୋଇ ଜନସାଧାରଣ ସୁବିଧାରେ ଚିକିତ୍ସା ପାଇଁ ପାରିବେ । ସୂଚନାଯୋଗ୍ୟ ଯେ ଏହାପୂର୍ବରୁ ଏହି ଦାବିପତ୍ର ଜିଲ୍ଲାପାଳ ଙ୍କୁ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଉକ୍ତ ଦାବିପତ୍ର କୁ ଗ୍ରହଣ କରି ସରକାର ଙ୍କୁ ଅବଗତ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତେବେ ଏହି ଦାବିକୁ ଆଗେଇ ନେବା ପାଇଁ ଖୁବ୍ ଶୀଘ୍ର ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସାମାଜିକ ସଂଗଠନ, ମହିଳା ସଂଗଠନ, କ୍ରୀଡା ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ, ସମେତ ଆଗ୍ରହୀ ଜନସାଧାରଣ ଉପସ୍ଥିତ ରହି ପ୍ରସ୍ତାବିତ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ପ୍ରସ୍ତାବିତ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ସବୁ କାର୍ଯ୍ୟପନ୍ଥା ଓ ଦାବି ରୂପରେଖ କୁ ଯୋଜନାବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟିର ଆବାହକ ? ସାମ୍ବାଦିକ ସୁବାସ ସାମଲ ସୂଚନା ଦେଇଛନ୍ତି ।

## ଜିଲ୍ଲା ପରିବେଶ ସମିତିର, ଯାଜପୁର କାର୍ଯ୍ୟ ନିର୍ବାହୀ ସଦସ୍ୟଙ୍କ ବୈଠକ

୩୦/୧୨(ନି.ପ୍ର): ରିଖ ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡିଙ୍କ ଅଧ୍ୟକ୍ଷତକ୍ଷରେ ଜିଲ୍ଲାପରିବେଶ ସମିତିର କାର୍ଯ୍ୟ ନିର୍ବାହୀ ସଦସ୍ୟମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ସମ୍ପାଦକ ଡଃ ଶରତ କୁମାର ସାହୁ ସମସ୍ତ କାର୍ଯ୍ୟ କାରିଣୀ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ସଦସ୍ୟମାନେ ନିଜ ନିଜର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ କ୍ଷ ସମ୍ପାଦକ ବାର୍ଷିକ ବିବରଣୀ ଓ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିମାନ ପାଠ କରିଥିଲେ। ତାହା କାର୍ଯ୍ୟ କାରିଣୀ ସଦସ୍ୟଙ୍କଦ୍ୱାରା ଅନୁମୋଦନ ଲାଭ କରିଥିଲା । କାର୍ଯ୍ୟ କାରିଣୀ ସଦସ୍ୟ ମାନେ ପରିବେଶ ସଚେତନତା ପାଇଁ ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ବନ୍ଧରେ ନିଜ ନିଜର ମତକ୍ଷ ମତ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରକାର ପରିବେଶ ପ୍ରଦୂର୍ଷଣ ନିୟନ୍ତ୍ରଣ ପାଇଁ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ଛାତ୍ର ଛାତ୍ରୀ ଓ ଜନସାଧାରଣ ମାନଙ୍କଠାରେ ସଚେତନତା ସୃଷ୍ଟି କରିବାପାଇଁ ଅଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାପାଇଁ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ। ବୈଠକରେ ଡି. ଏଫ. ଓ ଙ୍କ ପ୍ରତିନିଧି ରେଞ୍ଜ ଅଫିସର ,, ସୁକିନ୍ଦା ତହସିଲଦାର, ଜଳ ଛାୟା ପ୍ରକଳ୍ପ ଅଧିକାରୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ , ସହକାରୀ କୃଷି ନିର୍ଦ୍ଦେଶକ,ଖଣି ବିଭାଗର ଉପ ନିର୍ଦ୍ଦେଶକ , ଜିଲ୍ଲା ଶିକ୍ଷା ଅଧିକାରୀରିଣୀଙ୍କ ପ୍ରତିନିଧି (ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ), ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରଜ୍ୟ ପ୍ରଦୂର୍ଷଣ ନିୟନ୍ତ୍ରଣ ଆଞ୍ଚଳିକ ଶାଖା ଅଧିକାରୀ, କଳିଙ୍ଗ ନଗର ଇତ୍ୟାଦି ଯୋଗ ଦେଇ ନିଜର ମତକ୍ଷ ମତ ପୋଷଣ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଶ୍ରୀ ମଳୟ କୁମାର ମିତ୍ର କାର୍ଯ୍ୟ କାରିଣୀ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗାର ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ, ରୋକିବ କିଏ ?



କୋରାପୁଟ: ଦିନକୁ ଦିନ ଅଙ୍ଗାର ପାଇଁ ଜଙ୍ଗଲକୁ ବଳି ପକାଉଛନ୍ତି ବନବାସୀ। ଆଜି ବି ସହର ଗୁଡିକରେ ଅଙ୍ଗାରର ଚାହିଦା ରହିଛି। ଏଥି ପାଇଁ ଜଙ୍ଗଲ ପାର୍ଶ୍ୱ ଗ୍ରାମବାସୀମାନେ ଜଙ୍ଗଲ ମଧରେ ବଡ ବଡ ଗର୍ତ୍ତ କରି ସେଥିରେ କାଠ କାଟି ପକାଇ ନିଆଁ ଲଗାଇ ଅଙ୍ଗାର ପ୍ରସ୍ତୁତ କରୁଛନ୍ତି। ଏହାକୁ ପୁରୁଷମାନେ କାଉଡି, ସାଇକେଲରେ ସହରକୁ ବିକ୍ରି କରିବାକୁ ଆଣୁଥିବା ବେଳେ ମହିଳାମାନେ ମୁଣ୍ଡରେ ଭାର କରି ସହରକୁ ଆଣି ବିକ୍ରି କରୁଛନ୍ତି। ତେବେ ସେମାନଙ୍କୁ ରୋକିବା ପାଇଁ ଥିବା ବନବିଭାଗର କର୍ମଚାରୀମାନେ ସଲାସୁତରା କରି ସେମାନଙ୍କ ଠାରୁ କିଛି ଟଙ୍କା ନେଇ ଛାଡ଼ି ଦେଉନ୍ତି। ଲୋକେ ପୂର୍ବରୁ କାଠ, ପରେ ଅଙ୍ଗାରରେ ରୋଷଇ କରି ଖାଉଥିଲେ। ଯୁଗ ବଦଳିବା ପରେ କିରୋସିନି ଚୁଲା, ବିଦ୍ୟୁତ ଚୁଲା ଏବଂ ଗ୍ୟାସ ଚୁଲାରେ ରୋଷଇ କରି ଖାଉଛନ୍ତି। ଉଜ୍ଜଳା ଯୋଜନାରେ ଗାଁରୁ ଆରମ୍ଭ କରି ସହରର ବସ୍ତି ପର୍ଯ୍ୟନ୍ତ ଗ୍ୟାସ୍ ସିଲଣ୍ଡର ପହଚିଂବା ସହ ଗ୍ୟାସ୍ ଚୁଲାରେ ରୋଷଇ କରି ଖାଉଛନ୍ତି। ଏହା ବାଦେ ମଧ ଆଜି ସହରରୁ ଆରମ୍ଭ କରି ଗ୍ରାମାଂଚଳରେ କାଠର ଅଙ୍ଗାରର ଚାହିଦା ରହିଛି। ଏବେ ବି କିଛି ନ୍ୟାସ୍ତସ୍ୱାର୍ଥ କାଠ କାଠୁରିଆମାନେ ଜଙ୍ଗଲରୁ କାଠ କାଟି ଜଙ୍ଗଲ ମଧରେ ହିଁ ଅଙ୍ଗାର ପ୍ରସ୍ତୁତ କରି ଏହାକୁ ବିକ୍ରୀ କରୁଛନ୍ତି। ଏହା ଦ୍ୱାରା ଜଙ୍ଗଲ ନଷ୍ଟ ହେବା ସହ ପରିବେଶ ବି କ୍ଷୟ ହେଉଛି। ତେବେ ବିଭାଗ ସବୁ ଜାଣି ନଜାଣିବା ଅଭିନୟ କରୁଛି। ଦୁର୍ଗମ ଜଙ୍ଗଲରେ ଥିବା ବହୁ ମୂଲ୍ୟବ ?ାନ ଗଛକୁ କାଟି ଦେଉଛନ୍ତି। ଏହି କାଠକୁ ମାଟିର ଗାତରେ ପକାଇ ନିଆଁ ଲଗାଉଛନ୍ତି। ନିଆଁ ଲାଗିଯିବା ପରେ ଏହାକୁ ପୋତି ପକାଉଛନ୍ତି। କିଛି ଦିନ ପରେ ବାହାର କରି କୋରାପୁଟ,ସେମିଳିଗୁଡା, ସୁନାବେଡ଼ା, ଜୟପୁର, ବୋରିଗୁମ୍ମା ସହ ପଡୋଶୀ ଜିଲ୍ଲାର ନବରଙ୍ଗପୁର, ପଡେଶୀ ରାଜ୍ୟର ଜଗଦଲପୁର, ସାଲୁର ପର୍ଯ୍ୟନ୍ତ ଅଙ୍ଗାର କାଉଡି ଏବେ ଯାଉଛି। କୋରାପୁଟ ସହରର ଚାରି ପାର୍ଶ୍ୱରେ ଥିବା ଗାଁ ଗୁଡିକରୁ ଏଭଳି ଅଙ୍ଗାର ?କାଉଡି ଲୋକେ ବୋହି କିମ୍ବା ସାଇକେଲରେ ଆଣୁଥିବା ବନବିଭାଗ କର୍ମଚାରୀ ମାନେ ବି ଜାଣୁଛନ୍ତି। କିଛି ସମୟ ଧରୁଛନ୍ତି , ନଚେତ ଏମାନଙ୍କ ସହ ସଲାସୁତରା କରି ଅଳ୍ପ କିଛି ହାତଗୁଞ୍ଜା ନେଇ ଏମାନଙ୍କୁ ଛାଡି ଦେଉଛନ୍ତି। କୋରାପୁଟ ଜିଲ୍ଲାରେ ଜଙ୍ଗଲ ପଦା ହେବା ପଛରେ ପୋଡୁଚାଷ ଓ କାଠ ଚୋରୀ ପ୍ରମୁଖ କାରଣ। ତା ଠାରୁ ଆହୁରି ଅଧିକା ପରିବେଶକୁ ବିଷାକ୍ତ କରି ଜଙ୍ଗଲକୁ ବଳି ପକାଉଛନ୍ତି ଅଙ୍ଗାର ବିକ୍ରେତା।ଯଦିଓ ନିଜର ଜୀବନ ଜୀବିକା ପାଇଁ କାଳନୁକ୍ରମେ ଏହି ବୃତ୍ତି କରି ଆସୁଛନ୍ତି ତଥାପି ସେମାନଙ୍କୁ ସଚେତନ କରିବ କିଏ ?

## ଆଦ୍ୟାଶକ୍ତି ନାରୀ ସଂଗଠନର ପ୍ରତିଷ୍ଠା ଦିବସ ପାଳନ ରେ ସଂଗୀତା ଦାଶଙ୍କୁ ଆଦ୍ୟାଶକ୍ତି ସମ୍ମାନ



ବଲାଙ୍ଗିର, ୩୦/୧୨: ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦ୍ୟାଶକ୍ତି ନାରୀ ସଂଗଠନର ୧୪ତମ ପ୍ରତିଷ୍ଠା ଦିବସ ସଭାପତି ମାଳତୀ ଉଦ୍‌ଗାତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପାର୍ବଣରେ ସମାଜସେବୀ ଶାନ୍ତିଲତା ବହିଦାର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଚାରୁବାଳା ଦେବୀ ମୁଖ୍ୟବକ୍ତା, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ସଂଗଠନର ସଂସ୍ଥାପକ ମଦନ ମୋହନ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ସମାଜ ଜାଗ୍ରତ ଓ ସଚେତନ ହୋଇ ସଂସ୍କୃତି ସଂପନ୍ନ କାମ କଲେ ନାରୀ ସମାଜର ପ୍ରଗତି ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଭା ଆରମ୍ଭରେ ଆକାଂକ୍ଷା ଉଦ୍‌ଗାତା ବେଦ ପଠନ କରିଥିଲେ । କବିତା ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋତିରାଣୀ ମିଶ୍ର ସଭା ପରିଚାଳନା କରିଥିଲେ । ସଂପାଦିକା କସ୍ତୁରୀ ରଥ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ସମାରୋହରେ ବିଶିଷ୍ଟ କଳା ଶିକ୍ଷୟତ୍ରୀ ତଥା ସଞ୍ଜ୍ୟୋତ କଳା କେନ୍ଦ୍ର ନିର୍ଦ୍ଦେଶିକା ସଂଗୀତା ଦାଶଙ୍କୁ ଆଦ୍ୟାଶକ୍ତି ସମ୍ମାନ ଓ ଆଦର୍ଶ ଶିକ୍ଷୟିତ୍ରୀ ସଂଜୁଲତା ମିଶ୍ରଙ୍କୁ ଆଦର୍ଶ ଗୃହିଣୀ ଭାବେ ଲଳିତା ଖୁଆସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ମମତାମୟୀ ଜେନା ଓ ତନୁଜା ପତି ମଧ ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ବରୁ ହୋଇଯାଇଥିବା ପ୍ଲାଷ୍ଟିକ ଗ୍ଲାସରେ ପିରାମିଡ ତିଆରି କରିବା, ବଲ ଫିଙ୍ଗା, ମ୍ୟୁଜିକ ଚେୟାର, ସଂଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କେଶବ ମିଶ୍ର, ଅରୁଣ ଖୁଆସ, ଚୁଡେନ୍ଦ୍ର ବେହେରା, ନିରୁପମା ପାଣିଗ୍ରାହୀ, ନିହାରିକା ମିଶ୍ର, ସଂଯୁକ୍ତା ମିଶ୍ର, ଦିପ୍ତିମୟୀ ମିଶ୍ର, ସଂଗୀତା ମିଶ୍ର, ରଶ୍ମି ପାତ୍ର, କୁମୁଦିନୀ ପୃଷ୍ଟି, ଚିନ୍ମୟୀ ଉଦ୍‌ଗାତା, ସୌଦାମିନୀ ମିଶ୍ର, ରାଜଶ୍ରୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଆରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ପ୍ରୋତ୍ସାହନ ଅଭାବ

## ଲୁଗାବୁଣା ଛାଡି ଦାଦନ ଯାଉଛନ୍ତି ତନ୍ତୀ ପରିବାର



ଚନ୍ଦାହାଣ୍ଡି, ୩୦/୧୨: ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଅଧିନ ଖପରାଡିହି ଗ୍ରାମର ତନ୍ତୀ ପରିବାର ସରକାରୀ ସହାୟତା ଏବଂ ଜୀବିକା ମିଶିନ ଦୂରଦୃଷ୍ଟି ଅଭାବରୁ ନିଜର କୌଳିକପେଶା ଲୁଗାବୁଣା ଛାଡି ଦାଦନ ଯାଉଛନ୍ତି। ଏହାଛଡା ତନ୍ତୀ ପରିବାରର ୧୦ ଜଣ ମହିଳା ମହାଲକ୍ଷ୍ମୀ ନାମକ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରିବା ସହ ସେମାନେ ସିଲେଇ କାମ କରି ସ୍ୱାବଲମ୍ବୀ ହୋଇ ଥିଲେ ମଧ ମିଶନ ଶକ୍ତି ଏବଂ ଜୀବିକା ମିଶନର ଏଥିପ୍ରତି କୌଣସି ନିଘା ନାହିଁ ବୋଲି ସଂଘର ସଭାନେତ୍ରୀ ପାନ ମେହେର ପ୍ରକାଶ କରିଛନ୍ତି। ଯଦି ସେମାନଙ୍କୁ ମିଶନ ଶକ୍ତି ଏବଂ ଜୀବିକା ମିଶନ ତରଫରୁ ତାଲିମ୍ ଏବଂ ସରକାରୀ ସହାୟତା ପ୍ରଦାନ କରାଯାଏ ତେବେ, ସେମାନେ ନିଜର କୌଳିକ ପେଶା ଲୁଗାବୁଣାକୁ ପୁଣି ଥରେ ଆରମ୍ଭ କରିବେ ବୋଲି ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି କରାଯାଉଛି। ସୂଚନା ମୁତାବକ ଗମ୍ଭାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ଖପରାଡିହି ଗ୍ରାମରେ ୬୦ ରୁ ୮୦ ଦଶକ ପର୍ଯ୍ୟନ୍ତ ଗ୍ରାମରେ ରହିଥିବା ୩୦ ରୁ ୪୦ ତନ୍ତୀ ପରିବାର ଲୁଗାବୁଣି ନିଜର ଗୁଜୁରାଣ ମେଣ୍ଟାଇବା ସହ ବିଶେଷ ଲୋକପ୍ରିୟତା ହାସଲ କରି ଥିବା ନେଇ ବରିଷ୍ଠ ନାଗରିକ ତଥା ବରିଷ୍ଠ ମହିଳା ବୁଣାକାର ପଦ୍ମା ମେହେର ପ୍ରକାଶ କରିଛନ୍ତି। ସେ ସମୟରେ ତାଙ୍କ ସ୍ୱାମୀ ଚୈତନ୍ୟ ମେହେର ଲୁଗାବୁଣା କାର୍ଯ୍ୟ କରୁଥିବା ବେଳେ ସେ ସୂତା କାମ ଏବଂ ରଙ୍ଗ ଦେବାରେ ସହାୟତା କରୁ ଥିଲେ। ଲୁଗା ବୁଣିବା ପାଇଁ ଏକ କାଠ ଯନ୍ତ୍ର (ଡଙ୍ଗି) ଏବଂ ସୁତା ସଜାଇବା ପାଇଁ ଯନ୍ତ୍ର (ବବିନ )ର ଦରକାର ପଡୁ ଥିଲା। ସେ ସମୟରେ ସେଠାରେ ସୂତା ମିଳୁ ନ ଥିବାରୁ ପଡୋଶୀ ଛାତିଶଗଡ଼ ରାୟପୁର ଉପରେ ନିର୍ଭର କରିବାକୁ ପଡୁଥିଲା ବୋଲି ସେ ପ୍ରକାଶ କରିଛନ୍ତି। କପଟା( ଶାଢ଼ୀ ) ୫ଟଙ୍କା ରଙ୍ଗ ବେରଙ୍ଗ ଶାଢ଼ୀ (ମସୁରୀ ) ୭ ଟଙ୍କା ଭାଲୁଆ ଶାଢ଼ୀ ଉନ୍ନତ ଧାରଣର ୧୦ ଟଙ୍କା, ଗାମୁଛା ୫ ଟଙ୍କା ଏବଂ ଧୋତି ୧୦ଟଙ୍କାରେ ବିକ୍ରୀ ହେଉ ଥିବା ନେଇ ସେ ପ୍ରକାଶ କରି ଛନ୍ତି। ଏଥିରେ ସେମାନଙ୍କ ପରିବାର ବେଶ ହସଖୁସିରେ ଚଳୁଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ ଚୈତନ୍ୟ ମେହେରଙ୍କ ବ୍ୟତୀତ ସ୍ୱର୍ଗତ ଗୌର ମେହେର, ସ୍ୱର୍ଗତ ସୌରା ମେହେର କଇତନ ମେହେର ଏକ ଭଲ ବୁଣା କାର ରହି ଥିଲେ। ଆଧୁନିକ କାରିଗରି କୌଶଳ ଅଭାବରେ ଲୋକଙ୍କ ଚାହିଦା କମିଯିବା ସହ ସରକାରୀ ପ୍ରୋତ୍ସାହନ ଅଭାବ ରେ ବର୍ତ୍ତମାନର ଯୁବପିଢ଼ି ଏହି ପେଶା ପ୍ରତି ମୁହଁ ଫେରାଇ ନିଜର ପେଟପାଟଣା ପାଇଁ ଦାଦନ ଯାଉଛନ୍ତି। ବୁଣାକାରଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହି ଥିଲେ ମଧ ଏମାନଙ୍କ ଉପରେ କାହାର ନଜର ନାହିଁ। ଏ ସମ୍ପର୍କ ରେ ଜିଲ୍ଲା ମିଶନ ଶକ୍ତି ମହାସଂଘ ସଦସ୍ୟା( ଡିଏଲଏଫ ) କୌଶଲ୍ୟା ପାଣ୍ଡେ ସେମାନଙ୍କ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମିଶନ ଶକ୍ତି ମାଧ୍ୟମରେ ତାଲିମ୍ ପ୍ରଦାନ ସହ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଜିଲ୍ଲା ମିଶନ ଶକ୍ତି ମହା ସଙ୍ଘ ବୈଠକ ରେ କଥା ଉପସ୍ଥାପନା କରିବା ସହ ସେମାନେ ବୁଣାକାର ପେଶାକୁ ଆପଣେଇ କିପରି ରୋଜଗାରକ୍ଷମ ହୋଇ ପାରିବେ ସେ ବିଶେଷ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ତରୁଣୀ ମେହେର, ଶେଷଦେବ ମେହେର ଚଞ୍ଚଳା ମେହେର, ତିଳୋତ୍ତମା ମେହେର, ବିଏଲଏଫ ସମ୍ପାଦିକା ପ୍ରତିମା ଦାସ ପ୍ରମୁଖ ଦାବି କରିଛନ୍ତି।

## ଘର ଉଜାଡିଲା ବଣୁଆ ଦନ୍ତା: ଜୀବନ ବଞ୍ଚାଇ ଘରୁ ଦୌଡ଼ି ପଳାଇଲେ ମହିଳା

ବୈଶିଙ୍ଗା: ବେତନଟୀ ରେଞ୍ଜ ତଥା ବୈଶିଙ୍ଗା ଥାନା ଅଧୀନ ସଇତପୁର ପଞ୍ଚାୟତ ଅଧୀନ କୁରାଡ଼ିକ ଗ୍ରାମରେ ସୋମବାର ସକାଳ ୬ଟା ସମୟରେ ବଣୁଆ ହାତୀପଶି ଜନୈକା ମହିଳାଙ୍କ ଘର ଉପରେ ଘନଘନ ଆକ୍ରମଣକରି ଘରକୁ ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ଏହି ଆକ୍ରମଣରୁ ମହିଳା ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖାଦ୍ୟ ଅନ୍ୱେଷଣରେ ବଣୁଆହାତୀ କୁରାଡ଼ିକ ଗାଁରେ ପଶିଥିଲା। ଏହାପରେ ଗ୍ରାମରେ ସାଲଗେ ସୋରେନଙ୍କ ଉପରେ ଘନଘନ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲା। ହାତୀ ଆକ୍ରମଣରେ ସାଲଗେଙ୍କ ଘର କାନ୍ଥ ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ହାତୀ ଆକ୍ରମଣ ସମୟରେ ସାଲଗେ ଘରେ ଶୋଇଥିଲେ। ତେବେ ସେ ଜୀବନ ବଞ୍ଚାଇ ଘରୁ ବାହାରକୁ ଦୌଡ଼ି ପଳାଇଆସି ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘର ଭାଙ୍ଗିବା ପରେ ସାଲଗେଙ୍କ ଘରେ ଗଛିତ ରଖିଥିବା ଧାନ ଚାଉଳ ଖାଇବା ସହିତ ଆସବାବପତ୍ର ଭଙ୍ଗାରୁଜା କରି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଗ୍ରାମବାସୀମ ?ାନେ ହୋହଲ୍ଲା କରିବା ପରେ ହାତୀ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା।

## ଜାନୁଆରୀ ଓ ଫେବୃଆରୀ - ୨୦୨୫ ମାସରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥିରିକୃତ

ଯାଜପୁର, ତା ୩୦।୧୨।୨୦୨୪ ରିଖ: ଆଗାମୀ ବର୍ଷ ୨୦୨୫ ଜାନୁଆରୀ ଓ ଫେବୃଆରୀ ମାସରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପି. ଅନ୍ୱେଷା ରେଡ୍ଡୀ ଏବଂ ଅରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଯାଇଅଛି । ଜନ ସାଧାରଣଙ୍କ ର ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡିକୁ ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ ଅଭିଯୋଗ ଗୁଡିକର ତତ୍କାଳ ସମାଧାନ କରିବେ । ଆଗାମୀ ଜାନୁଆରୀ ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ତା ୦୬।୦୧।୨୦୨୫ ରିଖ (ସୋମବାର) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ତା ୧୩।୦୧।୨୦୨୫ ରିଖ (ସୋମବାର) କଳିଙ୍ଗନଗର (କେ. ଏନ. ଡି. ଏ )ସମ୍ମିଳନୀ ଗୃହ, ତା ୨୦।୦୧।୨୦୨୫ ରିଖ (ସୋମବାର) ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୨୭।୦୧।୨୦୨୫ ରିଖ (ସୋମବାର) ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ପୂର୍ବାହ୍ନ ୧୦.୦୦ ଘଟିକା ସମୟରୁ ଅପରାହ୍ନ ଘ ୨.୦୦ ଟିକା ସମୟ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଫେବୃଆରୀ ମାସରେ ତା ୦୩।୦୨।୨୦୨୫ ରିଖ (ସୋମବାର) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ତା ୧୦।୦୨।୨୦୨୫ ରିଖ (ସୋମବାର) ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୧୭।୦୨।୨୦୨୫ ରିଖ (ସୋମବାର), କୋରେଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୨୪।୦୨।୨୦୨୫ ରିଖ (ସୋମବାର) ବିଂଝାରପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହଠାରେ ଯଥାକ୍ରମେ ପୂର୍ବାହ୍ନ ୧୦.୦୦ ଘଟିକା ସମୟରୁ ଅପରାହ୍ନ ଘ ୨.୦୦ ଟିକା ସମୟ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଣୁ ରସୁଲପୁର ବ୍ଲକ,ଦାନଗଦି ବ୍ଲକ୍, ସୁକିନ୍ଦା ବ୍ଲକ, ବିଞ୍ଝାରପୁର ବ୍ଲକ, କୋରେଇ ବ୍ଲକ, ବ୍ଲକ ଏବଂ ଜିଲ୍ଲାର ଯେଉଁ ଜନସାଧାରଣଙ୍କ କୌଣସି ଆପତ୍ତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କର ଆପତ୍ତି ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜଣାଇ ଦିଆଗଲା।

## ବଣ ଭୋଜି ହେଲା କାଳ / କାର ଦୁର୍ଘଟଣା ଗସ୍ତ / ଜଣେ ନିହତ ଦୁଇଜଣ ଗୁରୁତର

କାଶୀନଗର , ତା ୩୦/୧୨/୨୪ କାଶୀନଗର ବ୍ଲକ ଅନ୍ତର୍ଗତ ଅଲଡା ଗ୍ରାମ ନିକଟରେ ଏକ ସ୍କୋଡା କାର ଯାହାର ନଂ ଓଡି ୦୨ ସି ଡି ୨୦୩୦ ଭରସାମ୍ୟ ହରାଇ ଦୁର୍ଘଟଣା ଗସ୍ତ ହୋଇଥିଲା. ଦୁର୍ଘଟଣା ସ୍ଥଳରେ କାର ମାଲିକ ସୁଶାନ୍ତ କୁମାର ବାରିକ ନିଜେ ଗାଡି ଚଳାଉ ଥିଲେ ଓ ତାଙ୍କ ମୃତ୍ୟୁ ହୋଇଥିଲା. ଅନ୍ୟ ଦୁଇଜଣଙ୍କୁ ଗଭୀର ଆଘାତ ହୋଇଥିବା ରୁ ସେମାନଂକୁ ଗୁଣୁପୁର ମେଡିକାଲ କୁ ନେଇ ଚିକିତ୍ସା କରାଯାଉଛି। ସୂଚନା ମୁତାବକ ସେମାନେ ଭୁବନେଶ୍ୱର ରୁ ପିକନିକ କରିବା ପାଇଁ ବାହାରି କୋରାପୁଟ ନିକଟରେ ଥିବା ଦେବମାଳୀ ଯାଉଥିବା ରାସ୍ତା ରେ ଏମିତି ଅଘଟଣ ଘଟିଥିବା ଯାଞ୍ଚ କରୁଥିବା ପୋଲିସ ଅଧିକାରୀ ଆଲୋକ ରଞ୍ଜନ ଜଗଦଲ କହି ୨୦୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ସୂଚନା ଦେଉଛନ୍ତି।

**Affidavit**

By virtue of as affidavit sworn before Executive Magistrate, Khorsha dt.25.12.24. I Kabita Prusty, W/oBijaya Kumar Prusty, Vill-Kalikaprasad, Po-Chakapada, P.s-Begunia, Dist-Khordha,Odisha, Pin-752062. my Adhaar No-817067416285 is declared that changed my daughter birth of date 12/09/2012 to 26/12/2014 birth certificate vide regd no-27/23/2014 and name from Arpita Prusty to Ankita Prusty for all Purposes.

Kabita Prusty

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ